


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-26 •SUNDAY •20 JULY 2025 •PAGE-12 •₹ 6.00 | SAMBALPUR | •ବର୍ଷ-୪୩ •ସଂଖ୍ୟା-୨୬ •ରବିବାର •୨୦ ଜୁଲାଇ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦ (ସିନ୍ଦୂରା ସହ)



DADLS-39



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଶକ୍ତିଶ୍ରୀ

## ଉଚ୍ଚଶିକ୍ଷା ଅନୁଷ୍ଠାନରେ ସୁନିଶ୍ଚିତ ହେବ ଛାତ୍ରୀ ସୁରକ୍ଷା

- ଛାତ୍ରୀଙ୍କୁ ଆତ୍ମସୁରକ୍ଷା ଏବଂ ମାନସିକ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ ଦେବା ପାଇଁ ୧୬ ବିଶ୍ୱବିଦ୍ୟାଳୟ ଏବଂ ୭୩୦ ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ଖୋଲିବ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର
  - ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ରର ପରିଚାଳନା ପାଇଁ ଜଣେ ଛାତ୍ରୀ "ଶକ୍ତିଶ୍ରୀ ସାଥୀ" ଏବଂ ଜଣେ ଅଧ୍ୟାପିକା "ଶକ୍ତିଶ୍ରୀ ସଂଯୋଜିକା" ଭାବରେ ନିଯୁକ୍ତ ହେବେ
  - ଜିଲ୍ଲାପାଳଙ୍କ ଦ୍ୱାରା ୫ ଜଣ ବିଶିଷ୍ଟ କାର୍ଯ୍ୟରତ ମହିଳା "ଶକ୍ତି ଅପା" ଭାବରେ ମନୋନୀତ ହେବେ
- ଶକ୍ତିଶ୍ରୀ ମୋବାଇଲ ଆପ୍ ସାଜିବ ଛାତ୍ରୀଙ୍କ ସାଥି
  - ପ୍ରତ୍ୟେକ ଛାତ୍ରୀଙ୍କ ପାଇଁ ସୂଚନା, ଅଭିଯୋଗ ଏବଂ SOS ସାହାଯ୍ୟ ସୁନିଶ୍ଚିତ କରିବ
  - ଗୋପନୀୟ ଭାବରେ ସିଧାସଳଖ ଅଭିଯୋଗ ପଞ୍ଜୀକରଣ କରିପାରିବେ ଛାତ୍ରୀ
- ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ପାଇଁ ଲାଗୁ ହେବ ସ୍ୱତନ୍ତ୍ର କୋଡ୍ ଅଫ୍ କଣ୍ଡକ୍ଟ
- SAFE କ୍ୟାମ୍ପେନ ମାଧ୍ୟମରେ ବର୍ଷକୁ ଦୁଇ ଥର ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର, ମହିଳାଙ୍କ ସୁରକ୍ଷା ଓ ଅଧିକାର ସମ୍ବନ୍ଧୀୟ ସଚେତନତା କର୍ମଶାଳା
- ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ୩୧ ଡିସେମ୍ବର ସୁଦ୍ଧା ପ୍ରଦାନ କରିବେ ବାର୍ଷିକ କ୍ୟାମ୍ପସ ସୁରକ୍ଷା ରିପୋର୍ଟ
- ପ୍ରତ୍ୟେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଲାଗିବ ସିସିଟିଭି କ୍ୟାମେରା
- POSH (Prevention of Sexual Harassment) ଆଇନର ଅନଲାଇନ ପ୍ରଶିକ୍ଷଣ ବାଧ୍ୟତାମୂଳକ ହେବ
- ସମସ୍ତ ଶକ୍ତିଶ୍ରୀ ସାଥୀ, ଶକ୍ତିଶ୍ରୀ ସଂଯୋଜିକା ଓ ଶକ୍ତି ଅପାମାନଙ୍କ ପାଇଁ ବାର୍ଷିକ ଏକ-ଦିବସୀୟ ଶକ୍ତି ସ୍ୱରୂପିଣୀ କର୍ମଶାଳା ଆୟୋଜିତ ହେବ




## ଛାତ୍ରୀ ସୁରକ୍ଷାକୁ ସଶକ୍ତ କରିବ ଶକ୍ତିଶ୍ରୀ

OIPR - 15001/13/0931/2526

ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାର




◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-26 •SUNDAY •20 JULY 2025 •PAGE-12 •₹ 6.00 | SAMBALPUR | •ବର୍ଷ-୪୩ •ସଂଖ୍ୟା-୨୬ •ରବିବାର •୨୦ ଜୁଲାଇ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦ (ସିନ୍ଦୂରା ସହ)


# ଲିଭୁନି ନିର୍ଯାତନା ନିଆଁ



## ସ୍ୱଷ୍ଟ ଦିବାଲୋକରେ ନାବାଳିକାକୁ ଜାଳିଦେଲେ

■ ପୁରୀ/ବଳଙ୍ଗା/ସାକ୍ଷୀଗୋପାଳ, ୧୯।୭ (ସମିସ): ବାଲେଶ୍ୱର ପରେ ଏବେ ବଳଙ୍ଗାରେ ଲଜ୍ଜା। ବାଲେଶ୍ୱର ଏଫ୍ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ 'ଆତ୍ମାହୁତି' ନିଆଁ ଥମି ନଥିବା ବେଳେ ପୁରୀ ଜିଲ୍ଲା ବଳଙ୍ଗାରେ ଆଜି ଜଣେ ନାବାଳିକାଙ୍କୁ ଜିଅନ୍ତା ଜାଳିଦେବାକୁ ଉଦ୍ୟମ ହୋଇଛି। ସ୍ୱଷ୍ଟ ଦିବାଲୋକରେ ୩ ଦୁର୍ବୃତ୍ତ ଏଭଳି ନାରକୀୟ କାଣ୍ଡ ଭିଆଇଛନ୍ତି। ଦୁର୍ବୃତ୍ତମାନେ ନାବାଳିକାଙ୍କୁ ରାସ୍ତାରେ

**୭୫ ଭାଗ ଦଗ୍ଧ ପୀଡ଼ିତା ଏମ୍ସରେ ଭର୍ତ୍ତି**

**ପୀଡ଼ିତାଙ୍କ ବୟାନ ରେକର୍ଡ କଲା ପୁଲିସ୍**

**ନିଶା ଶୁଙ୍ଘାଇ ଅଚେତ ପରେ ଅପହରଣ**

**ନଦୀବନ୍ଧ କଡ଼ରେ ନିଆଁ ଲଗାଇଦେଲେ**

**ଘଟଣାସ୍ଥଳରେ କେନ୍ଦ୍ରାଞ୍ଚଳ ଆଇଜି**


ଅଟକାଇବା ପରେ ମୁହଁରେ କପଡ଼ା ଦେଇ ତାଙ୍କୁ ଅଚେତ କରିବା ପରେ ବାଇକ୍‌ରେ ଉଠାଇ ନେଇଥିଲେ। ନିକଟସ୍ଥ ଭାର୍ଗବୀ ନଦୀବନ୍ଧକଡ଼କୁ ନେଇ ସେଠାରେ ତାଙ୍କ ଦେହରେ ନିଆଁ ଲଗାଇ ଦେଇଥିଲେ। ଏଥିରେ ନାବାଳିକାଙ୍କ ଶରୀରର ବିଭିନ୍ନ ଅଂଶ ପୋଡ଼ିଯାଇଛି। ସଂକଟାପନ୍ନ ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଛି। କେନ୍ଦ୍ରାଞ୍ଚଳ



ଆଇଜି ପ୍ରବୀଣ କୁମାର ପୀଡ଼ିତାଙ୍କ ଘର ଏବଂ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ହେଲେ, ସଂପୃକ୍ତ ▶ପୃଷ୍ଠା-୭

## ଆବଶ୍ୟକ ହେଲେ ପୀଡ଼ିତାଙ୍କୁ ଦିଲ୍ଲୀ ଏମ୍ସ ଏୟାରଲିଫ୍ଟ: ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୧୯।୭ (ସମିସ): ପୁରୀ ଜିଲ୍ଲା ବଳଙ୍ଗାଠାରେ ନାବାଳିକାଙ୍କୁ ନିଆଁ ଲଗାଇ ଦେବାପରି ଅଭାବନୀୟ ଘଟଣାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି, ଘଟଣାରେ ପୁଲିସ ଆମୂଳଚୂଳ ତଦନ୍ତ ଜାରି ରଖିଛି। ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଥିବା ପୀଡ଼ିତାଙ୍କ ଜୀବନ ରକ୍ଷା ପାଇଁ ସମସ୍ତ ପ୍ରକାର ଉଦ୍ୟମ ଜାରି ରହିଛି। ଆବଶ୍ୟକ ପଡ଼ିଲେ ପୀଡିତାଙ୍କୁ ଏୟାରଲିଫ୍ଟ କରି ଦିଲ୍ଲୀ ଏମ୍ସରେ ଚିକିତ୍ସା କରିବା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗ ଏବଂ ସିଏମ୍ଓ ଏମ୍ସ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗରେ ଅଛନ୍ତି। ଯଦି ତାଙ୍କୁ ଏୟାରଲିଫ୍ଟ କରିବା ପାଇଁ ପରିସ୍ଥିତି ଅନୁକୂଳ ହୁଏ ଏବଂ ଭୁବନେଶ୍ୱର ଏମ୍ସର ନିର୍ଦ୍ଦେଶକ ଅନୁମୋଦନ ଦିଅନ୍ତି, ତେବେ ତାଙ୍କୁ ଦିଲ୍ଲୀ ନେବା ପାଇଁ ସମସ୍ତ ବ୍ୟବସ୍ଥା କରାଯିବ। ଏହି ଘଟଣାରେ ଅପରାଧୀଙ୍କୁ କଠୋରରୁ କଠୋରତମ ଦଣ୍ଡ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



"ସରକାରୀ ନିଷ୍କ୍ରିୟତା ଓ ରାଜନୈତିକ ପୃଷ୍ଠପୋଷକତା କାରଣରୁ ରାଜ୍ୟରେ ମହିଳା ଅସୁରକ୍ଷିତ"

### କ୍ଷୋଭ ପ୍ରକାଶ କଲେ ନବୀନ

## ନିଦରୁ ଉଠନ୍ତୁ ସରକାର

■ ଭୁବନେଶ୍ୱର, ୧୯।୭ (ସମିସ): ପୁରୀ ଜିଲ୍ଲା ନିମାପଡ଼ା ଅନ୍ତର୍ଗତ ବଳଙ୍ଗା ଅଞ୍ଚଳରେ ଜଣେ ନାବାଳିକାଙ୍କୁ କେତେକ ଦୁର୍ବୃତ୍ତ ଜାଳି ଦେଇଥିବାରୁ ଏହାକୁ ନେଇ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ମହିଳାମାନଙ୍କ ବିରୁଦ୍ଧରେ ଏପରି ଅକଳ୍ପନୀୟ ହିଂସା ଏବେ ସାରା ଓଡ଼ିଶାରେ ପ୍ରାୟ ପ୍ରତିଦିନ ଘଟୁଛି। ସରକାରୀ ନିଷ୍କ୍ରିୟତା ଏବଂ ରାଜନୈତିକ ପୃଷ୍ଠପୋଷକତା କାରଣରୁ ଓଡ଼ିଶା ମହିଳାଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଛି। ସରକାର ଗଭୀର ନିଦରୁ ଉଠି ଅପରାଧୀଙ୍କୁ ଗିରଫ କରିବା ପାଇଁ ତ୍ୱରିତ୍ ପଦକ୍ଷେପ ନେବେକି ବୋଲି ପ୍ରଶ୍ନ କରିଛନ୍ତି ନବୀନ।

ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ ଲେଖିଛନ୍ତି, ପୁରୀ ଜିଲ୍ଲାର ବଳଙ୍ଗା ଅଞ୍ଚଳରେ ଜଣେ ଛାତ୍ରୀଙ୍କୁ ପୋଡ଼ି ଦିଆଯାଇଥିବା ଜାଣି ମୁଁ ଗଭୀର ମର୍ମାହତ। ▶ପୃଷ୍ଠା-୭


## ଶିଶୁକନ୍ୟାକୁ ଦୁଷ୍କର୍ମ; ବୃଦ୍ଧ ଗିରଫ

■ ବାଲେଶ୍ୱର, ୧୯।୭ (ସମିସ): ବାଲେଶ୍ୱର ସହରରେ ପୁଣି ଏକ ଲଜ୍ଜାଜନକ ଘଟଣା ଘଟିଛି। ୭ ବର୍ଷର ଏକ ଶିଶୁକନ୍ୟାକୁ ଦୁଷ୍କର୍ମ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ୍ ଜଣେ ୬୦ବର୍ଷର ବୃଦ୍ଧଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଜଣଙ୍କ ସ୍ଥାନୀୟ ବହଖୁଆ ଅଞ୍ଚଳର ସେକ ମେହେବୁବ। ବାଲେଶ୍ୱର ଟାଉନ୍ ଥାନା ଅଞ୍ଚଳରେ ଶିଶୁକନ୍ୟାଙ୍କ ପରିବାରର ଏକ ▶ପୃଷ୍ଠା-୭

**ଲଜ୍ଜା**

## ଘରୁ ଟେକିନେଇ ୩ ଦିନ ଦୁଷ୍କର୍ମ

■ ସାନଖେମୁଣ୍ଡି, ୧୯।୭ (ସମିସ): ଗଞ୍ଜାମରେ ପୁଣି ଲଜ୍ଜା। ଘରୁ ଟେକିନେଇ ଏକ ପରିତ୍ୟକ୍ତ ଘରେ ବାରମ୍ବାର ଦୁଷ୍କର୍ମ କରିବା ପରେ ପାଖ ଜଙ୍ଗଲରେ ଏକୁଟିଆ ଛାଡ଼ି ଚାଲିଗଲେ ଦୁଷ୍କର୍ମକାରୀ। ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ୍ ପାଟପୁର ଥାନା ଅଞ୍ଚଳରୁ ଆଜି ଏପରି ଏକ ଛାତିଥରା ଘଟଣା ପଦାକୁ ଆସିଛି। ଜଣେ ନାବାଳିକା ୩ ଦିନ ଧରି ଏଭଳି ପାଶବିକ ଅତ୍ୟାଚାରର ଶିକାର ହୋଇଛନ୍ତି। ▶ପୃଷ୍ଠା-୭










## ୧୬ ମିନିଟ୍ ଭିତରେ ଫେରିଆସିଲା ବିମାନ

ହାଇଦରାବାଦ୍, ୧୯ ।୭(ଏଜେନ୍ସି): ଏୟାର ଇଣ୍ଡିଆର ଏକ ଏକ୍ସପ୍ରେସ୍ ବିମାନ ଟେକ୍ ଅଫ୍ କରି ୧୬ ମିନିଟ୍ ଆକାଶରେ ଉଡିବା ପରେ ପ୍ରତ୍ୟାବର୍ତ୍ତନ କରିବା ଭଳି ଘଟଣା ସାମ୍ନାକୁ ଆସିଛି। ସ୍ଥାନୀୟ ରାଜୀବ ଗାନ୍ଧୀ ବିମାନ ବନ୍ଦରରେ ଏହି



ଘଟଣା ଘଟିଛି। ଫଳରେ ଏକ ବଡ଼ ଅଘଟଣ ହେବାରୁ ବିମାନ ବର୍ତ୍ତିଯାଇଛି। ସକାଳ ୬.୪୦ରେ ବୋଇଂର ବିମାନ ମ୍ୟାକ୍ସ ୮ ଆଇଏକ୍ସ ୧୧୦ ହାଇଦରାବାଦ୍‌ରୁ ଥାଇଲାଣ୍ଡର ଫୁକେଟ୍‌କୁ ବାହାରିଥିଲା। କିନ୍ତୁ ଟେକ୍ ଅଫ୍ କରିବାର କିଛି ସମୟ ପରେ ହିଁ ବିମାନ ଫେରିଆସିଥିଲା। ବିମାନରେ ବୈଷୟିକ ତ୍ରୁଟି ରହିଥିଲା। ତେବେ କି ପ୍ରକାର ତ୍ରୁଟି ଥିଲା ସେ ନେଇ କିଛି ସ୍ପଷ୍ଟ କରାଯାଇନାହିଁ। ଏହି ବିମାନ ଫୁକେଟ୍‌ରେ ପୂର୍ବାହ୍ନ୧୧.୪୫ରେ ଫୁକେଟ୍‌ରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଥିଲା। ଅବଶ୍ୟ ବୈଷୟିକ ତ୍ରୁଟି କାରଣରୁ ବିମାନ ଫେରିବା ଘଟଣା ନୂଆ ନୁହଁ। ଆଗରୁ ମଧ୍ୟ ଏକାଧିକ ବାର ଏହି ଭଳି ଘଟଣା ଘଟିଛି। ପୂର୍ବରୁ ଚଳିତ ସପ୍ତାହରେ ଦିଲ୍ଲୀରୁ ଇମ୍ଫାଲ ଯାଉଥିବା ଇଣ୍ଡିଗୋ ବିମାନ ମଧ୍ୟ ସମ କାରଣ ଯୋଗୁଁ ଟେକ୍ ଅଫ୍ କରିବାର କିଛି ସମୟ ପରେ ଫେରିଆସିଥିଲା।

## ବଙ୍ଗଳା ଭାଷୀଙ୍କୁ ଆସାମ ସରକାର ଧମକାଉଛନ୍ତି: ମମତା

କୋଲକାତା, ୧୯ ।୭(ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆସାମର ବିଜେପି ସରକାରଙ୍କ ବିରୋଧରେ ଏକ ବଡ଼ ଅଭିଯୋଗ ଆଣିଛନ୍ତି। ଆସାମର ହିମନ୍ତ ବିଶ୍ୱ ଶର୍ମା ସରକାର ବଙ୍ଗଳା ଭାଷୀଙ୍କୁ ଧମକାଉଛନ୍ତି। ଆସାମରେ ଯେଉଁ ଲୋକମାନେ ସବୁ ଭାଷା, ଧର୍ମ ତଥା ସମ୍ପ୍ରଦାୟ ସହ ମିସିକରି ରହିବାକୁ ଚାହୁଁଛନ୍ତି, ସେମାନଙ୍କୁ ସରକାର ଧମକାଉଛନ୍ତି ବୋଲି ସେ କହିଛନ୍ତି। କିନ୍ତୁ ହିମନ୍ତ ମମତାଙ୍କ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ନିଜ ନାଗରିକଙ୍କ ସହ ନୁହଁ ସୀମାପାରରୁ ଆସିଥିବା ଅନୁପ୍ରବେଶକାରୀଙ୍କ ସହ ଆମେ ଲଢେଇ କରୁଛୁ ବୋଲି ସେ କହିଛନ୍ତି। ଅନୁପ୍ରବେଶକାରୀଙ୍କ ଯୋଗୁଁ ଆସାମ ଜନସଂଖ୍ୟାରେ ବଡ଼ ପରିବର୍ତ୍ତନ ହୋଇଛି। କେତୋଟି ଜିଲ୍ଲାରେ ଏବେ ହିନ୍ଦୁ ଅଳ୍ପସଂଖ୍ୟକ ହୋଇଛନ୍ତି। ଆମେ ଆସାମର ସଂସ୍କୃତି, ପରମ୍ପରା ଓ ପରିଚୟକୁ ବଜାୟ ରଖିବାକୁ ସଂଘର୍ଷ କରୁଛୁ ବୋଲି ହିମନ୍ତ ସ୍ପଷ୍ଟ କରିଛନ୍ତି। ମମତା ଅଜଥାରେ ଏ ନେଇ ରାଜନୀତି କରୁଛନ୍ତି ବୋଲି ସେ ପାଲଟା ଅଭିଯୋଗ ଆଣିଛନ୍ତି।

## ଗୋଟିଏ ଝିଅକୁ ବାହା ହେଲେ ଦୁଇ ଭାଇ

ନାହନ, ୧୯ ।୭(ଏଜେନ୍ସି): ହିମାଚଳ ପ୍ରଦେଶରେ ଦୁଇଭାଇ ଗୋଟିଏ ଝିଅକୁ ବିବାହ କରିଛନ୍ତି। ସିରମୋର ଜିଲ୍ଲାର ଶିଲାଇ ଗାଁର ପ୍ରଦୀପ ନେଗୀ ଓ କପିଲ ନେଗୀ କହ୍ନାଟ ଗାଁର ଯୁବତୀ ସୁନୀତା ଚୌହାନଙ୍କୁ ବିବାହ କରିଛନ୍ତି। ଏହି ଅଞ୍ଚଳରେ ଅବଶ୍ୟ ଏଭଳି ବିବାହ ଆଦୌ ନୂଆ ନୁହଁ। ଏଠାରେ ଏଭଳି ବିବାହର ପରମ୍ପରା ରହିଆସିଛି।



ଏହି ପରମ୍ପରାକୁ ବହୁପତି ବିବାହ କୁହାଯାଇଥାଏ। ଏହି ବିବାହ ଉତ୍ସବ ୩ ଦିନ ଧରି ଚାଲିଥିଲା। ପ୍ରଦୀପ ଜଳ ଶକ୍ତି ନିଗମର କର୍ମଚାରୀ ଭାବେ ଚାକିରି କରୁଛନ୍ତି। ସେହିପରି ତାଙ୍କ ଭାଇ କପିଲ୍ ମଧ୍ୟପ୍ରାଚ୍ୟ ଦେଶ ବାହରିନର ଏକ ହୋଟେଲରେ ଚାକିରି କରିଛନ୍ତି। ଏଭଳି ବିବାହ ପରିବାରକୁ ଏକାଠି କରି ରଖିଥାଏ ବୋଲି କୁହାଯାଉଛି। ୩ ଜଣ ମିଳିତ ଭାବେ ଏହି ବିବାହ କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି କହିଛନ୍ତି।

## ଧରାପଡ଼ିଲେ ହସ୍ପିଟାଲରେ ଗ୍ୟାଙ୍ଗଷ୍ଟର ହତ୍ୟାକାରୀ


କୋଲକାତା, ୧୯ ।୭(ଏଜେନ୍ସି): ପାଟନାର ଏକ ହସ୍ପିଟାଲରେ ଗ୍ୟାଙ୍ଗଷ୍ଟର ଚନ୍ଦନ ମିଶ୍ରା ହତ୍ୟା ମମଲାରେ କୋଲକାତାରୁ ସବୁ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। କୋଲକାତା ନିକଟସ୍ଥ ନ୍ୟୁ ଟାଉନ୍।ରେ ବିହାର ପୁଲିସ ଓ ପଶ୍ଚିମବଙ୍ଗ ପୁଲିସ ମିଳିତ ଭାବେ ଚଢ଼ାଉ କରି ଏକ ହାଉସିଂ କମ୍ପ୍ଲେକ୍ସରେ ହିଁ ଅପରାଧୀମାନଙ୍କୁ ଗିରଫ କରିଛି। ବିହାରର ବକ୍ସର ଜିଲ୍ଲାରେ ରହୁଥିବା ଚନ୍ଦନ ମିଶ୍ରା ପାଟନାର ଏକ ଘରୋଇ ହସ୍ପିଟାଲର ଆଇସିୟୁରେ ଚିକିତ୍ସିତ ହେଉଥିବା ବେଳେ ଏହି ୫ ଜଣ ବନ୍ଧୁକଧାରୀ ତାଙ୍କୁ ଗୁଳି କରି ହତ୍ୟା କରିଥିଲେ। ସେଠାରୁ ଫେରାର ହୋଇ ଏକ ଫ୍ଲାଟ୍‌ରେ ୫ଜଣ ଅଭିଯୁକ୍ତ ଲୁଚି ରହିଥିଲେ। ମୋବାଇଲ ଫୋନ୍‌ର ଟାୱାର ଲୋକେଶନରୁ ସେମାନଙ୍କୁ ପୁଲିସ ଟ୍ରାକ୍ କରିଥିଲା। ଏହି ହତ୍ୟାକାଣ୍ଡ ପରେ ବିହାରରେ ଆଇନ ଶୃଙ୍ଖଳା ସ୍ଥିତି ନେଇ ରାଜନୀତି ଆରମ୍ଭ ହୋଇଥିଲା।

## କାଲିଫର୍ଣ୍ଣିଆରେ ଭିଡ଼ ଭିତରେ ପଶିଗଲା କାର୍

ୱାସିଂଟନ, ୧୯ ।୭(ଏଜେନ୍ସି): ଆମେରିକାର କାଲିଫର୍ଣ୍ଣିଆ ରାଜ୍ୟର ଲସ୍ ଏଞ୍ଜେଲ୍ସରେ ଶନିବାର ଏକ କାର ଚାଳକ ଭିଡ ଉପରେ ଗାଡି ଚଢାଇ ଦେଇଛନ୍ତି। ଏହି ଘଟଣାରେ ୩୦ଜଣ ଆହତ ହୋଇଛନ୍ତି। ୧୦ଜଣଙ୍କ ଅବସ୍ଥା ଗମ୍ଭୀର ବୋଲି କୁହାଯାଇଛି। ଏକ ମ୍ୟୁଜିକ ଭେନ୍ୟୁ ନିକଟରେ ଏହି ଘଟଣା ସକାଳେ ସାନ୍ତା ମୋନିକା ବୁଲେୱାର୍ଡରେ ଘଟିଥିଲା। ଆହତ ହୋଇଥିବା ବ୍ୟକ୍ତିମାନଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି ବୋଲି ଲସ୍‌ଏଞ୍ଜେଲ୍ସ ଫାୟାର ଡିପାର୍ଟମେଣ୍ଟ ସୂଚନା ଦେଇଛି। ଏପର୍ଯ୍ୟନ୍ତ କାର ଚାଳକଙ୍କ ପରିଚୟ ମିଳିପାରିନାହିଁ। ଏହାକୁ ସେ ଜାଣିଶୁଣି କରିଛନ୍ତି ବା ଅଜାଣତରେ ହୋଇଛି ସେ ନେଇ ମଧ୍ୟ ସ୍ପଷ୍ଟ କରାଯାଇନାହିଁ। ସୋସିଆଲ ମିଡିଆରେ ଏହାର ଭିଡିଓ ଭାଇରାଲ ହୋଇଛି। ଘଟଣା ପୂର୍ବରୁ ଜଣେ ମହିଳା ଗୁଳି ଚଳାଇବାର ଶବ୍ଦ ଶୁଣିଥିଲେ। ଦୁଇମାସ ତଳେ ବ୍ରିଟେନରେ ମଧ୍ୟ ଏହିଭଳି ଘଟଣା ଘଟିଥିଲା।

## ନୋଏଡା ବିଶ୍ୱବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ, ୧୯ ।୭(ଏଜେନ୍ସି): ଗ୍ରେଟର ନୋଏଡାର ଶାରଦା ବିଶ୍ୱବିଦ୍ୟାଳୟରେ ଜଣେ ବ୍ୟାଚଲର ଅଫ୍ ଡେଣ୍ଟାଲ ସର୍ଜରୀ (ବିସଡିଏସ୍)ର ଦ୍ୱିତୀୟ ବର୍ଷ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଦୁଇଜଣ ଶିକ୍ଷକ ନିର୍ଯାତନା ଦେବାରୁ ସେ ଏହି ଚରମ ନିଷ୍ପତ୍ତି ନେଇଛନ୍ତି ବୋଲି ପୁଲିସ କହିଛି। ଛାତ୍ରୀଜଣକ ଗର୍ଲ୍ସ ହଷ୍ଟେଲ୍‌ରେ ହିଁ ଆତ୍ମହତ୍ୟା କରିଛନ୍ତି। ଏହି ଛାତ୍ରୀ ହେଉଛନ୍ତି ଗୁରଗ୍ରାମର ଜ୍ୟୋତି ଶର୍ମା। ଶୁକ୍ରବାର ରାତିରେ ଏହି ଘଟଣା ଘଟିଥିଲା। ଗୌତମବୁଦ୍ଧ ନଗରର ପାର୍କ ଥାନାରେ ଏ ନେଇ ମାମଲା ରୁଜୁ କରାଯାଇଛି। ଶିକ୍ଷକ ମହେନ୍ଦ୍ର ଓ ମହିଳା ଫ୍ୟାକଲ୍ଟି ସେରୀଙ୍କୁ ଗିରଫ୍ କରାଯାଇଛି। କଲେଜ କ୍ୟାମ୍ପସ୍‌ରେ ଏ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ହଷ୍ଟେଲ ରୁମ୍‌ରୁ ଛାତ୍ରୀଙ୍କ ସୁଇସାଇଡ୍ ନୋଟ୍‌କୁ ପୁଲିସ ଜବତ କରିଛି। ଏଥିରେ ଜ୍ୟୋତି ମହେନ୍ଦ୍ର ଓ ସେରୀଙ୍କ ନାମ ଉଲ୍ଲେଖ କରିଛନ୍ତି। ଏହି ଦୁଇଜଣ ଦୀର୍ଘ ଦିନ ହେବ ମୋତେ ମାନସିକ ନର୍ଯାତନା ଦେଇଛନ୍ତି। ନିଜର ମୃତ୍ୟୁ ପାଇଁ ସେ ଏହି ଦୁଇଜଣଙ୍କୁ ଦାୟୀ କରିଛନ୍ତି। ଜ୍ୟୋତିଙ୍କ ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇ ଦିଆଯାଇଛି।



## ଏମ୍ସ ପାଟନାରେ ଓଡ଼ିଶା ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

ପାଟନା, ୧୯।୭ (ଏଜେନ୍ସି): ଏମ୍ସ ପାଟନା ହଷ୍ଟେଲରୁ ଶନିବାର ଜଣେ ଓଡ଼ିଆ ଛାତ୍ରଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ପ୍ରଥମ ବର୍ଷର ମେଡିକାଲ ଛାତ୍ର ଥିଲେ। ତାଙ୍କ ନାମ ଯାଦବେନ୍ଦ୍ର ସାହୁ ବୋଲି ଜଣାପଡ଼ିଛି। ଏହାକୁ ନେଇ ମେଡିକାଲରେ ଚାଞ୍ଚଲ୍ୟ ଖେଳିଯାଇଛି। ଛାତ୍ରମାନେ ଭୟଭୀତ ହୋଇ ପଡ଼ିଛନ୍ତି। ପୁଲିସ ସୂଚନା ଅନୁଯାୟୀ ସକାଳ ହେବା ପରେ ଛାତ୍ର ନିଜ ପ୍ରକୋଷ୍ଠରୁ ବାହାରି ନ ଥିଲେ। ତାଙ୍କ ଫୋନ୍ ବାରମ୍ବାର ରିଙ୍ଗ ହେଉଥିଲା। ସେ ଏହାକୁ ନ ଉଠାଇବାରୁ ଛାତ୍ରଙ୍କ ସନ୍ଦେହ ହୋଇଥିଲା। ଦ୍ୱିପହର ୧ଟାରେ ହଷ୍ଟେଲ କର୍ତ୍ତୃପକ୍ଷ ଫୁଲୱାରିସରିଫ ଥାନାକୁ ଏହାର ସୂଚନା ଦେଇଥିଲେ। ଏସ୍‌ଡିପିଓ ସୁଶୀଲ କୁମାରଙ୍କ ଅନୁଯାୟୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଏମ୍ସ ପ୍ରଶାସନ ଏବଂ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ହଷ୍ଟେଲ କବାଟ ଭାଙ୍ଗି ଭିତରେ ପ୍ରବେଶ କରିଥିଲା ଏବଂ ବେଡ୍ ଉପରେ ଛାତ୍ରଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲା। ପରେ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଫରେନସିକ ସାଇନ୍ସ ଲାବୋରାଟୋରି (ଏଫଏସଏଲ) ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଟେକ୍ନିକାଲ ପ୍ରମାଣ ସଂଗ୍ରହ କରାଯାଉଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଛି। ତେବେ ଘଟଣାସ୍ଥଳରୁ କୌଣସି ସୁଇସାଇଡ ନୋଟ୍ ଜବତ କରାଯାଇ ନାହିଁ। ଏ ପର୍ଯ୍ୟନ୍ତ ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ଓଡ଼ିଶାରେ ରହୁଥିବା ସାହୁଙ୍କ ପରିବାରକୁ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଟ୍ରମ୍ପଙ୍କ ଆଉ ଏକ ବିବାଦୀୟ ବୟାନ

## 'ଅପରେସନ୍ ସିନ୍ଦୂର'ରେ ୫ଟି ଜେଟ୍ ବିମାନ ଖସିଛି

## ମଧ୍ୟସ୍ଥତା କଥା ପୁଣି ଦୋହରାଇଲେ ରାଷ୍ଟ୍ରପତି

ୱାସିଂଟନ, ୧୯।୭ (ଏଜେନ୍ସି): ପାକିସ୍ତାନ ବିରୋଧରେ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ 'ଅପରେସନ ସିନ୍ଦୂର'କୁ ନେଇ ଆଉ ଏକ ବିବାଦୀୟ ବୟାନ ଦେଇଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ସେ କହିଛନ୍ତି ଯେ ଗତ ମେ ମାସରେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ସଂଘର୍ଷ ସମୟରେ ୫ଟି ଜେଟ୍ ବିମାନକୁ ଧ୍ୱଂସ କରାଯାଇଛି। ତେବେ ଯୁଦ୍ଧ ବିମାନ କାହାର ଖସିଛି ଏବଂ କିଏ ଖସାଇଛି, ତାହା ସେ କହି ନାହାନ୍ତି। ଏହାସହିତ ସେ ପୁଣି ଦୋହରାଇଛନ୍ତି ଯେ ତାଙ୍କର ମଧ୍ୟସ୍ଥତା ଯୋଗୁଁ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ବନ୍ଦ ହୋଇଥିଲା।

ହ୍ୱାଇଟ୍ ହାଉସରେ ରିପବ୍ଲିକାନ ସିନେଟରଙ୍କ ସମ୍ମାନରେ ଆୟୋଜିତ ନୈଶଭୋଜି ସଭାରେ ରାଷ୍ଟ୍ରପତି ଟ୍ରମ୍ପ ଦେଇଥିବା ଉପରୋକ୍ତ ବୟାନ ପୁଣି ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି। କାରଣ ଭାରତ ବାରମ୍ବାର କହି ଆସୁଛି ଯେ ଭାରତ-ପାକ୍ ଯୁଦ୍ଧ ବିରତିରେ ତୃତୀୟ ପକ୍ଷର କୌଣସି ଭୂମିକା ନଥିଲା। ନୈଶଭୋଜି ସଭାରେ ଟ୍ରମ୍ପ କହିଲେ ଯେ ଭାରତ ଓ ପାକିସ୍ତାନ ଭୟଙ୍କର ଭାବେ ଲଢୁଥିଲେ। ଏଥିରେ ୫ଟି ଜେଟ୍ ବିମାନକୁ ଗୁଳି କରି ଖସାଇ ଦିଆଯାଇଥିଲା। ଉଭୟ ଦେଶ ପରସ୍ପରକୁ ମାଡ଼ କରୁଥିଲେ। ଭାରତ ଏବଂ ପାକିସ୍ତାନ ପରମାଣୁ ରାଷ୍ଟ୍ର ହୋଇଥିବାରୁ ଏହି ସଂଘର୍ଷ ପରମାଣୁ ଯୁଦ୍ଧ ଆଡ଼କୁ ମୁହାଁଉଥିବା ଭଳି ମନେ ହେଉଥିଲା। ଏହା ହୋଇଥିଲେ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଥାଆନ୍ତା। ଏଥିରେ ସେ ତୁରନ୍ତ ହସ୍ତକ୍ଷେପ କରି ଉଭୟ ଦେଶକୁ ଯୁଦ୍ଧବିରତି ପାଇଁ ରାଜି କରାଇଥିଲେ। ସେମାନଙ୍କୁ କୁହାଯାଇଥିଲା ଯେ ଯୁଦ୍ଧବିରତି ନକଲେ ଆମେରିକା ସେମାନଙ୍କ ସହିତ ବାଣିଜ୍ୟ କାରବାର ବନ୍ଦ କରିଦେବ। ଏହାପରେ ଯୁଦ୍ଧବିରତି ହୋଇଥିଲା।

ଟ୍ରମ୍ପଙ୍କ ଏହି ବୟାନ ପୁଣି ବିବାଦ ସୃଷ୍ଟି କରିଛି। କାରଣ ସେ କହିଛନ୍ତି ଏହି ୪ ଦିନର ସଂଘର୍ଷରେ ୫ଟି ଜେଟ୍ ବିମାନ ଖସିଛି। ତେବେ ଏହି ଲଢୁଆ ବିମାନ କାହାର ଥିଲା ଏବଂ କିଏ ଖସାଇଛି। ଲଢୁଆ ବିମାନ ଉଭୟ ଦେଶର ଥିଲା ନା ଗୋଟିଏ ଦେଶର ଥିଲା, ତାହା ସେ ସ୍ପଷ୍ଟ କରି ନାହାନ୍ତି। କାରଣ ଭାରତ ସରକାର ଏହାର ୪ କି ୫ଟି ଜେଟ୍ ବିମାନକୁ ଖସାଇଥିଲା ବୋଲି ପାକିସ୍ତାନର ଦାବିକୁ ପ୍ରତ୍ୟାଖ୍ୟାନ କରିଥିଲା। ପୁଣି ଦୁଇ ଦେଶ ମଧ୍ୟରେ ମଧ୍ୟସ୍ଥତା ନେଇ ଟ୍ରମ୍ପଙ୍କ ଦାବିକୁ ଭାରତ ମିଛ ବୋଲି କହି ଆସୁଛି। ଏହାସତ୍ତ୍ୱେ ଟ୍ରମ୍ପ ଆଜିକୁ ମିଶାଇ ୨୦ରୁ ଅଧିକ ଥର କହିଲେଣି ଯେ ତାଙ୍କର ମଧ୍ୟସ୍ଥତା ଯୋଗୁଁ ଭାରତ-ପାକିସ୍ତାନ ସଂଘର୍ଷ ବିରତି ହୋଇଛି।



ସୂଚନାଯୋଗ୍ୟ ଯେ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ବିରୋଧରେ ଭାରତ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ପ୍ରଥମ ପର୍ଯ୍ୟାୟରେ ମେ ୭ ତାରିଖରେ ପାକିସ୍ତାନରେ ଥିବା ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ପାକିସ୍ତାନର ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରାଯାଇଥିଲା। ୪ ଦିନ ଧରି ଚାଲିଥିବା ଏହି ଯୁଦ୍ଧରେ ପାକିସ୍ତାନର ବ୍ୟାପକ ସାମରିକ କ୍ଷତି ହୋଇଥିଲା। ଶେଷରେ ପାକିସ୍ତାନ ଅନୁରୋଧ କ୍ରମେ ମେ ୧୦ ତାରିଖରେ ଅସ୍ତ୍ରବିରତି ଘୋଷଣା କରାଯାଇଥିଲା।

## କାର୍ ଚଢ଼ାଇ ଦୁଇ ଜଣଙ୍କୁ ମାରିଲେ ପୁଲିସ ପୁଅ

ଅହମଦାବାଦ, ୧୯ ।୭(ଏଜେନ୍ସି): ଗୁଜରାଟର ଭବନଗରରେ ଜଣେ ପୁଲିସ ଅଧିକାରୀଙ୍କ ପୁଅ ନିଜ ବନ୍ଧୁଙ୍କ ସହ କାର୍ ରେସିଂ କରିବା ବେଳେ ଅଘଟଣ ଘଟିଛି। ୨୦ ବର୍ଷୀୟ ହର୍ଷରାଜ ସିଂ ଗୋହଲି ଏସ୍‌ୟୁଭି ଚଢ଼ାଇ ଦୁଇଜଣ ବ୍ୟକ୍ତିଙ୍କୁ ମାରିଛନ୍ତି। କଲିୟାବିଦ ଅଞ୍ଚଳରେ ଏକ ଜନଗହଳି ରାସ୍ତରେ ସେ ନିଜ ବନ୍ଧୁଙ୍କ ସହ କାର ରେସିଂ କରୁଥିଲେ। ହର୍ଷରାଜ କ୍ରେଟା ଗାଡି ଓ ତାଙ୍କ ବନ୍ଧୁ ରେଡ ବ୍ରେଜା କାର ଚଳାଉଥିଲେ। ଏହି ଘଟଣା ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଛି। ରାସ୍ତାରେ ଚାଲୁଥିବା ଦୁଇଜଣଙ୍କ ଉପରେ ସେ କ୍ରେଟା କାର ଚଢାଇଦେଇଥିଲେ ଓ ପରେ ଏକ ସ୍କୁଟରକୁ ମାଡ଼ କରିଥିଲେ। ହର୍ଷରାଜ ହେଉଛନ୍ତି ସ୍ଥାନୀୟ କ୍ରାଇମବ୍ରାଞ୍ଚ୍ ଅନିରୁଦ୍ଧ ସିଂ ଭାଜୁଭା ଗୋହଲିଙ୍କ ପୁଅ। ସେ ଘଣ୍ଟାପ୍ରତି ୧୨୦ରୁ ୧୫୦ କିମି ବେଗରେ ଗାଡି ଚଳାଇବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଏହି ଘଟଣାରେ ଏକାଧିକ ଗାଡି ଭାଙ୍ଗିଯାଇଛି। ଏହି ଘଟଣାରେ ମୃତ୍ୟୁବରଣ କରିଥିବା ଦୁଇଜଣ ବ୍ୟକ୍ତି ହେଲେ ୩୦ ବର୍ଷୀୟ ଭାର୍ଗଭ ଭଟ୍ଟ ଓ ୬୫ ବର୍ଷୀୟ ଚମ୍ପାବେନ ଭଚାନୀ।

## ଇଣ୍ଡିମେଣ୍ଟ ନେତାମାନଙ୍କ ଅନ୍‌ଲାଇନ୍ ବୈଠକ

ନୂଆଦିଲ୍ଲୀ, ୧୯।୭ (ଏଜେନ୍ସି): ଆସନ୍ତା ୨୧ ତାରିଖରେ ସଂସଦର ବର୍ଷାକାଳୀନ ଅଧିବେଶନ ଆରମ୍ଭ ହେବାକୁ ଯାଉଥିବା ବେଳେ ଏହାପୂର୍ବରୁ ଆଜି ସନ୍ଧ୍ୟାରେ ଇଣ୍ଡିଆ ମେଣ୍ଟ ନେତାମାନଙ୍କର ଅନଲାଇନ ବା ଆଭାସୀ ବୈଠକ ହୋଇଥିଲା। ବୈଠକରେ ମଲ୍ଲିକାର୍ଜୁନ ଖଡ଼ଗେ, ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ଶରଦ ପାୱାର, ଉଦ୍ଧବ ଠାକରେ, ସଂଜୟ ରାଉତ, ହେମନ୍ତ ସୋରେନ, ରାମଗୋପାଳ ଯାଦବ, ତେଜସ୍ୱୀ ଯାଦବ, ଓମାର ଅବଦୁଲ୍ଲା, ଫାରୁକ ଅବଦୁଲ୍ଲା, ଅଭିଷେକ ବାନାର୍ଜୀଙ୍କ ସମେତ ଅନେକ ନେତା ଭାଗ ନେଇଥିଲେ। ବୈଠକ ପରେ ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତା ପ୍ରମୋଦ ତିୱାରୀ କହିଲେ ଯେ ମେଣ୍ଟରେ ୨୪ଟି ଦଳ ସାମିଲ ଅଛନ୍ତି। ଆଜିର ବୈଠକରେ ସ୍ଥିର ହୋଇଥିଲା ଯେ ଆଗାମୀ ସଂସଦ ଅଧିବେଶନରେ ଏହି ଦଳ ଗୁଡ଼ିକ ମିଳିତ ହୋଇ କାମ କରିବେ। ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ଘେରିବା ଲାଗି ମିଳିତ ରଣନୀତି ପ୍ରସ୍ତୁତ କରାଯାଇଛି। ସେ କହିଲେ ଯେ ପହଲଗାମ ଆକ୍ରମଣ, ଅପରେସନ ସିନ୍ଦୂର ଓ ଟ୍ରମ୍ପଙ୍କ ଦାବି, ବିହାରରେ ଭୋଟର ତାଲିକା ସଂଶୋଧନ, ବିଭିନ୍ନ ରାଜ୍ୟରେ ବଙ୍ଗଳାଭାଷୀ ଲୋକଙ୍କୁ ଅଟକାଯିବା, ଜମ୍ମୁ-କଶ୍ମୀରକୁ ପୂର୍ଣ୍ଣାଙ୍ଗ ରାଜ୍ୟର ମାନ୍ୟତା, ଅହମଦାବାଦ ବିମାନ ଦୁର୍ଘଟଣା ସମେତ ନାରୀ, ଦଳିତ ଓ ସଂଖ୍ୟାଲଘୁ ସଂପ୍ରଦାୟ ବିରୋଧରେ ବଢୁଥିବା ନିର୍ଯାତନା ଭଳି ପ୍ରସଙ୍ଗକୁ ନେଇ ସଂସଦ ସରଗରମ ରହିବ। ବିରୋଧୀ ଦଳ ଏହି ପ୍ରସଙ୍ଗ ଉଠାଇ ସରକାରଙ୍କ ଠାରୁ ଉତ୍ତର ।।ଲୋଡ଼ିବେ। ବିଶେଷ କରି ବିହାରରେ ବଢ଼ିଚାଲିଥିବା ଗୁଳିକାଣ୍ଡ ଘଟଣା ଏବଂ ଓଡ଼ିଶାରେ ବୃଦ୍ଧି ପାଉଥିବା ନାରୀ ନିର୍ଯାତନା ପ୍ରସଙ୍ଗ କେନ୍ଦ୍ର ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ। କାରଣ ବିଜେପି ଶାସନ ଅଧୀନରେ ଥିବା ଏହି ଦୁଇ ରାଜ୍ୟରେ ଆଇନଶୃଙ୍ଖଳା ଭୁଶୁଡ଼ି ପଡ଼ିଛି। ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ବାଲେଶ୍ୱର ଛାତ୍ରୀଙ୍କ ଆତ୍ମଦାହ ଓ ବଳଙ୍ଗା ଛାତ୍ରୀଙ୍କୁ ନିଆଁ ଲଗାଇ ହତ୍ୟା ଉଦ୍ୟମ କେନ୍ଦ୍ର ପାଇଁ ଚିନ୍ତାର କାରଣ ହୋଇଛି।

## ଚୀନ୍‌କୁ ଚେକ୍ ଦେବା ପାଇଁ ଯୋଜନା

## ଲାକ୍ଷାଦ୍ୱୀପର ବିତ୍ରା ଦ୍ୱୀପରେ ସାମରିକ ଘାଟୀ

ନୂଆଦିଲ୍ଲୀ, ୧୯।୭ (ଏଜେନ୍ସି): ଆରବ ମହାସାଗରରେ ଚୀନ୍‌କୁ ଚେକ୍ ଦେବା ପାଇଁ ଭାରତ ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଲାକ୍ଷାଦ୍ୱୀପର ବିତ୍ରା ଦ୍ୱୀପକୁ ଅଧିଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାକୁ ପ୍ରତିରକ୍ଷା ଘାଟୀ ଭାବେ ବ୍ୟବହାର କରାଯିବ। ଏବେ ଏହି ଦ୍ୱୀପରେ ୧୦୫ ପରିବାର ରହୁଛନ୍ତି। ଏହି ଦ୍ୱୀପ ନିକଟସ୍ଥ ସାମୁଦ୍ରିକ ମାର୍ଗ ଦେଇ ଚୀନ୍ ୟୁରୋପ ଏବଂ ଆଫ୍ରିକା ସହ କାରବାର କରୁଛି। ସମୁଦ୍ରରେ ଚୀନ୍ ଦାଦାଗିରିକୁ ଶେଷ କରିବା ପାଇଁ ଭାରତ ଏହି ପଦକ୍ଷେପ ନେଉଥିବା କୁହାଯାଉଛି। ଏଠାରୁ ପାକିସ୍ତାନର ବେଆଇନ କାର୍ଯ୍ୟକଳାପ ଉପରେ ମଧ୍ୟ ରୋକ୍ ଲଗାଯାଇପାରିବ। ଏହି ଦେଶକୁ ଘେରିବାରେ ସହାୟକ ହେବ। ଲାକ୍ଷାଦ୍ୱୀପ ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଛି ଯେ ରଣନୈତିକ ସ୍ଥିତି ଦୃଷ୍ଟିରୁ ଏହି ଦ୍ୱୀପ ଗୁରୁତ୍ୱପୂର୍ଣ୍ଣ। ଏହା ଜାତୀୟ ସୁରକ୍ଷା ପାଇଁ ମଧ୍ୟ ଜରୁରୀ। କିନ୍ତୁ ଲୋକେ ବାସ କରୁଥିବା ଯୋଗୁ ଲଜିଷ୍ଟିକ ଜନିତ ଏବଂ ପ୍ରଶାସନିକ ସମସ୍ୟା ସୃଷ୍ଟି ହେଉଛି। ସେଥିପାଇଁ ସମ୍ପୂର୍ଣ୍ଣ ଦ୍ୱୀପକୁ ଅଧିଗ୍ରହଣ କରାଯିବ। ଏହା ଭାରତକୁ ସୁରକ୍ଷିତ ରଖିବା ପାଇଁ ମଧ୍ୟ ଜରୁରୀ। ପରେ ଏହାକୁ କେନ୍ଦ୍ର ସରକାରଙ୍କ ପ୍ରତିରକ୍ଷା ଏବଂ ରଣନୈତିକ ଏଜେନ୍ସିକୁ ହସ୍ତାନ୍ତର କରାଯିବ। ଏଥିପାଇଁ ସୋସିଆଲ ଇମ୍ପାକ୍ଟ ଆସେସମେଣ୍ଟ (ଏସଆଇଏ) ଆରମ୍ଭ ହୋଇଯାଇଛି। ଏହା ଦୁଇ ମାସ ମଧ୍ୟରେ ଶେଷ ହେବ। ଏହା ମଧ୍ୟରେ ଲୋକଙ୍କୁ କ୍ଷତିପୂରଣ ଦେଇ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ନେଇ ଅଧ୍ୟୟନ କରାଯିବ। ଗ୍ରାମସଭା ମଧ୍ୟ କରାଯିବ। ତେବେ ନୂଆ ଆଇନରେ ଏହା ନ କରି ଜମି ଅଧିଗ୍ରହଣ କରିବାର ମଧ୍ୟ ବ୍ୟବସ୍ଥା ରହିଛି।



ସୂଚନା ଅନୁଯାୟୀ ଲାକ୍ଷାଦ୍ୱୀପର ଜନବସତି ପୂର୍ଣ୍ଣ ୧୦ ଦ୍ୱୀପ ମଧ୍ୟରୁ ବିତ୍ରା ଅନ୍ୟତମ। ଏହି କେନ୍ଦ୍ରଶାସିତ ଅଞ୍ଚଳ ଆରବ ସାଗରରେ ୩୨ ସ୍କୋୟାର କିମି ପର୍ଯ୍ୟନ୍ତ ବ୍ୟାପିଛି। ଏହା କୋଚି ଉପକୂଳରୁ ପ୍ରାୟ ୨୨୦ରୁ ୪୪୦ କିମି ମଧ୍ୟରେ ରହିଛି। ଏଠାରେ ଭାରତୀୟ ନୌସେନାର ସର୍ଦର୍ଣ୍ଣ ନାଭାଲ କମାଣ୍ଡ ମଧ୍ୟ ରହିଛି। ବିତ୍ରା ଦ୍ୱୀପ ପ୍ରାୟ ୯୧, ୭୦୦ ସ୍କୋୟାର ମିଟର (୦.୦୯୧ ସ୍କୋୟାର କିମି) ପର୍ଯ୍ୟନ୍ତ ବ୍ୟାପିଛି। ଏଠାରେ ପ୍ରାୟ ୩୫୦ ଲୋକ ରହୁଛନ୍ତି। ତେବେ ମାଛମାରି ଜୀବିକା ଅର୍ଜନ କରୁଥିବା ସ୍ଥାନୀୟ ଅଧିବାସୀ ଏହି ପଦକ୍ଷେପକୁ ବିରୋଧ କରୁଛନ୍ତି। ଏହା ଦ୍ୱାରା ଜୀବିକା ଉପରେ ପ୍ରଭାବ ପଡ଼ିବ ବୋଲି ଲୋକେ ଭାବୁଛନ୍ତି। ସ୍ଥାନୀୟ ସାଂସଦ ହମଦୁଲ୍ଲା ସୈଦ ମଧ୍ୟ ଏହି ପଦକ୍ଷେପ ବିରୋଧରେ ଛିଡ଼ା ହୋଇଛନ୍ତି। ଆବଶ୍ୟକ ପଡ଼ିଲେ ଲୋକେ କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

# ଥମୁନି ବିମାନ ଦୁର୍ଘଟଣା ତଦନ୍ତ ବିବାଦ

ନୂଆଦିଲ୍ଲୀ, ୧୯।୭ (ଏଜେନ୍ସି): ଅହମଦବାଦ ବିମାନ ଦୁର୍ଘଟଣା ସମ୍ବନ୍ଧରେ ପ୍ରକାଶିତ ରିପୋର୍ଟକୁ ନେଇ ଆମେରିକୀୟ ଖବରକାଗଜ 'ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ' (ଡବ୍ଲୁଏସ୍‌ଜେ) ଏବଂ ନ୍ୟୁଜ ଏଜେନ୍ସି 'ରଏଟର୍ସ'ର ସମସ୍ୟା ବଢ଼ିବାରେ ଲାଗିଛି। ଭାରତୀୟ ପାଇଲଟ ସଂଘ (ଏଫ୍‌ଆଇପି) ଦୁଇ ସଂସ୍ଥାର ରିପୋର୍ଟକୁ ଭ୍ରମାତ୍ମକ ଏବଂ ମିଥ୍ୟା କହିଛି। ଏଏଆଇବିର ପ୍ରାଥମିକ ଯାଞ୍ଚ ରିପୋର୍ଟ ଆସିବା ପରେ ରଏଟର୍ସ ଏବଂ ଡବ୍ଲୁଏସ୍‌ଜେ ଜାରି କରିଥିବା ରିପୋର୍ଟକୁ ଏଫଆଇପିର ଅଧ୍ୟକ୍ଷ କ୍ୟାପ୍‌ଟେନ ସିଏସ୍ ରନ୍ଧୱା ତୀବ୍ର ସମାଲୋଚନା କରିଛନ୍ତି। ଏହା ଦ୍ୱାରା ମୃତ ପାଇଲଟ୍ ସୁମିତ ସଭରୱାଲଙ୍କ ପ୍ରତିଷ୍ଠା ଉପରେ ଆଞ୍ଚ ଲାଗିଛି ବୋଲି କହିଛନ୍ତି। ଏହାକୁ ନେଇ ରଏଟର୍ସ ଏବଂ ଡବ୍ଲୁଏସ୍‌ଜେକୁ ଏଫ୍‌ଆଇପି ପକ୍ଷରୁ ଆଇନଗତ ନୋଟିସ ପଠାଯାଇଛି। ମିଥ୍ୟା ରିପୋର୍ଟ ପ୍ରକାଶକୁ ନେଇ ଆନୁଷ୍ଠାନିକ ଭାବେ କ୍ଷମା ମାଗିବାକୁ ଏଥିରେ ଦାବି କରାଯାଇଛି।

ରନ୍ଧାୱା କହିଛନ୍ତି ଯେ ଏହି ଦୁଇ ସଂସ୍ଥା ମିଥ୍ୟା ଖବର ଉପସ୍ଥାପନ କରି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ଏହି ରିପୋର୍ଟ ସତ୍ୟ ଉପରେ ଆଧାରିତ ନାହିଁ। ସେମାନେ ନିଜ ଆଡୁ ନିଷ୍କର୍ଷରେ ପହଞ୍ଚି ଯାଉଛନ୍ତି। ଉଭୟେ କୌଣସି ତଦନ୍ତକାରୀ ଅନୁଷ୍ଠାନ ନୁହଁନ୍ତି। ଏହା ସତ୍ତ୍ୱେ କେମିତି ନିଷ୍କର୍ଷରେ ପହଞ୍ଚି ରିପୋର୍ଟ ଜାରି କରିଦେଲେ? ଏଏଆଇବି ରିପୋର୍ଟରେ ସ୍ପଷ୍ଟ ସୂଚନା ଦିଆଯାଇ ନ ଥିବାବେଳେ କେମିତି ପାଇଲଟଙ୍କୁ ଦୋଷ ଦେଇଦେଲେ? ରଏଟର୍ସ ଏବଂ ଡବ୍ଲୁଏସଜେକୁ ପଠା ଯାଇଥିବା ଇମେଲରେ ସ୍ପଷ୍ଟ କରିଦିଆଯାଇଛି ଯେ ଉଭୟଙ୍କ ରିପୋର୍ଟ କେବଳ ତଥ୍ୟହୀନ ନ ଥିଲା, ବରଂ ଭାରତରେ ବିମାନ ସୁରକ୍ଷାକୁ ନେଇ ସାରା ବିଶ୍ୱରେ ଭୁଲ୍‌ଧାରଣା ସୃଷ୍ଟି କରାଯାଇଥିଲା।

### ରଏଟର ଓ ଡବ୍ଲୁଏସ୍‌ଜେକୁ ପାଇଲଟ ସଂଘର ନୋଟିସ୍

### ସାର୍ବଜନୀନ ଭାବେ କ୍ଷମା ମାଗ ଓ ସ୍ପଷ୍ଟୀକରଣ ଦିଅ



ଗତ ୧୭ ତାରିଖରେ ପ୍ରକାଶିତ ରିପୋର୍ଟକୁ ସମୀକ୍ଷା କରିବା ପାଇଁ ରଏଟର୍ସକୁ କୁହାଯାଇଛି। ରିପୋର୍ଟକୁ ନେଇ ସ୍ପଷ୍ଟୀକରଣ ଦେବାକୁ କୁହାଯାଇଛି। ଏବେ କୌଣସି ନିର୍ଦ୍ଦିଷ୍ଟ ସୂଚନା ସାମ୍ନାକୁ ଆସିନାହିଁ ଏବଂ ରିପୋର୍ଟ ସୂତ୍ର ଏବଂ ତଥ୍ୟ ଉପରେ ଆଧାରିତ ନ ଥିଲା ବୋଲି ଲେଖିବାକୁ କୁହାଯାଇଛି। ଏଭଳି ରିପୋର୍ଟ ଦ୍ୱାରା କେବଳ ପାଇଲଟଙ୍କ ଛବି ଖରାପ ହୋଇନାହିଁ, ବରଂ ତାଙ୍କ ସମ୍ପର୍କୀୟଙ୍କୁ ମଧ୍ୟ ମାନସିକ ଉତ୍ପୀଡ଼ନ ଭୋଗିବାକୁ ପଡ଼ିଛି। ଏହା ଦ୍ୱାରା ପୂର୍ବରୁ ଅଧିକ ଚାପର ବଶବର୍ତ୍ତୀ ହୋଇ କାର୍ଯ୍ୟ କରୁଥିବା ପାଇଲଟ ଗୋଷ୍ଠୀର ମନୋବଳ ଉପରେ ମଧ୍ୟ ପ୍ରଭାବ ପଡ଼ିଛି। ତେଣୁ ଏହାକୁ ନେଇ ସ୍ପଷ୍ଟୀକରଣ ଏବଂ ବିବୃତ୍ତି ଜାରି କରି କ୍ଷମା ମାଗିବାକୁ ଦୁଇ ସଂସ୍ଥାକୁ କୁହାଯାଇଛି। ଯଦି ରଏଟର୍ସ ଏବଂ ଡବ୍ଲ୍ୟୁଏସଜେ କ୍ଷମା ନ ମାଗନ୍ତି ତେବେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଗଣମାଧ୍ୟମ ରିପୋର୍ଟ କେବଳ ଅନୁମାନ: ଆମେରିକା

ୱାଶିଂଟନ, ୧୯।୭ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ଉପରେ ସାମ୍ନାକୁ ଆସୁଥିବା ଗଣମାଧ୍ୟମ ରିପୋର୍ଟକୁ ନେଇ ସାବଧାନ ରହିବାକୁ ଆମେରିକା ଏଜେନ୍ସି ପରାମର୍ଶ ଦେଇଛି। ଯେଉଁ ରିପୋର୍ଟ ସାମ୍ନାକୁ ଆସିଛି ତାହା କେବଳ ଆକଳନ ବୋଲି ୟୁଏସ୍ ନ୍ୟାସନାଲ ଟ୍ରାନ୍ସପୋର୍ଟେସନ ସେଫ୍ଟି ବୋର୍ଡ (ଏନ୍‌ଟିଏସ୍‌ବି) ର ଅଧ୍ୟକ୍ଷ ଜେନିଫର ହୋମେଣ୍ଡ କହିଛନ୍ତି। ଏବେ ଭାରତର ବିମାନ ଦୁର୍ଘଟଣା ଯାଞ୍ଚ ବ୍ୟୁରୋ (ଏଏଆଇବି) କେବଳ ପ୍ରାରମ୍ଭିକ ତଦନ୍ତ ରିପୋର୍ଟ ଜାରି କରିଛି। ଏଭଳି ଯାଞ୍ଚରେ ସମୟ ଲାଗେ। ତେଣୁ ଏହାକୁ ଅପେକ୍ଷା କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ଆମେରିକା ଖବରକାଗଜ ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ (ଡବ୍ଲ୍ୟୁଏସ୍‌ଜେ)ର ରିପୋର୍ଟକୁ ନେଇ ହୋମେଣ୍ଡ ଏହି ଟିପ୍ପଣୀ ଦେଇଛନ୍ତି। ତିନି ଦିନ ତଳେ ଏହି ଖବରକାଗଜ ଜାରି କରିଥିବା ରିପୋର୍ଟରେ ଅହମଦାବାଦ ବିମାନ ଦୁର୍ଘଟଣା ଲାଗି କ୍ୟାପ୍‌ଟେନ ସୁମିତ ସଭରୱାଲଙ୍କୁ ଦୋଷ ଦେଇଥିଲା। କ୍ୟାପ୍‌ଟେନ ହିଁ ଇଞ୍ଜିନକୁ ଇନ୍ଧନ ଯୋଗାଣ ବନ୍ଦ କରି ଦେଇଥିଲେ ବୋଲି କୁହାଯାଇଥିଲା। ଭାରତୀୟ ପାଇଲଟ୍ ମହାସଂଘ (ଏଫଆଇପି) ଅଧ୍ୟକ୍ଷ କ୍ୟାପ୍‌ଟେନ ସି.ଏସ. ରନ୍ଧୱା ଏନ୍‌ଟିଏସ୍‌ବିର ଏହି ଟିପ୍ପଣୀକୁ ସ୍ୱାଗତ କରିଛନ୍ତି। ଏହା ଦ୍ୱାରା ପାଶ୍ଚାତ୍ୟ ଗଣମାଧ୍ୟମଙ୍କୁ ଚେତାବନୀ ମିଳିବ ବୋଲି କହିଛନ୍ତି।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ସ୍ୱାସ୍ଥ୍ୟ ବ୍ୟବସ୍ଥାର ବିକଳ ଚିତ୍ର

# ମା'ର ଶବକୁ ୬ ଘଣ୍ଟା ଜଗି ରହିଲା ଝିଅ

### ମହାପ୍ରୟାଣ ଗାଡ଼ି ଯୋଗାଇ ପାରିଲେନି ଡାକ୍ତରଖାନା କର୍ତ୍ତୃପକ୍ଷ

ବଲାଙ୍ଗିର,୧୯।୭(ସମିସ): ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଜିଲ୍ଲାରେ ପୁଣି ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର ସାମ୍ନାକୁ ଆସିଛି। ଶବବାହକ ଗାଡ଼ି ନଥିବାରୁ ଜଣେ ମହିଳାଙ୍କ ଶବ ପ୍ରାୟ ୬ଘଣ୍ଟା ଧରି ହସ୍ପିଟାଲ ଶଯ୍ୟାରେ ପଡ଼ିବା ଭଳି ଅଭାବନୀୟ ଘଟଣା ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଆଜି ଦେଖିବାକୁ ମିଳିଛି।

ସୂଚନାନୁସାରେ, ଖପ୍ରାଖୋଲ ବ୍ଲକ୍ ବେନ୍ଦେର ଗାଁର ଡିଲେଶ୍ୱରୀ ମାଝୀ ତାଙ୍କର ଜଣେ ସମ୍ପର୍କୀୟ ଭଉଣୀଙ୍କ ସହ ମିଶି ନିଜ ମାଆ ସୂର୍ଯ୍ୟକାନ୍ତିଙ୍କୁ ପାଟଣାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ହେବାରୁ ଗତ ୧୬ ତାରିଖରେ ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ଘଟିଥିଲା। କିନ୍ତୁ ଶବ ନେବା ପାଇଁ ଡିଲେଶ୍ୱରୀଙ୍କ ପାଖରେ ଟଙ୍କା ନଥିବାରୁ ବେଡ୍‌ରେ ହିଁ ତାଙ୍କ ମାଆଙ୍କ ଶବକୁ ୫ରୁ ୬ଘଣ୍ଟା ଜଗି ବସିଥିଲେ। ବଲାଙ୍ଗିରରୁ ବେନ୍ଦେର ପ୍ରାୟ ୯୦ ରୁ ୧୦୦କିମି ହୋଇଥିବା ବେଳେ ଏତେ ଦୂର ଶବ ନେଇଯିବା ତାଙ୍କ ପାଇଁ ଅସମ୍ଭବ ଥିଲା। ତେବେ ବେଡ୍‌ରେ ଦୀର୍ଘ ସମୟ ଧରି ଶବ ପଡ଼ିରହିବାରୁ ଦୁର୍ଗନ୍ଧ ହୋଇଥିଲା। ପାଖ ବେଡ୍‌ରେ ଥିବା ରୋଗୀ ଓ ସମ୍ପର୍କୀୟମାନେ ମଧ୍ୟ ଡିଲେଶ୍ୱରୀଙ୍କୁ ଶବ ନେଇଯିବା ପାଇଁ ଅନେକବାର କହିଥିଲେ। କିନ୍ତୁ ଟଙ୍କା ନଥିବାରୁ ସେ ଅସହାୟ ଅବସ୍ଥାରେ ବସି ରହିଥିଲେ। ଖବର ପାଇ ସ୍ୱେଚ୍ଛାସେବୀ ଗୋବିନ୍ଦ ଶତପଥୀ ଏ ସଂପର୍କରେ ହସ୍ପିଟାଲ ଅଧୀକ୍ଷକ ଡା. ମାନସୀ ପାଣ୍ଡଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ସେ ମଧ୍ୟ ଅସହାୟତା ପ୍ରକାଶ କରିଥିଲେ। ଡାକ୍ତରଖାନାର ଦୁଇଟି ମହାପ୍ରୟାଣ ବା ଶବବାହକ ଗାଡ଼ି ଖରାପ ହୋଇଥିବା ବେଳେ ଗୋଟିଏ ଗାଡ଼ି ଅନ୍ୟତ୍ର ଶବ ନେଇଯାଇଛି ଏବଂ ତାହା ଆସିବା ପରେ ଶବ ଉଠିବ ବୋଲି ସେ କହିଥିଲେ। ପରେ, ପ୍ରାୟ ୬ ଘଣ୍ଟା ପରେ ଶବକୁ ମହାପ୍ରୟାଣ ଗାଡ଼ିରେ ଗାଁକୁ ପଠାଯାଇଥିବା ଜଣାପଡ଼ିଛି। ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଓ ବଡ଼ ଡାକ୍ତରଖାନାରେ ମହାପ୍ରୟାଣ ଗାଡ଼ିର ଅଭାବ ରହିବା ଦୁର୍ଭାଗ୍ୟଜନକ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ସେମାନଙ୍କ କହିବା କଥା, ଖୋଦ୍ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଜିଲ୍ଲାରେ ଯଦି ଏଭଳି ଚିତ୍ର ଦେଖିବାକୁ ମିଳୁଛି, ତେବେ ଅନ୍ୟ ଜିଲ୍ଲା କଥା ପଚାରେ କିଏ? ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ଯତ୍ନବାନ ଓ ସମ୍ବେଦନଶୀଳ ରହିବା ଉଚିତ ବୋଲି ସମୋନେ କହିଛନ୍ତି।



■ ଚୁଲାଦୋରୋ ଗାଁରେ ଗୁଳିକାଣ୍ଡ

## ତରକାରି ରନ୍ଧାକୁ ନେଇ ସ୍ତ୍ରୀକୁ ଗୁଳି

ବଲାଙ୍ଗିର/ପାଟଣାଗଡ଼,୧୯।୭ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ରେ ସାମାନ୍ୟ ବଚସାକୁ କେନ୍ଦ୍ର କରି ଗୁଳିକାଣ୍ଡ ଘଟିଛି। ତରକାରି ରନ୍ଧାକୁ କେନ୍ଦ୍ର କରି ସ୍ତ୍ରୀକୁ ଗୁଳି କରିଛି ସ୍ୱାମୀ। ଆହତ ମହିଳାଜଣଙ୍କ ହେଲେ, ପାଟଣାଗଡ଼ ଥାନା ବାଲିପଟା ପଞ୍ଚାୟତ ଚୁଲାଦୋରୋ ଗାଁର ପ୍ରହଲ୍ଲାଦ ମଲ୍ଲିକ (୩୬)ଙ୍କ ସ୍ତ୍ରୀ ନିର ମଲ୍ଲିକ (୩୧)।

### ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି

ନିରଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ପାଟଣାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ଭୀମଭୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାପଡ଼ିଛି। ସୂଚନାନୁସାରେ, ପ୍ରହଲ୍ଲାଦ ଆଜି ବାଲିପଟାସ୍ଥିତ ଚାଷ ଜମିରେ ପଲ୍‌ହା ଜଗାଇବା କାମ କରୁଥିଲେ। ସେଠାରେ ଅନ୍ୟ ଜଣେ ଶ୍ରମିକଙ୍କ ସେ ସହ ମଦ୍ୟପାନ କରିଥିଲେ। ପରେ କାମ ସାରି ଅପରାହ୍ଣ ୪ଟାରେ ଘରକୁ ଫେରି ନିରଙ୍କୁ ଖାଇବାକୁ ମାଗିଥିଲେ। ନିର ଭାତ-ତରକାରି ଖାଇବାକୁ ଦେଇଥିଲେ। କିନ୍ତୁ, ତରକାରି ଦେଖି ପ୍ରହଲ୍ଲାଦ ରାଗିଯାଇଥିଲେ। ଏଭଳି ତରକାରୀ କରିଛୁ କହି ଗାଳିଗୁଲଜ କରିଥିଲେ। ପରେ ବଚସା ବଢ଼ିବାରୁ ପ୍ରହଲ୍ଲାଦ ଘରେ ଥିବା ଏକ ବନ୍ଧୁକ ଆଣି ନିରଙ୍କ ଛାତିକୁ ଗୁଳି ମାରିଦେଇଥିଲେ।



ନିରଙ୍କ ଚିତ୍କାର ଶୁଣି ପଡ଼ୋଶୀ ଆସି ସଙ୍ଗେ ସଙ୍ଗେ ତାଙ୍କୁ ପାଟଣାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବଲାଙ୍ଗିର ଭୀମଭୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ଉଲ୍ଲେଖଯୋଗ୍ୟ, ପ୍ରହଲ୍ଲାଦ ବିଭିନ୍ନ ସମୟରେ ଗାଁର କିଛି ଲୋକଙ୍କ ସହ ମିଶି ଚଢ଼େଇ ଶିକାର କରନ୍ତି। ବନ୍ଧୁକଟି ଗାଁର ଶତ୍ରୁଘନ ବରିହାଙ୍କର। ପ୍ରହଲ୍ଲାଦ ତାକୁ ନିଜ ପାଖରେ ରଖିଛନ୍ତି। ସେହି ବନ୍ଧୁକରୁ ନିରଙ୍କୁ ଗୁଳି କରାଯାଇଛି।

ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣା

## ୩ ତଦନ୍ତକାରୀ ଦଳର ମାରାଥନ୍ ଜେରା

ବାଲେଶ୍ୱର, ୧୯।୭(ସମିସ): ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଘଟଣାରେ ୩ ତଦନ୍ତକାରୀ ଦଳ ଛାନଭିନ୍ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗର ତଦନ୍ତ ସରିଥିବା ବେଳେ କ୍ରାଇମବ୍ରାଞ୍ଚ ଓ ୟୁଜିସି ଟିମ୍ ତଦନ୍ତ ଜାରି ରଖିଛନ୍ତି।

କ୍ରାଇମବ୍ରାଞ୍ଚର ଦୁଇଜଣିଆ ଟିମ୍ ଆଜି କଲେଜରେ କିଛି ବିଏଡ୍ ବିଭାଗ ଛାତ୍ରଛାତ୍ରୀଙ୍କୁ ଡାକି ଅଭିଯୁକ୍ତ ଅଧ୍ୟାପକ ସମୀର ସାହୁଙ୍କ ବାବଦରେ ଅଧିକ ପଚରାଉଚରା କରିଛନ୍ତି। ଏଥିସହ ଘଟଣା ଦିନ ଉପସ୍ଥିତ ଥିବା କିଛି ପିଲାଙ୍କୁ ମଧ୍ୟ ଡକାଯାଇ ସେମାନଙ୍କ ବୟାନ ମଧ୍ୟ ରେକର୍ଡ କରାଯାଇଛି। ଡିଏସ୍‌ପି ଇମନ କଲ୍ୟାଣ ନାୟକଙ୍କ ସମେତ ଅନ୍ୟ ଜଣେ ଅଧିକାରୀ ଉପସ୍ଥିତ ଥିଲେ। ଗତ ଦୁଇ ଦିନ ଧରି କ୍ରାଇମବ୍ରାଞ୍ଚର ଟିମ୍ ମୃତ ଛାତ୍ରୀଙ୍କ ଘରଠୁ ଆରମ୍ଭ କରି କଲେଜ ସବୁଠି ଖୋଳତାଡ଼ କରୁଛି। ଖାଲି ସେତିକି ନୁହେଁ, କଲେଜ ନିକଟସ୍ଥ ପେଟ୍ରୋଲ ପମ୍ପରୁ ମଧ୍ୟ ତଥ୍ୟ ଓ ସିସିଟିଭି ଫୁଟେଜ୍ ସଂଗ୍ରହ କରିଛି। ଗତକାଲି ପେଟ୍ରୋଲ ପମ୍ପକୁ ଯାଇ ସିସିଟିଭି ଫୁଟେଜ୍ ସଂଗ୍ରହ କରିଥିଲା। ବର୍ତ୍ତମାନ ସୋସିଆଲ ମିଡିଆରେ ପେଟ୍ରୋଲ ପମ୍ପର ସିସିଟିଭି ଭିଜୁଆଲ ଭାଇରାଲ ହେବାରେ ଲାଗିଛି। ସେଥିରେ ଜଣେ ଝିଅ ବୋତଲରେ ପେଟ୍ରୋଲ ନେବା ପରେ ଅନଲାଇନ୍‌ରେ ପେମେଣ୍ଟ କରୁଥିବା ଦେଖିବାକୁ ମିଳୁଛି। ଯେଉଁଥିପାଇଁ ଯୁବତୀଜଣଙ୍କ ସନ୍ଦେହଘେରରେ ରହିଥିବା ଜଣାପଡ଼ିଛି। ଏନେଇ କ୍ରାଇମବ୍ରାଞ୍ଚ କିଛି ସ୍ପଷ୍ଟ କରିନାହିଁ।

ସେହିପରି ୟୁଜିସି ଟିମ୍ ଗତକାଲି ପ୍ରଥମଥର ପାଇଁ ତଦନ୍ତ ଆରମ୍ଭ କରିବା ପରେ ଶନିବାର ଥିଲା ତଦନ୍ତର ଦ୍ୱିତୀୟ ଦିବସ। ଆଜି ଏହି ଟିମ କମିଟିର ଚେୟାରମ୍ୟାନ୍ ରାଜକୁମାର ମିତ୍ତଲଙ୍କ ଅଧ୍ୟକ୍ଷତାରେ ତଦନ୍ତ ଚଳାଇଛି। ସେମାନେ ଆସନ୍ତାକାଲି (ରବିବାର) ମଧ୍ୟ ଏହାର ତଦନ୍ତ କରିବେ ବୋଲି ଜଣାଯାଇଛି। ୟୁଜିସିର ଚାରିଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷଙ୍କଠୁ ତଥ୍ୟ ଗ୍ରହଣ କରିଛି। ଘଟଣାର ପାରିପାର୍ଶ୍ୱିକ ସ୍ଥିତିକୁ ଯାଞ୍ଚ କରିବା ସହ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଛି। ଏପରିକି, ସେମାନଙ୍କର ବୟାନ ମଧ୍ୟ ରେକର୍ଡ କରିଛି। ଘଟଣା ଘଟିବା ଦିନ ଛାତ୍ରୀ କେଉଁ ସ୍ଥାନରେ ନିଜ ଦେହରେ ନିଆଁ ଲଗାଇଥିଲେ ଏବଂ ନିଆଁ ଲଗାଇବା ପରେ ସେ କେଉଁ ଆଡ଼କୁ ଯାଇଥିଲେ; ତାହା ପଚାରି ବୁଝିଥିଲେ। ଏହି ଟିମ୍ ସୌମ୍ୟାଶ୍ରୀଙ୍କ ଘରକୁ ଯାଇ ତଦନ୍ତ ମଧ୍ୟ କରିବ ବୋଲି ଜଣାଯାଇଛି। ଆଜି ଦ୍ୱିତୀୟ ଦିନରେ ମଧ୍ୟ ଉକ୍ତ ଟିମ ପାଖାପାଖି ୨୫ଜଣ ପିଲାଙ୍କୁ ପଚରାଉଚରା କରିଛି।






ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଭାଗର ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ରଙ୍କ ନେତୃତ୍ୱରେ ତିନିଜଣିଆ ଟିମ୍ ମଧ୍ୟ ତଦନ୍ତ ଜାରି ରଖିଛି। ଦ୍ୱିତୀୟ ଦିନରେ ଏହି ଟିମ୍ ୨୩ଜଣ ଛାତ୍ରଛାତ୍ରୀଙ୍କ ବୟାନ ରେକର୍ଡ କରିଛନ୍ତି। ଦୁଇଦିନ ଧରି ଉଚ୍ଚ ଶିକ୍ଷା ବିଭାଗର ତଦନ୍ତ କମିଟି ନିକଟରେ ଆଇସିସି ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ। ଏପରିକି, ଏହି ଉଚ୍ଚସ୍ତରୀୟ ଟିମ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରଶ୍ନ କରିଥିଲେ। ସେହିପରି ଜୁଲାଇ ୧୩ତାରିଖରେ ଉଚ୍ଚସ୍ତରୀୟ କମିଟି ପ୍ରାଥମିକ ତଦନ୍ତ କରି ଅନ୍ତରୀଣ ରିପୋର୍ଟ ଦାଖଲ କରିଛନ୍ତି। ଗତକାଲିଠାରୁ ଉଚ୍ଚଶିକ୍ଷା ବିଭାଗର ଉଚ୍ଚସ୍ତରୀୟ ଟିମ ପହଞ୍ଚି ଏହି ତଦନ୍ତ ଆରମ୍ଭ କରିଛି। ଦୁଇଦିନ ଧରି ମାରାଥନ୍ ତଦନ୍ତ ସାରି ଆଜି ସେମାନେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏପରିକି, ଖୁବ୍‌ଶୀଘ୍ର ସେମାନେ ସରକାରଙ୍କୁ ରିପୋର୍ଟ ମଧ୍ୟ ପ୍ରଦାନ କରିବେ ବୋଲି ଜଣାଯାଇଛି।

ଏ ନେଇ ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର କହିଛନ୍ତି ଯେ ଆଜି ପାଖାପାଖି ୨୩ଜଣଙ୍କୁ ଡକାଯାଇ ପଚରାଉଚରା କରାଯାଇଥିଲା। ଦିନ ସାରା ଗୋଟିଏ ମିନିଟ ପାଇଁ ମଧ୍ୟ ଛଡ଼ାଯାଇନାହିଁ। ଗୋଟିଗୋଟି କରି ସମସ୍ତଙ୍କୁ ପଚରା ଉଚରା କରାଯାଇଛି। ସମସ୍ତଙ୍କ ନିକଟରୁ ନିଆଯାଇଥିବା ବୟାନଗୁଡ଼ିକୁ ସଠିକ ଭାବେ ସ୍ଥାନିତ କରାଯିବ। ଆଜି ତଦନ୍ତ ତଦନ୍ତ ସରିଛି ଖୁବ୍‌ଶୀଘ୍ର ରିପୋର୍ଟ ପ୍ରଦାନ କରାଯିବ। ଏପରିକି, ୟୁଜିସି ଗାଇଡଲାଇନ୍ ଅନୁସାରେ ସବୁପ୍ରକାର ତଦନ୍ତ କରାଯାଇଛି। ଦୁଇ ଦିନ ମଧ୍ୟରେ ୩୨ଜଣଙ୍କର ବୟାନ ରେକର୍ଡ କରାଯାଇଛି। ଏହାରି ମଧ୍ୟରେ କିଛି ପୂର୍ବତନ ଛାତ୍ରଛାତ୍ରୀ ମଧ୍ୟ ରହିଛନ୍ତି।

ଅନ୍ୟପଟେ ଆହତ ହୋଇ କଟକରେ ଚିକିତ୍ସିତ ହେଉଥିବା ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କ ସମେତ

### ପେଟ୍ରୋଲ ପମ୍ପରେ ପେଟ୍ରୋଲ କିଣା ବେଳର ଭିଡିଓ ଭାଇରାଲ

ତାଙ୍କ ବାପାଙ୍କ ସହ ଭେଟି ଆଲୋଚନା କରାଯାଇଛି। ଏନେଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଫିରୋଜ ପାଢ଼ୀ କହିଛନ୍ତି ଯେ, ଆଜି ମହାବିଦ୍ୟାଳୟରେ ୟୁଜିସି, କ୍ରାଇମବ୍ରାଞ୍ଚ ଏବଂ ଉଚ୍ଚଶିକ୍ଷା ବିଭାଗର ଏକ ଉଚ୍ଚସ୍ତରୀୟ କମିଟିର ତଦନ୍ତ କରିଛନ୍ତି। ଏହି ଦୁଇଦିନରେ ଆଇସିସି ବିଭାଗ କମିଟି, ଅଧ୍ୟକ୍ଷ, ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପ୍ରଶ୍ନ କରାଯାଇଛି। ବିଶେଷକରି ଏଥିରେ ପୂର୍ବତନ ଛାତ୍ରଛାତ୍ରୀଙ୍କ ସମେତ ବିଏଡ ପିଲାମାନଙ୍କର ବୟାନ ରେକର୍ଡ ମଧ୍ୟ କରାଯାଇଛି। କିଛି ପିଲାମାନଙ୍କୁ, ଯାହାକୁ ସରକାରୀ ସ୍ତରରେ ଚିଠି ଆସିଥିଲା ସେମାନଙ୍କୁ ମଧ୍ୟ ପଚରାଉଚରା କରାଯାଇଛି।

## ହୀରାକୁଦ ଜଳସ୍ତର ୬୧୦.୭୩ ଫୁଟ୍

ସମ୍ବଲପୁର, ୧୯।୭ (ସମିସ): ହୀରାକୁଦ ଜଳଭଣ୍ଡାରର ଜଳସ୍ତର ପୁଣି ବୃଦ୍ଧି ପାଇ ୬୧୦.୭୩ ଫୁଟ୍‌ରେ ପହଞ୍ଚିଥିବା ବେଳେ ୪ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ନଦୀବନ୍ଧର ବାମ ପଟର ୩ଟି ଓ ଡାହାଣ ପଟର ଗୋଟିଏ ମୋଟ୍ ୪ଟି ସ୍ଲୁଇସ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୯୮,୯୬୯ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୫୯୭୦୪ ଘନଫୁଟ, ପାୱାରଚେନାଲ ଦେଇ ୩୫୧୩୭ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ, କେନାଲ ପାଇଁ ୩୮୯୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୧.୫୫ ମିମି ଏବଂ ତଳମୁଣ୍ଡରେ ୧.୬୯ ମିମି ବର୍ଷା ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ପଥର୍ଲାଠାରେ ୨୦୩୦୯ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ଖଇରମାଲଠାରେ ୧୨୭୦୦୦ କ୍ୟୁସେକ୍, ବାରମୁଲଠାରେ ୯୦୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୧୨୧୫୩୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

## ବଜ୍ରପାତରେ ଚାଷୀ ମୃତ

ବଣାଇଁ, ୧୯।୭ (ସମିସ): ବଣାଇଁ ଥାନା ଦନ୍ତା ଗ୍ରାମରେ ଜଣେ ଯୁବକ ଆଜି ବଜ୍ରପାତରେ ପ୍ରାଣ ହରାଇଛନ୍ତି। ମୃତକ ହେଲେ, ଦନ୍ତା ଗ୍ରାମର ମାନନ୍ତା ମୁଣ୍ଡାରୀ। ସେ ସକାଳେ ବିଲକୁ ଚାଷ କରିବାକୁ ଯାଇଥିଲେ। ଚାଷ



ଘର ନିକଟକୁ ଯାଇପାରିଲାନି ଆମ୍ବୁଲାନ୍ସ

କାମ ସାରି ସନ୍ଧ୍ୟାରେ ଗାଈ ଚରାଉଥିବା ବେଳେ ବଜ୍ରପାତରେ ତଳେ ପଡ଼ି ଯାଇଥିଲେ। ଗ୍ରାମବାସୀମାନେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ତେବେ ରାସ୍ତା ଶୋଚନୀୟ ହୋଇଥିବାରୁ ତାଙ୍କ ଘର ନିକଟରେ ଆମ୍ବୁଲାନ୍ସ ପହଞ୍ଚି ପାରିନଥିଲା। ଫଳରେ ଭରା ନାଳ ଦେଇ ଆମ୍ବୁଲାନ୍ସର କର୍ମଚାରୀମାନେ ତାଙ୍କୁ ଷ୍ଟ୍ରେଚର ଯୋଗେ ଦୀର୍ଘ ୩ କିଲୋମିଟର ବୋହି ଆଣି ପରେ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ସରସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ପୁଲିସ୍ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

## ଉପମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ମହିଳା କଂଗ୍ରେସର ଟମାଟୋ ମାଡ଼

### ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ : ମୀନାକ୍ଷୀ

ଭୁବନେଶ୍ୱର,୧୯।୭(ସମିସ): ରାଜ୍ୟରେ ଗୋଟିକ ପରେ ଗୋଟିଏ ହୃଦୟବିଦାରକ ଘଟଣାରେ ଛାତ୍ରୀମାନେ ନିଆଁରେ ପୋଡ଼ିହେବା ରାଜ୍ୟ ସରକାରଙ୍କ ବିଫଳତାକୁ ଦର୍ଶାଉଛି। 'ବେଟି ପଢ଼ାଓ ବେଟି ବଚାଓ' ସ୍ଲୋଗାନ ଦେଉଥିବା ବିଜେପି ସରକାରଙ୍କ ଶାସନରେ ମହିଳା ଛାତ୍ରୀମାନେ ସବୁଠାରୁ ଅସୁରକ୍ଷିତ। ବ୍ୟବସ୍ଥାରେ ଅତିଷ୍ଠ ଓ ନିରାଶ ହୋଇ ବାଲେଶ୍ୱରର ସୌମ୍ୟାଶ୍ରୀ ନିଜକୁ ଜାଳିଦେଇଥିବା ବେଳେ ବଳଙ୍ଗାରେ ଜଣେ ଯୁବତୀଙ୍କୁ ଅପରାଧୀ ଆଜି ଜାଳି ଦେଇଛନ୍ତି। ରାଜ୍ୟ ସରକାରଙ୍କ ବିଫଳତା ଏବଂ ଆଇନଶୃଙ୍ଖଳା ସଂପୂର୍ଣ୍ଣ ବିଗିଡ଼ି ଯାଇଥିବା ବେଳେ ନାରୀ ଆଉ ଘରୁ ବାହାରିବା କଷ୍ଟ ହୋଇପଡ଼ିଛି। ମହିଳାଙ୍କୁ ସୁରକ୍ଷା ଦେଇନପାରିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଛନ୍ତି ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି। ଶ୍ରୀମତୀ ବାହିନୀପତିଙ୍କ ନେତୃତ୍ୱରେ ଶନିବାର ମହିଳା କଂଗ୍ରେସର କାର୍ଯ୍ୟକର୍ତ୍ତା ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବାସ ଭବନ ଘେରଉ କରିଛନ୍ତି।

ଶନିବାର ମହିଳା କଂଗ୍ରେସର କର୍ମୀମାନେ ଉପମୁଖ୍ୟମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସ୍ଲୋଗାନ୍ ଦେବା ସହ ତାଙ୍କ ବାସଭବନ ଘେରଉ କରିବାକୁ ଉଦ୍ୟମ କରିଥିଲେ। ଏପରିକି, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ଘର ଉପରକୁ ଟମାଟୋ ମାଡ଼ ମଧ୍ୟ କରାଯାଇଥିଲା। ପରେ ପୁଲିସ୍ କେତେକ କର୍ମୀଙ୍କୁ ଘଟଣାସ୍ଥଳରୁ ଉଠାଇ ନେଇଥିଲା। ଶ୍ରୀମତୀ ବାହିନୀପତଙ୍କ ଅଭିଯୋଗ ଅନୁଯାୟୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ନ ମିଳିବାରୁ ଶେଷରେ ଏଫ୍‌ଏମ୍ କଲେଜ ଆଗରେ ନିଜକୁ ଜାଳିଦେଲେ। ତାଙ୍କୁ ନ୍ୟାୟ ଦେବା ପାଇଁ ସାରା ଓଡ଼ିଶାରେ ଆନ୍ଦୋଳନ ମୁଣ୍ଡ ଟେକିଛି। ସୌମ୍ୟାଶ୍ରୀଙ୍କ ପରେ ନିମାପଡ଼ା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିର୍ବାଚନମଣ୍ଡଳୀ ବଳଙ୍ଗାଠାରେ ଜଣେ ଯୁକ୍ତ ଦୁଇ ଛାତ୍ରୀଙ୍କୁ ଦୁର୍ବୃତ୍ତମାନେ ନିଆଁରେ ପୋଡ଼ି ମାରିଦେବା ପାଇଁ ଉଦ୍ୟମ କରିଛନ୍ତି। ପୀଡ଼ିତାଜଣଙ୍କର ୭୨ଭାଗ ପୋଡ଼ି ଯାଇଥିବା ବେଳେ ସେ ଏବେ ଏମ୍ସରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ରାଜ୍ୟ ସରକାରଙ୍କ ବିଫଳତା ଏବଂ ଆଇନ ଶୃଙ୍ଖଳା ସଂପୂର୍ଣ୍ଣ ବିଗିଡ଼ି ଯାଇଥିବା ବେଳେ ନାରୀ ଆଉ ଘରୁ ବାହାରିବା କଷ୍ଟ ହୋଇପଡ଼ିଛି। ନିଜେ ରାଜ୍ୟ ସରକାର ଏକ ଅଧ୍ୟାଦେଶରେ ସନ୍ଧ୍ୟା ୫ ଟା ପରେ ମହାବିଦ୍ୟାଳୟ ପରିସରରେ ଛାତ୍ରୀମାନେ ନ ରହିବା ପାଇଁ ନିର୍ଦ୍ଦେଶାନାମ ଜାରି କରିଛନ୍ତି। ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ ରାଜ୍ୟ ସରକାର ନାରୀକୁ ସୁରକ୍ଷା ଦେବା ପାଇଁ ଅସମର୍ଥ। ଏଭଳି ସରକାର ଶାସନ ଗାଦିରେ ବସିବାର ସମସ୍ତ ନୈତିକ ଅଧିକାର ହରାଇ ବସିଛନ୍ତି ବୋଲି ଶ୍ରୀମତୀ ବାହିନୀପତି କହିଛନ୍ତି।



■ ସଲେଇକନା ଜଙ୍ଗଲରେ ଦନ୍ତା ମୃତ୍ୟୁ ଘଟଣା

## ୨ କର୍ମଚାରୀଙ୍କୁ ବଦଳି

### ରେଞ୍ଜରଙ୍କୁ କାରଣ ଦର୍ଶାଅ ନୋଟିସ

କେନ୍ଦୁଝର/ତେଲକୋଇ, ୧୯।୭(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବନାଞ୍ଚଳ ସଲେଇକନା ସଂରକ୍ଷିତ ଜଙ୍ଗଲରେ ଘଟିଥିବା ହାତୀ ମୃତ୍ୟୁ ଘଟଣାରେ ୨ କର୍ମଚାରୀଙ୍କୁ ବଦଳି କରାଯାଇଥିବା ବେଳେ ରେଞ୍ଜରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ବଦଳି ହୋଇଥିବା ୨ କର୍ମଚାରୀ ହେଲେ, ବନପାଳ ମଳୟକୁମାର ଜେନା ଏବଂ ବନରକ୍ଷୀ ଅଜିତ କୁମାର ଦାଶ। ଏଥିସହ ତେଲକୋଇ ରେଞ୍ଜରଙ୍କୁ ଘଟଣାର କାରଣଦର୍ଶାଅ ନୋଟିସ ଜାରି ହୋଇଥିବା କେନ୍ଦୁଝର ଡିଏଫ୍‌ଓ ଧନରାଜ ଏଚଡି ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, କିଛି ଦିନ ତଳେ ଏହି ଜଙ୍ଗଲରେ ୧୫ବର୍ଷ ବୟସ୍କ ଏକ ଦନ୍ତାର ମୃତଦେହ ଠାବ ହୋଇଥିଲା। ହାତୀଟିର ମୃତ୍ୟୁର କାରଣ ଜଣାପଡ଼ି ନଥିଲା। ମୃତ ହାତୀର ଦାନ୍ତ ଦୁଇଟି କେହି ନେଇଯାଇଥିବା ଅଭିଯୋଗ ହୋଇଥିଲା।

## ଓଏସ୍‌ଆର୍‌ଟିସିରେ ଲକ୍ଷାଧିକ ଟଙ୍କା ଦୁର୍ନୀତି ଅଭିଯୋଗ



ସମ୍ବଲପୁର, ୧୮।୭ (ସମିସ): ସମ୍ବଲପୁର ଓଏସ୍‌ଆର୍‌ଟିସିରେ ଲକ୍ଷାଧିକ ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗରେ ଶନିବାର ଏକ ଅଡିଟ୍ ଟିମ୍ ଚଢ଼ଉ କରିଥିଲା। ଅଡିଟ୍ ଟିମ୍ ପହଞ୍ଚିବା ପରେ ଅନ୍ୟ କାର୍ଯ୍ୟାଳୟରେ କାମ ଅଛି ବୋଲି କହି ଜିଲ୍ଲା ମ୍ୟାନେଜର୍ ଅଫିସ୍ ଛାଡ଼ି ପଳାଇଥିବା କୁହାଯାଉଛି। ମୁଦିପଡ଼ାସ୍ଥିତ ପରିବହନ ବିଭାଗ କାର୍ଯ୍ୟାଳୟରେ ଅନେକ ବସ୍ ବର୍ଷବର୍ଷ ଧରି ମରାମତି ନ ହୋଇ ପଡ଼ିରହିଛି। ଫଳରେ ଡ୍ରାଇଭରମାନେ ବସ୍ ଖରାପ ଯୋଗୁଁ ହଇରାଣ ହେଉଛନ୍ତି। ତେବେ, ଜିଲ୍ଲା ମ୍ୟାନେଜର୍ ବସ୍ ଚାଲୁଥିବା ଦର୍ଶାଇ ବିଲ୍ ପାସ୍ କରି ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଥିଲା। ବସ୍ ବ୍ୟତୀତ ଅନ୍ୟ ଗାଡ଼ି ମଧ୍ୟ ବ୍ୟବହାର ନକରି ବିଲ୍ ପାସ୍ କରିଥିବା ଭଳି ଅଭିଯୋଗ ହେବା ପରେ ଅଡିଟ୍ ଟିମ ଚଢ଼ଉ କରିଥିଲା।

## ତନ୍ତ୍ର ସାଧନା ପାଇଁ ଯୁବକଙ୍କୁ ବଳି!

■ ଥାନାରେ ଅଭିଯୁକ୍ତର ଆତ୍ମସମର୍ପଣ
■ ଅଭିଯୁକ୍ତର ଘର ଭାଙ୍ଗିଲେ ଉତ୍ତ୍ୟକ୍ତ ଗ୍ରାମବାସୀ

ଦେବଗଡ଼, ୧୯।୭(ସମିସ): ତନ୍ତ୍ର ସାଧନା ପାଇଁ ଯୁବକଙ୍କ ଗଳା କାଟି ହତ୍ୟା। ଶୁକ୍ରବାର ବିଳମ୍ବିତ ରାତିରେ ନୂଆଗାଁରେ ଏଭଳି ଏକ ହତ୍ୟାକାଣ୍ଡ ଘଟିଥିବା ନେଇ ଦେବଗଡ଼ ଥାନାରେ ଅଭିଯୋଗ ହୋଇଛି। ହତ୍ୟାର ଶିକାର ଯୁବକଜଣଙ୍କ ହେଲେ, ରତନ ପ୍ରଧାନ (୫୦)। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ



ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ଉକ୍ତ ଗାଁର ପଞ୍ଚାନନ ସୁହୁଲା(୫୦) ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଛି। ସେ ରତନଙ୍କୁ ହତ୍ୟା କରିଥିବା ସ୍ୱୀକାର କରିବାରୁ ପୁଲିସ୍ ତାକୁ ଗିରଫ କରି କୋର୍ଟଚାଲାଣ କରିଛି। ଅପରପକ୍ଷେ, ଏହି ଘଟଣାକୁ ନେଇ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଗ୍ରାମବାସୀ ଅଭିଯୁକ୍ତ ପଞ୍ଚାନନଙ୍କ ଘର ଭାଙ୍ଗି ଦେଇଛନ୍ତି।

ସୂଚନାନୁଯାୟୀ, ଗତରାତିରେ ରତନ ଅନ୍ୟ ଦୁଇଜଣଙ୍କ ସହ ନିଜ ଘରକୁ ଫେରୁଥିଲେ। କୌଣସି କାରଣରୁ ସେ ପଞ୍ଚାନନଙ୍କ ଘରେ ଅଟକିଥିଲେ। ପରେ ପଞ୍ଚାନନ ନିଜ ଘରେ ରତନଙ୍କୁ ହତ୍ୟା କରିବା ପରେ ଘରେ ତାଲା ପକାଇ ଦେବଗଡ଼ ଥାନାକୁ ଯାଇ ଆତ୍ମସମର୍ପଣ କରିଥିଲା। ବିଳମ୍ବିତ ରାତ୍ରିରେ ଅଭିଯୁକ୍ତର ଏଭଳି ସ୍ୱୀକାରୋକ୍ତି ପୁଲିସକୁ ଆଶ୍ଚର୍ଯ୍ୟ କରିଥିଲା। ଶନିବାର ସକାଳୁ ମୃତ ରତନଙ୍କ ପୁଅ ତ୍ରିଲୋଚନ ତାଙ୍କ ବାପାଙ୍କୁ ଅଭିଯୁକ୍ତ ପଞ୍ଚାନନ ନିଜ ଘରେ ବଳି ଦେଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ଦେବଗଡ଼ ଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ସାଇଣ୍ଟିଫିକ ଟିମ୍ ସହାୟତାରେ ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତ ରତନ ଶାନ୍ତ ସରଳ ସ୍ୱଭାବର ଥିଲେ। ଗ୍ରାମରେ ସମସ୍ତେ ତାଙ୍କୁ ଶ୍ରଦ୍ଧା ଓ ସମ୍ମାନ କରୁଥିଲେ। ତେବେ ତାଙ୍କୁ ହତ୍ୟା କରାଯାଇଥିବା ଖବର ପ୍ରଘଟ ହେବା ପରେ ଗାଁରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଥିଲା। ଗ୍ରାମବାସୀ ପୁଲିସ ଉପସ୍ଥିତିରେ ଅଭିଯୁକ୍ତର ଘରକୁ ଠେଙ୍ଗା, ବାଡ଼ି ଓ ପଥର ମାଡ଼ କରିଥିବା ଦେଖାଯାଇଥିଲା। ଖବର ପାଇ ଏସ୍‌ଡିପିଓ ରମେଶ ମାହାନା, ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ ଓ ଦେବଗଡ଼ ଥାନାର ବହୁ ଅଧିକାରୀ ଓ ପୁଲିସ ବଳ ଗାଁରେ ପହଞ୍ଚିଥିଲେ। ପୁଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା।

ଅନ୍ୟପକ୍ଷେ ଏହି ହତ୍ୟାକାଣ୍ଡକୁ ନେଇ ଅଭିଯୁକ୍ତ ପଞ୍ଚାନନ ପୁଲିସ୍ ନିକଟରେ ଭିନ୍ନ ବୟାନ ଦେଇଛି। ସେ କହିଛି ଯେ ତା' ସ୍ତ୍ରୀ ସହ ରତନଙ୍କ ପ୍ରେମ ସଂପର୍କ ଥିଲା। ତେଣୁ ଦୁହେଁ ମିଶି ତାଙ୍କୁ ବାଟରୁ ହଟାଇବା ପାଇଁ ଯୋଜନା କରିଥିଲେ। ଗତକାଲି ରତନ ତାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ତାଙ୍କ ଘରକୁ ଆସିଥିଲା। କିନ୍ତୁ ତାଙ୍କୁ ହତ୍ୟା ପାଇଁ ଉଦ୍ୟମ କରିବା ବେଳେ ନିଜକୁ ରକ୍ଷା କରିବାକୁ ଯାଇ ସେ ରତନକୁ ହତ୍ୟା କରିଦେଇଥିଲେ ବୋଲି ପଞ୍ଚାନନ ପୁଲିସ୍‌କୁ କହିଛି। ତେବେ, ଅଧିକ ତଦନ୍ତ ପରେ ହତ୍ୟାକାଣ୍ଡର ପ୍ରକୃତ କାରଣ ସମ୍ପର୍କରେ ସୂଚନା ଦିଆଯିବ ବୋଲି ଏସଡିପିଓ ଶ୍ରୀ ମାହାନା ପ୍ରକାଶ କରିଛନ୍ତି।

## ନଦୀଘାଟରେ ଡଙ୍ଗା ଓଲଟି ଯୁବକ ନିଖୋଜ

ଚିତ୍ରକୋଣ୍ଡା/କୋରୁକୋଣ୍ଡା, ୧୯।୭(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ଅଧୀନ ନାକାମାମୁଡି ଗ୍ରାମ ପଞ୍ଚାୟତ ଅଧୀନ ଡାଇକ-୩ ନଦୀ ଘାଟରେ ଡଙ୍ଗା ବୁଡି ଜଣେ ନିଖୋଜ ହୋଇଛନ୍ତି। ନିଖୋଜ ଜଣକ ରାମଚନ୍ଦ୍ର ପାଙ୍ଗି ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ ଡାଇକ-୩ ନଦୀ ଘାଟରୁ ଆରପାରିରେ ଥିବା ତାଲାପଦର ଗ୍ରାମକୁ ଗୋଟାଏ ଦେଶୀ ଡ଼ଙ୍ଗାରେ ଗତକାଲି ସନ୍ଧ୍ୟା ସମୟରେ ୪ ଜଣ ଯାଉଥିଲେ। ବର୍ଷା ପବନ ଆସିବା ଫଳରେ ଭାରସାମ୍ୟ ହରାଇ ଡ଼ଙ୍ଗାଟି ନଦୀ ମଝିରେ ଓଲଟି ପଡିଥିଲା। ଡ଼ଙ୍ଗାରେ ଥିବା ଚାରିଜଣଙ୍କ ମଧ୍ୟରୁ ୩ ଜଣକୁ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ କୂଳକୁ ଫେରାଇ ଅଣାଯାଇଥିବାବେଳେ ରାମଚନ୍ଦ୍ର ପାଙ୍ଗି ନାମକ ବ୍ୟକ୍ତି ପାଣି ଭିତରେ ନିଖୋଜ ହୋଇଯାଇଥିଲେ। ଗ୍ରାମବାସୀ କୋରୁକୋଣ୍ଡା ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ଅଗ୍ନିଶମ ବାହିନୀ ସୂଚନା ପାଇବା ବେଳକୁ ସନ୍ଧ୍ୟା ହୋଇଯାଇଥିବା କାରଣରୁ ଆଜି ସକାଳେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ ଏଲ୍‌ଏଫ୍ ଏଫ୍ ବାସୁଦେବ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଅଞ୍ଚଳବାସୀଙ୍କ ସାହାଯ୍ୟରେ ଖୋଜା ଖୋଜି କରିଥିଲେ। ବହୁ ସମୟ ଖୋଜା ଖୋଜି ପରେ ମଧ୍ୟ ନିଖୋଜ ବ୍ୟକ୍ତି କୌଣସି ସୂଚନା ମିଳି ନଥିବା ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି।



### ସରୁନି ସୁକତେଲ ସେତୁ ସମସ୍ୟା

# ଟ୍ରକ୍- ଟ୍ରେଲର ଧକ୍କା; ୭ ଘଣ୍ଟା ରାସ୍ତା ବନ୍ଦ






**ବଲାଙ୍ଗିର, ୧୯।୭ (ସମିସ)**

ବଲାଙ୍ଗିର ଜିଲ୍ଲାରେ ଜାତୀୟ ରାଜପଥ ବିଭାଗର ଅଣଦେଖା ଯୋଗୁଁ ୨୬ ନଂ ଜାତୀୟ ରାଜପଥରେ ଦିନକୁଦିନ ସମସ୍ୟା ବଢ଼ିବାରେ ଲାଗିଥିବା ଅଭିଯୋଗ ହୋଇଛି। ବର୍ଷକୁ ଦୁଇରୁ ତିନିଥର ସୁକତେଲ ନଦୀ ଉପରେ ଥିବା ବ୍ରିଜ୍‌ର ମରାମତି କାମ କରାଯାଉଛି। ମରାମତି ସମୟରେ ଓ ମରାମତି ପରେ ଅତି ବିପଦସଙ୍କୁଳ ଅବସ୍ଥାରେ କଂକ୍ରିଟ ଖଣ୍ଡ ପକାଇ ରଖାଯାଉଥିବାରୁ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି। କିଛିଦିନ ତଳେ ଉକ୍ତ ବ୍ରିଜରେ ମରାମତି କାମ କରାଯାଇଥିବାବେଳେ ଏହା ସରିବା ପରେ ମଧ୍ୟ କଂକ୍ରିଟ ପଥର ଖଣ୍ଡକୁ ସଫା କରାଯାଇ ନାହିଁ। ଫଳରେ ଶନିବାର ଭୋରରୁ ଟ୍ରେଲର ଓ ଟ୍ରକ ମୁହାଁମୁହିଁ ଧକ୍କା ହୋଇଥିଲେ। ଫଳରେ ଦୀର୍ଘ ସମୟ ଧରି ଉକ୍ତ ରାସ୍ତା ଜାମ ରହିଥିଲା। ଏହା ପୂର୍ବରୁ ମଧ୍ୟ ଅନେକ ସମୟରେ ଟ୍ରକ୍ ଗୁଡ଼ିକ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି।

ବଲାଙ୍ଗିର - ବରଗଡ଼କୁ ସଂଯୋଗ କରୁଛି ୨୬ ନଂ ଜାତୀୟ ରାଜପଥ। ଗତ କିଛିମାସ ତଳେ ଏହି ରାଜପଥ କାମ କରାଯାଇଛି। ବରଗଡ଼ରୁ ବରପାଲି ପର୍ଯ୍ୟନ୍ତ ଚାରିଥାକିଆ ରାସ୍ତା କରାଯାଇଥିବାବେଳେ ବରପାଲିରୁ ବଲାଙ୍ଗିର ପ୍ରଶସ୍ତ ଦୁଇ ଥାକିଆ ରାସ୍ତା କରାଯାଇଛି। ତେବେ ଲୋଇସିଂହା - ବଲାଙ୍ଗିର ମଝିରେ ଫାସଡ଼ାଠାରେ ସୁକତେଲ ନଦୀ ରହିଥିବାରୁ ଏହା ଉପରେ ବହୁ ବର୍ଷ ଆଗରୁ ବ୍ରିଜ ନିର୍ମାଣ କରାଯାଇଥିଲା। ଯାହାଫଳରେ କିଛି ମାସ ପୂର୍ବରୁ ହୋଇଥିବା ରାସ୍ତା ନିର୍ମାଣ ସମୟରେ ଏହାକୁ ସମ୍ପ୍ରସାରିତ କରିବା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ଫଳରେ ପ୍ରଶସ୍ତ ରାସ୍ତା ମଝିରେ ଏହା ଅଳ୍ପ ପ୍ରଶସ୍ତ ବ୍ରିଜ୍ ରହିଛି। ରାସ୍ତା ନିର୍ମାଣ ସମୟରେ ବ୍ରିଜ୍ କଂକ୍ରିଟ ଉପରେ ପିଚୁ ଢଳାଇ କରାଯାଇଥିଲା। ଏହାକୁ ଭାଗ ଭାଗ କରି ମଝିରେ ଲୁହା ଏଙ୍ଗଲ ଦେଇ ଭାଗ କରାଯାଇଥିବା ବେଳେ ପ୍ରାୟତଃ ସବୁ ସମୟରେ ଏହି ଲୁହା ଏଙ୍ଗଲ ଭାଙ୍ଗି ଯାଉଥିବା ଦେଖିବାକୁ ମିଳିଛି। ଏହା ଭାଙ୍ଗିବା ପରେ ଯଦିଓ ବିଭାଗ ନିର୍ଦ୍ଦେଶକ୍ରମେ ରାସ୍ତା ନିର୍ମାଣ କରିଥିବା ସଂସ୍ଥା ମରାମତି କାମ କରୁଛି କିନ୍ତୁ ଠିକାଦାରଙ୍କ ମନମୁଖୀ କାରବାର ଯୋଗୁଁ ଏହି ବ୍ରିଜ ଉପରେ ଯାତାୟାତ ସବୁବେଳେ ବିପଦ ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ଗତ କିଛି ମାସ ଭିତରେ ଏହି ବ୍ରିଜରେ ଦ୍ୱିତୀୟଥର ମରାମତି କରାଯାଇଛି। ମରାମତି ସମୟରେ ଉକ୍ତ ସ୍ଥାନକୁ ଖୋଳି ପୁଣି କଂକ୍ରିଟ ଦିଆଯାଇଥାଏ। ଖୋଳାଯାଇଥିବା କଂକ୍ରିଟ ଖଣ୍ଡ ଦେଇ ରାସ୍ତା ବନ୍ଦ କରାଯାଇଥାଏ। ତେବେ ଦୀର୍ଘ ଦିନ ଧରି ଏହାକୁ ବ୍ୟାରିକେଡ୍ ଲଗାଇ ରଖାଯାଉଥିବା ବେଳେ ଅନେକ ଥର ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳିଛି। ସେହିପରି ମରାମତି କାମ ସରିବା ପରେ ମଧ୍ୟ ଠିକାଦାର ଜଣକ ଉକ୍ତ କଂକ୍ରିଟ ଖଣ୍ଡକୁ ସଫା କରୁ ନ ଥିବାରୁ ତାହା ମଧ୍ୟ ରାସ୍ତାରେ ପଡ଼ି ରହି ରାସ୍ତା ଜାମ କରୁଥିବା ଦେଖିବାକୁ ମିଳିଛି। ଫଳରେ ଯାତାୟାତ କରୁଥିବା ଅନେକ ଗାଡ଼ି ରାତି ସମୟରେ ଦୁର୍ଘଟଣାର ଶିକାର ହୋଇଥାନ୍ତି। ଶନିବାର ଭୋର ପ୍ରାୟ ୨ ଟାରେ ଦୁଇ ଟ୍ରକ ଏହି ବ୍ରିଜ୍ ଉପରେ ମୁହାଁମୁହିଁ ଧକ୍କା ହୋଇଥିଲେ। ଫଳରେ ଉକ୍ତ ବ୍ରିଜ ଉପରେ ଯାତାୟାତ ବନ୍ଦ ହୋଇଯାଇଥିଲା। ଦୀର୍ଘ ସମୟ ପରେ ଲୋଇସିଂହା ପୁଲିସର ଉଦ୍ୟମକ୍ରମେ ରାସ୍ତା ଖୋଲିଥିଲା ସତ କିନ୍ତୁ ଚଳାଚଳ ସ୍ୱାଭାବିକ ହେବା ପାଇଁ ପ୍ରାୟ ସାତ ଘଣ୍ଟା ଲାଗିଥିଲା। ଏହା ଥରେ ନୁହଁ ଏହିଭଳି ଅନେକ ଥର ଘଟିସାରିଥିବା ସତ୍ତ୍ୱେ ଜାତୀୟ ରାଜପଥ ବିଭାଗ ଏହାର ସମାଧାନ କରୁନଥିବା ଅଭିଯୋଗ ହୋଇଛି। ନିର୍ମାଣ ସମୟରେ ନିମ୍ନମାନର କାମ ଓ ପରେ ମରାମତି କାମ ମଧ୍ୟ ସମାନ ଢଙ୍ଗରେ ନିମ୍ନମାନର କରାଯାଉଥିବାରୁ ଏହିଭଳି ସମସ୍ୟା ସୃଷ୍ଟି ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଜାତୀୟ ରାଜପଥ ବିଭାଗ ଏହାର ସ୍ଥାୟୀ ସମାଧାନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

> **କଂକ୍ରିଟ ଉପରେ ଢାଳିଲେ ପିଚୁ**
> **ମରାମତି ସମୟରେ ମନମୁଖୀ କାରବାର, ବଢୁଛି ଦୁର୍ଘଟଣା**

## ଥମୁନି ୩୫ ଟିକିଆ ହାତୀ ପଲଙ୍କ ଆତଙ୍କ



**କଣ୍ଟାବାଞ୍ଜି/ ମୁରିବାହାଲ, ୧୯।୭ (ସମିସ):** ବଲାଙ୍ଗିର ଜିଲ୍ଲା ଡିଖାଲି ସଂରକ୍ଷିତ ମୁରିବାହାଲ ରେଞ୍ଜ ଜଙ୍ଗଲରେ ୩୫ଟିକିଆ ବଣୁଆ ହାତୀ ଆତଙ୍କ ଦେଖିବାକୁ ମିଳିଛି। ସନ୍ଧ୍ୟା ହେଲେ ଚାଷ ଜମିରେ ପଶି ଚାଷ ନଷ୍ଟ କରୁଥିବା ବେଳେ ଅଞ୍ଚଳ ଅନ୍ଧାର ପାଲଟି ଥିବା ଦେଖିବାକୁ ମିଳୁଛି। ହାତୀପଲ ମୁରିବାହାଲ ଅଞ୍ଚଳର ଅନେକ ଗ୍ରାମରେ ଧାନ, ପନି ପରିବା, କଦଳୀ କ୍ଷେତରେ ପଶି ନଷ୍ଟ କରୁଛନ୍ତି। ମୁରିବାହାଲ ଅଞ୍ଚଳରେ ଦୀର୍ଘ ଆଠମାସ ହେଲା ଚାଷୀଙ୍କ ଫସଲ ନଷ୍ଟ କରୁଥିବା ବେଳେ ଶନିବାର ଗୁଡିଘାଟ ପଞ୍ଚାୟତ ବାରବନ୍ଧ (ରାନିସିଲେଟ) ଗ୍ରାମର ଚାଷ ଜମିରେ ପଶି ଧାନ ପଲା, କପା ଚାଷ ନଷ୍ଟ କରିଦେଇଛି। ହାତୀ ପଲ ମୁରିବାହାଲ ରେଞ୍ଜ କର୍ଲାପିଟା, ଡ଼ଙ୍ଗାବାଞ୍ଜି, ପେରୁଆମାଲ, ବାରବନ୍ଧ, ସୁକୁନିପଦର, ରାନିସିଲେଟ, ବେହେରାଖାଇ, କୁଟୁନିଝରଣ ଅନେକ ଅଞ୍ଚଳରେ ବୁଲି ବୁଲି ଚାଷ ଫସଲ ନଷ୍ଟ କରିଚାଲିଥିବା ନେଇ ଅଞ୍ଚଳର ଚାଷୀ ମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ମୁରିବାହାଲ ରେଞ୍ଜରେ ୫ ଟି ସେକ୍ସନ ଥିବା ବେଳେ ୧୬ ଟି ବିଟ୍ ଅଛି, ହେଲେ ବନ ବିଭାଗ କିଛି ପଦକ୍ଷେପ ନେଉ ନ ଥିବା ଅଞ୍ଚଳର ଲୋକେ ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ବନ ଖଣ୍ଡ ଅଧିକାରୀ ଶିବପ୍ରସାଦ ନାୟକଙ୍କୁ ପଚାରିବାରୁ ଦୀର୍ଘ ଦିନଧରି ରହିଆସୁଥିବା ହାତୀ ପଲଙ୍କ ପାଇଁ ଅସହାୟ ଅବସ୍ଥାରେ ରହିଛୁ। ଯେଉଁ ଚାଷୀ ମାନଙ୍କ ଚାଷ କ୍ଷତି ହେଇଛି ସେମାନେ ଆବେଦନ କଲେ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବ। ହାତୀ ପଲ ଘଉଡ଼ାଇ ହେଉ ନଥିବାରୁ ସେମାନଙ୍କ ଗତିବିଧି ପ୍ରତି ନଜର ରଖାଯାଉଛି ବର୍ଷା ଋତୁ ଚାଲିଥିବାରୁ ଡ୍ରୋନ୍‌ରେ ଟ୍ରାକ କରି ହେଉନାହିଁ ବୋଲି ପ୍ରକାଶ କରିଛନ୍ତି। ହାତୀ ପଲଙ୍କ ପାଇଁ ବିଦ୍ୟୁତ ବିଚ୍ଛିନ୍ନ ରହୁଛି ଯାହା ଲୋକଙ୍କ ପାଇଁ ରହିବା ବସିବା କଷ୍ଟକର ସାଜିଛି। ଶୀଘ୍ର ପଦକ୍ଷେପ ନେଇ ହାତୀ ପଲଙ୍କୁ ଅନ୍ୟ ପଟେ ଘଉଡ଼ାଇ ଚାଷୀମାନଙ୍କ କ୍ଷତି ପୂରଣ ଯଥାଶୀଘ୍ର ଯୋଗାଇଦେବା ପାଇଁ ଅଞ୍ଚଳରେ ଦାବି ହେଉଛି।

## ଲୋକସଭା ସାଂସଦଙ୍କୁ ଭେଟିଲା ରେଳ ଉପଭୋକ୍ତା ସଂଘ

**ବଲାଙ୍ଗିର, ୧୯।୭ (ସମିସ):** ସାର୍କିଟ ହାଉସ ଠାରେ ରେଳ ଉପଭୋକ୍ତା ସଂଘ ଲୋକସଭା ସାଂସଦ ସଙ୍ଗୀତା କୁମାରୀ ସିଂଦେଓ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛି। ସଂଘର ସଭାପତି ପ୍ରଫେସର ତରୁଣ କୁମାର ମିଶ୍ର ଭୁବନେଶ୍ୱରକୁ ପ୍ରତିଦିନ ଯିବା ଆସିବା କରିଲା ପରି ଏକ ସକାଳୁଆ ଟ୍ରେନ ଚଳାଚଳ ପାଇଁ ଅନୁରୋଧ ରଖିଥିଲେ। ତତ୍ ସହ ସ୍ମାରକପତ୍ରରେ ଷ୍ଟେସନରେ ୫ମ ରେଲ ଲାଇନ, ଚତୁର୍ଥ ପ୍ଲାର୍ଟଫର୍ମର ନିର୍ମାଣ, ଚତୁର୍ଥ ପ୍ଲାର୍ଟଫର୍ମକୁ ଯିବା ପାଇଁ ତୃତୀୟ ପ୍ଲାର୍ଟଫର୍ମରେ ଲିଫ୍ଟର ସୁବିଧା, ୧ନମ୍ବର ପ୍ଲାର୍ଟଫର୍ମରେ ଦିବ୍ୟାଙ୍ଗ, ବରିଷ୍ଠ



ନାଗରିକ ଏବଂ ରୋଗୀମାନଙ୍କ ଯାତାୟତ କରିବା ପାଇଁ ର୍‌ୟାମ୍ପର ସୁବିଧା ସର୍ବୋପରି ଦିଲ୍ଲୀ ବା ପ୍ରୟାଗରାଜ ଓ ୱାଲଟିୟରକୁ ସିଧାସଳଖ ଟ୍ରେନ୍ ଯୋଗାଯୋଗ ପାଇଁ ପିଆଇଟି ଲାଇନର ସୁବିଧା କରିବା ଆଦି ଉଲ୍ଲେଖ ରହିଛି। ସାଂସଦ ସମସ୍ତଙ୍କ କଥା ଶୁଣି ପତ୍ର ପଢ଼ି ଚେଷ୍ଟା କରିବି ବୋଲି କହିଥିଲେ ଓ ବଲାଙ୍ଗିରରୁ ନୂଆପଡ଼ା ରେଳପଥର ନିର୍ମାଣ ପାଇଁ ଜୋର ଦେବେ ବୋଲି ମତ ରଖିଥିଲେ। ଆଲୋଚନା ରେ ରେଳ ଉପଭୋକ୍ତା ସଂଘର ସମ୍ପାଦକ ବିମଳ ଚକ୍ରବର୍ତ୍ତୀ, ଉପ-ସଭାପତି ଅନନ୍ତ ବିଶୋଇ, କାର୍ଯ୍ୟକାରୀ ସଭ୍ୟ ଗୋପବନ୍ଧୁ ପୁରୋହିତ, ଶିବ ନାରାୟଣ ରଥ, ଦିବାକର ହୋତା ଓ ରତୁରାଜ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ସାବିତ୍ରୀବାଇ ଫୁଲେ ଓ ଜ୍ୟୋତିବାରାଓଙ୍କ ପ୍ରତିମୂର୍ତ୍ତି ଭିତ୍ତିପ୍ରସ୍ତର

**ବଲାଙ୍ଗିର, ୧୯।୭ (ସମିସ):** ପଶ୍ଚିମ ଓଡ଼ିଶା ମହିଳା ସଂଗଠନ ତରଫରୁ ସାବିତ୍ରୀବାଇ ଫୁଲେ ଓ ଜ୍ୟୋତିବାରାଓ ଫୁଲେଙ୍କ ପ୍ରତିମୂର୍ତ୍ତିସ୍ଥାପନ ପାଇଁ ସ୍ଥାନୀୟ ଯାଦବ ଭବନ



ସମ୍ମୁଖରେ ଭିର୍ତ୍ତିପ୍ରସ୍ତର ସ୍ଥାପିତ ହୋଇଯାଇଛି। ସଂଗଠନର ସଭାନେତ୍ରୀ ସବିତା ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଯୋଗ ଦେଇଥିବା ବେଳେ ଡୁଡା ପିଡିର ଅଧ୍ୟକ୍ଷ ତରଣୀ ସୁନା, ପୂର୍ତ୍ତବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଆଶୁତୋଷ ଜେନା ଓ ସମାଜସେବୀ ଭୁବନ ନାଗ ଯୋଗ ଦେଇଥିଲେ। ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ପରେ ଏକ ସଭା ସ୍ଥାନୀୟ ଯାଦବ ଭବନଠାରେ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସଂଗଠକ ପାଣ୍ଡବ କୁମ୍ଭାର, ବିଜୟ ବାରିକ, ଶମ୍ଭୁ ନାଗ, ତରଣୀସେନ ଦୀପ, ଜ୍ୟୋତିଷ ମୁଗ୍ରୀ, ଦଣ୍ଡୁଆ କୁମ୍ଭାର, ସତ୍ୟାନନ୍ଦ ସୁନା, ରାଜେନ୍ଦ୍ର ସୁନା, ସୂର୍ଯ୍ୟ ସୁନା, ଓମ୍ ପ୍ରକାଶ କୁମ୍ଭାର, ଅମ୍ବିକା କୁମ୍ଭାର, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଲ, ଡ. ବାସନ୍ତି ନନ୍ଦ, କୁନାଲ ସରକାର, ବୈକୁଣ୍ଠ ବାରିକ, ବାସୁଦେବ ମୁଗ୍ରୀ, ପବିତ୍ର ନାଗ, କୁନାଲ କହିର, ବିପିନ ବାରିକ, ବିନୋଦ ମୁଗ୍ରୀ, ହରି ନନ୍ଦ ଓ ପଶ୍ଚିମ ଓଡ଼ିଶାର ମହିଳା ସଂଗଠନର କର୍ମକର୍ତ୍ତାମାନେ ମତବ୍ୟକ୍ତ କରିଥିଲେ। ବିଭିନ୍ନ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ସାହୁ ପ୍ରତିଶ୍ରୁତି ଦେଇଥିଲେ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆପ୍‌ର ପ୍ରତିବାଦ



**ବଲାଙ୍ଗିର, ୧୯।୭ (ସମିସ):** ଫକୀର ମୋହନ ବିଶ୍ୱ ବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ସହ ହୋଇଥିବା ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ଆମ୍ ଆଦମୀ ପାର୍ଟି। ଆପ୍ ବଲାଙ୍ଗିର ଜିଲ୍ଲା ସଭାପତି ତଥା ରାଷ୍ଟ୍ରୀୟ ପରିଷଦ ସଦସ୍ୟ ଆଶିଷ ପାଣ୍ଡେ କହିଥିଲେ ବିଜେପି ଓଡ଼ିଶା ସରକାର ଆସିବା ଦିନ ଠୁ ଓଡ଼ିଶାରେ ହତ୍ୟା, ଦୁଷ୍କର୍ମ ବଢ଼ିଚାଲିଛି। ତେଣୁ ଏହାକୁ ରୋକା ଯାଉ। ଏହି ପ୍ରତିବାଦରେ ଆପ ବଲାଙ୍ଗିରର ରମାକାନ୍ତ ବେହେରା, ଅଶୋକ ସୁନା, ସମ୍ରାଟ କିଶୋର ଭୋଇ, ସଦାଶିବ ମେହେର, ଅନ୍ତର୍ଯ୍ୟାମୀ ସାହୁ, ପଙ୍କଜ ସାହୁ, ଜୟପ୍ରକାଶ ମିଶ୍ର, ଅମନ ମହାପାତ୍ର, କାହ୍ନୁଚରଣ, ହାଡୁ ଛତ୍ରିଆ, ଦିଲୀପ ମେହେର, ବାଳକୃଷ୍ଣ ନାଏକ, ରାଧେ ସାହୁ, ପ୍ରହଲ୍ଲାଦ ବାଗ, ସନ୍ତୋଷ ବେହେରା, ନିରାକାର ଭୋଇ, ଅମିତ ନାଗ ଏବଂ ଅନ୍ୟ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

## ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ବୈଠକ



**କଣ୍ଟାବାଞ୍ଜି, ୧୯।୭ (ସମିସ):** କଣ୍ଟାବାଞ୍ଜି ସାଗରପଡ଼ା ପ୍ରାଥମିକ ବିଦ୍ୟାଳୟଠାରେ ଚଳିତ ମାସର ମାସିକ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କଣ୍ଟାବାଞ୍ଜି ସହରର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଓ ମୌଳିକ ଭାଷା ଓ ସଂଖ୍ୟାଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। କଣ୍ଟାବାଞ୍ଜି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିନେଶ ମହାନନ୍ଦ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ କରିଥିଲେ। ସରକାରଙ୍କ ଦ୍ୱାରା ଚଳିତବର୍ଷ ସମସ୍ତ ସରକାରୀ ବିଦ୍ୟାଳୟରେ ୫+ ପିଲାଙ୍କ ପାଇଁ ଶିଶୁ ବାଟିକା ଖୋଲିଛି। ସେହି ଶିଶୁ ବାଟିକାରେ କୁନି କୁନି ପିଲାଙ୍କ ସହ ଶିକ୍ଷକ କିପରି ଭାବ ଆଦାନ ପ୍ରଦାନ କରି ଶିକ୍ଷାଦାନ ଦେବେ ସେ ବିଷୟରେ ଆଲୋଚନା ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସବିତା ମହାପାତ୍ର, ସ୍ୱର୍ଣ୍ଣଲତା ଦାସ, ନିରୁପମା ମିଶ୍ର, ସୁଭାଷିନୀ ମେହେର, ଅଞ୍ଜଳୀ ଧରୁଆ, ସବିତା ରଣା, ଲାବନ୍ୟା ବତୀ ଧରୂଆ, ଶାନ୍ତିଲତା ଭୋଇ, ବୀଣାପାଣି ଦାଶ, କୁସୁମ ମଞ୍ଜରୀ ନାଗ, ସଂଘମିତ୍ରା ପାଣିଗ୍ରାହୀ ଯୋଗ ଦେଇ ଥିବାବେଳେ ଶିକ୍ଷକ ସୁରେନ୍ଦ୍ର ମାଝୀ ଧନ୍ୟବାଦ ଦେଇଥିଲେ।

## ଜୋନାଲସ୍ତରୀୟ କରାଟେ ଓ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତା


**ବଲାଙ୍ଗିର, ୧୯।୭ (ସମିସ):** ସ୍ଥାନୀୟ ରେଲୱେ ଷ୍ଟେସନ ଛକ ସ୍ଥିତ କରାଟେ ସ୍କୁଲରେ ସିଆଇଏସ୍‌ସିଇ ଅଧୀନସ୍ଥ ଲିଟିଲ୍ ଫ୍ଲାୱାର ସ୍କୁଲ ତରଫରୁ ଜୋନାଲସ୍ତରୀୟ ସ୍କୁଲ ଗେମ୍ ଟାଇକ୍ୱୋଣ୍ଡୋ ଓ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ବଲାଙ୍ଗିର ଓ ସୁବର୍ଣ୍ଣପୁର ଜିଲ୍ଲା ସିଆଇଏସ୍‌ସିଇ ଅଧୀନସ୍ଥ ସମସ୍ତ ସ୍କୁଲର କରାଟେ ଓ ଟାଇକ୍ୱୋଣ୍ଡୋ ଛାତ୍ର ଛାତ୍ରୀମାନେ ଭାଗ ନେଇଥିଲେ। ଏଥିରେ ୧୪ ଓ ୧୭ ବର୍ଷ ବର୍ଗ ବାଳକ ଓ ବାଳିକା ବିଭାଗର ବିଭିନ୍ନ ଓଜନରେ କରାଟେ ଓ ଟାଇକ୍ୱୋଣ୍ଡୋ ଫାଇଟିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବଲାଙ୍ଗିର ଜିଲ୍ଲା କରାଟେ ଅର୍ଗାନାଇଜେସନ ଓ ବଲାଙ୍ଗିର ଜିଲ୍ଲା ଟାଇକ୍ୱୋଣ୍ଡୋ ସଂଘର ସାଧାରଣ ସମ୍ପାଦକ ତଥା କୋଚ୍ ଅସୀମ କୁମାର ଭୋଇ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଏଥିରେ ଉତ୍ତୀର୍ଣ୍ଣ ଛାତ୍ର ଛାତ୍ରୀମାନଙ୍କୁ ଓଡ଼ିଶା ରିଜନ କମିଟି ସଦସ୍ୟ ମୁକେଶ ସାହୁ, ଜାତୀୟସ୍ତରୀୟ ଟାଇକ୍ୱୋଣ୍ଡୋ କରାଟେ କୋଚ ଅସୀମ ଭୋଇ, ଲିଟିଲ ଫ୍ଲାୱାର ସ୍କୁଲ ପିଇଟି ପ୍ରଭାତ ଦାଶ ଓ ଦେବାଶିଷ ମହାପାତ୍ର ମାନପତ୍ର ଓ ମେଡାଲ ସହ ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ଆଗାମୀଦିନରେ ସିଆଇଏସ୍‌ଇ ରିଜିଓନାଲସ୍ତରୀୟ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀମାନେ ଭାଗ ନେବେ ବୋଲି ସୂଚନା ଦିଆଯାଇଛି। ଏଥିରେ ଅଫିସିଆଲ ମୁଖ୍ୟ ଭାବେ ଅସୀମ ଭୋଇ ତଥା ସୁଶାନ୍ତ ମୁଗ୍ରୀ, କରନ ନନ୍ଦ, ଅସିଫ୍ ରାଜା, ଜୟମ ସାହୁ ଓ ପ୍ରାଚୀ ବେହେରା ଦାୟିତ୍ୱ ବହନ କରିଥିଲେ। ଅସୀମ ଟାଇକ୍ୱୋଣ୍ଡୋ ଓ କରାଟେ ଏକାଡେମୀର ଶ୍ରୀୟାଂଶ ସିଂ ଭଞ୍ଜ, ଶୁଭମ ମେହେର, ସାନଭି ପ୍ରଧାନ, ପ୍ରୀୟମ ସାହୁ, ଆର୍ୟମାନ ସିଂଦେଓ, ସମୀକ୍ଷା ସମୃଦ୍ଧି ଷଡ଼ଙ୍ଗୀ, ଅଭିଳାଷା ଚୌଧୁରୀ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି।




## ଜରାସିଂହା କଲେଜରେ ବନ ମହୋତ୍ସବ



**ଦେଓଗାଁ, ୧୯।୭ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅଧୀନ ଜରାସିଂହା ଯୁକ୍ତଦୁଇ କଲେଜରେ ଶନିବାର ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ବସନ୍ତ କୁମାର ମନହୀରାଙ୍କ ଅଧ୍ୟକ୍ଷତା ତଥା ପ୍ରାଧ୍ୟାପକ ରଞ୍ଜନ କୁମାର ପାଣିଗ୍ରାହୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର ଯୋଗଦେଇ ଥିଲେ। ଏ ଅବସରରେ କଲେଜରେ ନୂତନ ଭାବେ ଯୋଗଦେଇଥିବା ଓଡିଆ ଅଧ୍ୟାପକ ହୃଷିକେଶ ପଧାନ, ରାଜନୀତି ବିଜ୍ଞାନ ଅଧ୍ୟାପିକା ପ୍ରତିଭା ମୁନା, ବାଣିଜ୍ୟ ଅଧ୍ୟାପକ ଚୂଳମଣୀ ମାଝୀ, ଇଂରାଜୀ ଅଧ୍ୟାପକ ଟିଙ୍କୁ ମେହେରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପରେ କଲେଜ ପରିସରରେ ଛାତ୍ରୀଛାତ୍ର ତଥା ଅତିଥିବୃନ୍ଦ ଚାରା ରୋପଣ କରିଥିଲେ। ପ୍ରାଧ୍ୟାପକ ଧୋବାଇ ଚରଣ ପଟେଲ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସମସ୍ତ ଅଧ୍ୟାପିକା ଅଧ୍ୟାପକ ତଥା କର୍ମଚାରୀ ସହଯୋଗ କରିଥିଲେ।




### ଚାଉଳ ଭର୍ତ୍ତି ଟ୍ରକ୍ ଅଟକ ଘଟଣା

# ଯାଞ୍ଚ ପରେ ମିଲ୍‌ରଙ୍କୁ ଗାଡ଼ି ଦେଇଦେଲା ପୁଲିସ

**ବଲାଙ୍ଗିର, ୧୯।୭ (ସମିସ)**

ବଲାଙ୍ଗିର ଜିଲ୍ଲା ଦେଓଗାଁ ଚାଉଳ ଭର୍ତ୍ତି ଟ୍ରକ୍ ଘଟଣାକୁ ମିଳିମିଶି ଚାପିଦେଲେ ପୁଲିସ ଓ ଯୋଗାଣ ବିଭାଗ। ଛତିଶଗଡ଼ରୁ ମିଲ୍‌କୁ ଚାଉଳ ଆସୁଥିବାବେଳେ ବେଆଇନ ଚାଲାଣ ସନ୍ଦେହରେ ଦେଓଗାଁ ପୁଲିସ ଟ୍ରକ୍‌କୁ ଅଟକ ରଖିଥିଲା। କେବଳ ଅଟକ ରଖିନଥିଲା ଦୁଇ ଦିନ ପୁଲିସ ଲୁଚାଇ ରଖିଥିଲା। ପରେ ଏନେଇ ଖବର ପ୍ରକାଶିତ ହୋଇଥିଲା। ଫଳରେ ଗତ ମଙ୍ଗଳବାର ଏହି ଟ୍ରକ୍‌କୁ ଥାନା କୁ ଆଣି ଯୋଗାଣ ବିଭାଗକୁ ଖବର ଦେଇଥିଲା। ତେବେ ଏହାର କିଛି ଘଣ୍ଟା ପରେ ହିଁ ଉକ୍ତ ଟ୍ରକ୍‌କୁ ଯେଉଁ ମିଲକୁ ଯାଉଥିଲା ସେହି ମିଲରଙ୍କୁ ଡାକି ଦେଓଗାଁ ପୁଲିସ ଟ୍ରକ୍ ହସ୍ତାନ୍ତର କରିଥିଲା। ତେବେ ସତରେ କ'ଣ ମିଲକୁ ବେଆଇନ ଭାବେ ଚାଉଳ ଆସି ନ ଥିଲା। ଉକ୍ତ ଟ୍ରକୟରେ କେବଳ ଚାଉଳ ଥିଲା ନା ଆଉ କିଛିଥିଲା। କାହିଁକିନା ଯେଉଁ ମିଲରକୁ ଚାଉଳ ହସ୍ତାନ୍ତର କରାଯାଇଥିଲା ସେହି ମିଲର ଅନ୍ୟ ଜିଲ୍ଲା ରେ ଚାଉଳ ଟ୍ରକ୍‌ରେ ଗଞ୍ଜେଇ ଚାଲାଣ କରିଥିବାବେଳେ ଧରା ମଧ୍ୟ ପଡ଼ିଥିଲେ। ତେବେ ଏହି ଘଟଣାରେ ପୁଲିସ - ମିଲର - ଯୋଗାଣ ବିଭାଗ ଭିତରେ ଏକ ବଡ଼ଡିଲ ହୋଇଥିବା ସାଧାରଣରେ ଚର୍ଚ୍ଚା ହୋଇଛି।

ଦେଓଗାଁ ଚାଉଳ ଭର୍ତ୍ତି ଟ୍ରକ୍ ଘଟଣାରେ ପୁଲିସ ଉକ୍ତ ଟ୍ରକ୍‌କୁ ବିନା କୌଣସି କାର୍ଯ୍ୟାନୁଷ୍ଠାନ ଛାଡ଼ି ଦେଇଥିବା ଜଣାପଡ଼ିଛି। କିନ୍ତୁ ଏହାକୁ ନେଇ ଏବେବି ବିବାଦ ରେ ଛନ୍ଦି ହୋଇରହିଛି ଦେଓଗାଁ ପୁଲିସ। ସୂଚନା ଅନୁସାରେ ଏକ ଟ୍ରକ୍‌ରେ ଚାଉଳ ଭର୍ତ୍ତି ହୋଇ ଛତିଶଗଡ଼ରୁ ତୁଷୁରା ବଡଙ୍ଗୋମୁଣ୍ଡାଠାରେ ଥିବା ଏକ ମିଲ୍‌କୁ ଆସୁଥିବାବେଳେ ବାଟରେ ପୁଲିସ ଏହାକୁ ଅଟକାଇ ରଖିଥିଲା। ବେଆଇନ ଚାଲାଣ ସନ୍ଦେହରେ ପୁଲିସ ଟ୍ରକକୁ ଅଟକାଇ ରଖି ଦୁଇ ଦିନ ଧରି ଭିନ୍ନ ଭିନ୍ନ ସ୍ଥାନକୁ ନେଇ ଲୁଚାଇ ରଖିଥିଲା। ପରେ ଏନେଇ ଖବର ପ୍ରକାଶ ପାଇବା ପରେ ବାଧ ହୋଇ ପୁଲିସ ଦେଓଗାଁ ଥାନାକୁ ଉକ୍ତ ଟ୍ରକକୁ ଆଣି ଯୋଗାଣ ବିଭାଗ ଯାଞ୍ଚ ପାଇଁ ଜଣାଇଥିଲା। ତେବେ ଉକ୍ତ ଛାନଭିନ୍‌ରେ ଯୋଗାଣ ବିଭାଗ କ'ଣ ଯାଞ୍ଚକଲା କେଜାଣି ସେହିଦିନ ହିଁ ଟ୍ରକ୍‌କୁ ମିଲ ମାଲିକଙ୍କୁ ଡାକି ହସ୍ତାନ୍ତର କରିଦେଇଥିଲା ଦେଓଗାଁ ପୁଲିସ। ଯାହାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଯଦି ଚାଉଳ ବେଆଇନ ଭାବେ ଚାଲାଣ ହେଉ ନ ଥିଲା ତେବେ କାହିଁକି ପୁଲିସ ଟ୍ରକକୁ ତିନି ଦିନ ଧରି ଅଟକାଇ ରଖିଥିଲା। ମିଲକୁ ଏହିଭଳି ଭାବେ ବାହାର ରାଜ୍ୟର ଚାଉଳ ଆସି ପାରିବ ତ! କାହିଁକିନା ସମ୍ପୃକ୍ତ ମିଲ ନାମରେ ଗତ ଖରିଫରେ ମିଥ୍ୟା ଏଣ୍ଟ୍ରି କରିଥିବା ନେଇ ମଧ୍ୟ ଅଭିଯୋଗ ହୋଇଥିଲା। ଉକ୍ତ ଧାନ ବଦଳରେ ଚାଉଳ ଭରଣା କରିବା ପାଇଁ ଛତିଶଗଡ଼ରୁ ଚାଉଳ ଅଣାଯାଇଥିବା ଆଲୋଚନା ହୋଇଥିଲା। ଏତେ ସବୁ ବିବାଦ ସତ୍ତ୍ୱେ କିଭଳି ଚାଉଳ ଭର୍ତ୍ତି ଗାଡ଼ିକୁ ଯୋଗାଣ ବିଭାଗ ଛାଡିଦେଲା ତାହା ସବୁଠାରୁ ବଡ଼ ପ୍ରଶ୍ନ। ଅନ୍ୟପକ୍ଷରେ ଏହି ଟ୍ରକର ଯାଞ୍ଚ ଯୋଗାଣ ବିଭାଗ କରିଛି ନା ନାହିଁ ତାହା ମଧ୍ୟ ବଡ ପ୍ରଶ୍ନ। ଏନେଇ ବାରମ୍ବାର ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡାଙ୍କୁ ପଚାରିବା ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର ପ୍ରତିକ୍ରିୟା ମିଳି ନ ଥିଲା। ଏହି ଘଟଣାରେ ଥାନା ଅଧିକାରୀ ବୁଲୁ ମୁଣ୍ଡାଙ୍କ କହିବା ଅନୁସାରେ ଗାଡ଼ିରେ କିଛି ଅସୁବିଧା ନ ଥିଲା। ଯୋଗାଣ ବିଭାଗ କହିବା ଅନୁସାରେ ଉକ୍ତ ଗାଡ଼ିକୁ ମିଲରକୁ ହସ୍ତାନ୍ତର କରାଯାଇଥିବା କହିଛନ୍ତି। ତେବେ ସୂଚନା ଯୋଗ୍ୟ ଯେ ଉକ୍ତ ଚାଉଳ ଛତିଶଗଡ଼ରୁ ଆଣିଥିବା ମିଲରର ଗାଡି ପୂର୍ବରୁ ରାୟଗଡ଼ା ଜିଲ୍ଲାରେ ମଧ୍ୟ ଧରାପଡ଼ିଥିଲା। ସେହି ସମୟରେ ସେ ଚାଉଳ ଭିତରେ ଗଞ୍ଜେଇ ଚାଲାଣ କରିଥିବା ଅଭିଯୋଗ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଦେଓଗାଁ ପୁଲିସ ସେହି ଦିଗରେ ଯାଞ୍ଚ କରିଛି ନା ନାହିଁ ତାହା ମଧ୍ୟ ସନ୍ଦେହ। କିନ୍ତୁ ଏହି ମାମଲା ରୁ ପୁଲିସ, ମିଲର ଓ ଯୋଗାଣ ବିଭାଗ ଭିତରେ ଏକ ଭିତିରି ଡିଲ ହୋଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଯାହାଫଳରେ ବିନା କୌଣସି କାର୍ଯ୍ୟାନୁଷ୍ଠାନ ରେ ଉକ୍ତ ଗାଡ଼ିକୁ ଛାଡିଦିଆଯାଇଥିବା ଚର୍ଚ୍ଚା ହେଉଛି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ଯୋଗାଣ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

> **ଆବଶ୍ୟକ ଯାଞ୍ଚ ହୋଇ ନ ଥିବା ଅଭିଯୋଗ**
> **ପୂର୍ବରୁ ସମ୍ପୃକ୍ତ ମିଲରଙ୍କ ଗାଡ଼ି ଗଞ୍ଜେଇ ଚାଲାଣ ଅଭିଯୋଗରେ ଧରାପଡ଼ିଥିଲା**

■ ସଇଁତଳା ବ୍ଲକ୍ ଅଞ୍ଚଳରେ ସାର ଅଭାବୀ ବିକ୍ରି

# ଅଧିକ ଦରରେ ବିକ୍ରି କରୁଛନ୍ତି ବ୍ୟବସାୟୀ



**ସଇଁତଳା, ୧୯।୭(ସମିସ):** ସଇଁତଳା ବ୍ଲକ ଅଞ୍ଚଳରେ ଚାଷୀମାନେ ଚାଷ କାର୍ଯ୍ୟ ଆରମ୍ଭ କରିଦେଇଥିବାବେଳେ ସାରର ଅଭାବି ବିକ୍ରି ହେଉଥିବ ଅଭିଯୋଗ ହୋଇଛି। ରାଷ୍ଟ୍ରୀୟ ମଜଦୁର ସଂଘ, କଂଗ୍ରେସର ରାଜ୍ୟ ସମ୍ପାଦକ ତଥା ବଲାଙ୍ଗିର ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ସାହୁ ତଥା ଅଞ୍ଚଳର ଚାଷୀମାନେ ଏ ନେଇ ଏକ ଦାବିପତ୍ର କୃଷି ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ର ଅନୁସାରେ ବ୍ଲକ ଅଞ୍ଚଳରେ ଆବଶ୍ୟକ ହେଉଥିବା କଂପ୍ଲେକ୍ସ ସାରର ଅଭାବି ବିକ୍ରି ହେଉଛି। ଧାର୍ଯ୍ୟ ଦରଠାରୁ ଅଧିକ ଦରରେ ଚାଷୀଙ୍କୁ ସାର ବିକ୍ରି କରାଯାଉଛି। ବ୍ୟବସାୟୀ ତଥା ଜିଲ୍ଲାସ୍ତରରେ ସାରର ଅଭାବ ନ ଥିବା ଜିଲ୍ଲା କୃଷି ବିଭାଗ କହିଥିବାବେଳେ ଜାଣିଶୁଣି ଚାଷୀଙ୍କୁ ସାର ମିଳୁନଥିବା କହି କୃତିମ ଅଭାବ ସୃଷ୍ଟି କରାଯାଇ ସେମାନଙ୍କଠାରୁ ଅଧିକ ଟଙ୍କା ବ୍ୟବସାୟୀମାନେ ଅସୁଲି କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ଏ ବିଷୟରେ ସଇଁତଳା କୃଷି ବିଭାଗର ଅଧିକାରୀ ଚଣ୍ଡୀପ୍ରସାଦ ମହାଲିକଙ୍କୁ ଅବଗତ କରିବାରୁ ୩ ରୁ ୪ ଦିନ ପରେ ଷ୍ଟକ୍‌ଯାଞ୍ଚ କରାଯିବ ବୋଲି କହିଥିଲେ। ଏହାକୁ ନେଇ ଶ୍ରୀ ସାହୁ କୃଷି ଅଧିକାରୀ ଏବଂ ବ୍ୟବସାୟୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଥିବା ଯୋଗୁଁ ଚାଷୀ ହଇରାଣ ହେଉଥବା କହିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ଚାଷୀଙ୍କୁ ସୁଲଭ ମୂଲ୍ୟରେ ସାର ଯୋଗାଣ କରିବାକୁ ଶ୍ରୀ ସାହୁ ଦାବୀ କରିବା ସହ ଆଗାମୀ ଦିନରେ ଏହାକୁ ନେଇ ଚାଷୀମାନେ ଆନ୍ଦୋଳନ ପନ୍ଥା ଆପଣାଇବେ ବୋଲି ଦାବୀପତ୍ରରେ ଉଲ୍ଲେଖ କରିଛନ୍ତି। ସତ୍ୟନାରାୟଣ ସାତ୍ର, ନିର୍ମଳ ହରପାଲ, ଜଗବନ୍ଧୁ ଦାଶ, ରାଧାକାନ୍ତ ସାହୁ, ରମାକାନ୍ତ ଦୀପଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

ଓଡ଼ିଶା କେନ୍ଦୁପତ୍ର ସଂଘ ବଲାଙ୍ଗୀର ସର୍କଲସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ

# ସରକାର ପିଠିକୁ ମାରନ୍ତୁ; ପେଟକୁ ନୁହେଁ

**ଭବାନୀପାଟଣା, ୧୯।୭(ସମିସ)**

ଓଡ଼ିଶା କେନ୍ଦୁପତ୍ର ସଂଘ ତରଫରୁ କଳାହାଣ୍ଡି କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀ ସଂଘ, କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଡିଭିଜନର ସହଯୋଗ କ୍ରମେ ବଲାଙ୍ଗୀର ସର୍କଲସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସରକାର ପିଠିକୁ ପଛେ ମାରନ୍ତୁ; ହେଲେ ପେଟକୁ ମାରନ୍ତୁନି ବୋଲି ସଭାରେ ଉପସ୍ଥିତ କେନ୍ଦୁପତ୍ର ଉନ୍ନୟନ ବୋର୍ଡ ସଦସ୍ୟ ଯଦୁମଣି ପାଣିଗ୍ରାହୀ କହିଥିଲେ।

ସ୍ଥାନୀୟ ଟାଉନ ହଲ ପରିସରରେ ଆୟୋଜିତ ସଭାରେ ଭବାନୀପାଟଣା ଡିଭିଜନର ସଭାପତି ଚିରାଗ ସିଂହଦେଓ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଙ୍ଗଲ ଓ ପରିବେଶ ଏବଂ ଶ୍ରମ ମନ୍ତ୍ରୀ ଗଣେଶ ଚନ୍ଦ୍ର ସିଂ ଖୁଣ୍ଟିଆ ଯୋଗଦେଇ ରାଜ୍ୟରେ ବିଭିନ୍ନ କାରଣରୁ କେନ୍ଦୁପତ୍ର ଉତ୍ପାଦନ ହାର ହ୍ରାସ ପାଉଥିବା କହିଥିଲେ। ୱେଲଫର ବୋର୍ଡରୁ ସରକାର କେନ୍ଦୁପତ୍ର ସଂଗ୍ରହରେ ଯେଉଁମାନେ ନିଯୁକ୍ତ ସେମାନଙ୍କ ପାଇଁ ବିଭିନ୍ନ ସାମଗ୍ରୀ ବ୍ୟବହାର ଉଦ୍ଦେଶ୍ୟରେ ସରକାର ୪୧ କୋଟି ୧୭ଲକ୍ଷ ଟଙ୍କା ଯୋଗାଇଛନ୍ତି। ତେବେ ଜଙ୍ଗଲ ବିଭାଗ ଓ ଶ୍ରମ ବିଭାଗ ପାଇଁ ବହୁତ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡୁଛି। ରାଜ୍ୟ ସରକାର ସର୍ବନିମ୍ନ ମଜୁରୀ ୪୫୦ଟଙ୍କା କରିଛନ୍ତି। ଏହାସତ୍ତ୍ୱେ ଅନେକ



ଶ୍ରମିକ ଉଚିତ ମଜୁରୀ ପାଉନାହାନ୍ତି। କେଉଁଠି ୨୭୦ ତ ଆଉ କେଉଁଠି ୨୮୦ଟଙ୍କା ମିଳୁଛି। ଏହାକୁ ନେଇ ମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିଥିଲେ। କମ୍ ମଜୁରୀ ଦେବାରେ କିଛି ଅସାମାଜି ବ୍ୟକ୍ତି ଓ ଅଫିସର ଜଡିତ ଥିବା ନିଜେ ମନ୍ତ୍ରୀ ସ୍ୱୀକାର କରିଛନ୍ତି। ଅନ୍ୟପକ୍ଷେ କେନ୍ଦୁପତ୍ର ତୋଳାଳି ତଥା ମୁନିସି, ଚେକର, ହେଡ୍ ଚେକର, ବନ୍ଧେଇ ଚେକର, ଫଡ଼ି ଚେକର ଓ ସର୍କଲ ଚେକରଙ୍କ କାର୍ଯ୍ୟକାଳ ସୀମା ସରକାର ବୃଦ୍ଧି କରିଛନ୍ତି; କିନ୍ତୁ ସେହି ଅନୁସାରେ ପ୍ରାପ୍ୟ ଦେଲାବେଳକୁ ସମାନୁପାତିକ ବିଲ୍ କରା ଯାଉନି। ପୂର୍ବଭଳି ମଜୁରୀ କମ୍ କରି ଦିଆଯାଉଛି। ଏହା ଦୁର୍ଭାଗ୍ୟଜନକ। ସରକାର ପିଠିକୁ ପଛେ ମାରନ୍ତୁ; ହେଲେ ପେଟକୁ ମାରିବାର ନୀତିରୁ କ୍ଷାନ୍ତ ହୁଅନ୍ତୁ ବୋଲି ସଭାରେ ଉପସ୍ଥିତ କେନ୍ଦୁପତ୍ର ଉନ୍ନୟନ ବୋର୍ଡ ସଦସ୍ୟ ଯଦୁମଣି ପାଣିଗ୍ରାହୀ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ପୁଣି ଶ୍ରୀ ପାଣିଗ୍ରାହୀ କହିଥିଲେ ଯେ, ଓଡ଼ିଶାରେ ୮ ଲକ୍ଷ କେନ୍ଦୁ ପତ୍ର ତୋଳାଳି ରହିଛନ୍ତି। ୧୮ ହଜାର କର୍ମଚାରୀ ନିୟୋଜିତ ହୋଇଥାନ୍ତି। ୧୯୭୩ ମସିହାରୁ ରାଜ୍ୟ ସରକାର ଏହି ବିଭାଗକୁ ନିଜ ହାତକୁ ନେଇଛନ୍ତି। ଆଜିସୁଦ୍ଧା ଅନେକ ସମସ୍ୟା ଦେଇ ଏହି ବିଭାଗରେ ବିଭିନ୍ନ ଦାୟିତ୍ୱରେ ଥିବା କର୍ମଚାରୀ ଓ ହିତାଧିକାରୀ ଗତି କରୁଛନ୍ତି। ଏଣୁ ସଂଘ ତରଫରୁ କେନ୍ଦୁପତ୍ର ବିଭାଗର ସମସ୍ତ କର୍ମଚାରୀଙ୍କୁ ନିୟମିତ କରିବା, ମୁନସି, ଚେକର, ହେଡ ଚେକର୍ ପ୍ରମୁଖଙ୍କ କାର୍ଯ୍ୟଦିବସ ସହ ଦରମା ବୃଦ୍ଧି, ଘରୋଇକରଣ ଉଚ୍ଛେଦ, ବୋନସର ପ୍ରତିଶତ ବୃଦ୍ଧି, କେନ୍ଦୁପତ୍ର କେରିର ଦର ବୃଦ୍ଧି, ହେଡ୍ ଚେକରଙ୍କୁ ପୂର୍ବପରି ମୋଟର ସାଇକେଲ ସହ ଇନ୍ଧନ ଯୋଗାଣ ଆଦି ଦାବି ନେଇ ଏକ ସ୍ମାରକପତ୍ର ମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଏହି ଅବସରରେ ଅନେକ କୃତିତ୍ୱ ହାସଲ କରିଥିବା ବିଭିନ୍ନ ରେଞ୍ଜର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ଭବାନୀପାଟଣା ଡିଭିଜନ ତରଫରୁ ୧୬ ଜଣ ହିତାଧିକାରୀଙ୍କ ପରିବାରକୁ ମୃତ୍ୟୁକାଳୀନ ସହାୟତା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, କେନ୍ଦୁପତ୍ର ଉନ୍ନୟନ ବୋର୍ଡ ସଦସ୍ୟ ଯଦୁମଣି ପାଣିଗ୍ରାହୀ, ଆର୍‌ସିସିଏଫ୍

**ଅସାମାଜିକ ବ୍ୟକ୍ତି, ଅସାଧୁ ଅଫିସରଙ୍କ ପାଇଁ ଦିନ ମଜୁରିଆ ଉଚିତ ପ୍ରାପ୍ୟ ପାଉନାହାନ୍ତି**

(ବଲାଙ୍ଗୀର) ରଣଜିତ ମଲ୍ଲିକ, ଡିଏଫ୍‌ଓ (ନର୍ଥ) ରମେଶ କୁମାର (ଆଇଏଫ୍‌ଏସ), ଡିଏଫ୍‌ଓ (ସାଉଥ୍) କାଲାଇ ଭାନାନ ଆର୍ (ଆଇଏଫ୍‌ଏସ), ଡିଏଫ୍‌ଓ ଗଦାଧର ପାତ୍ର, ବଲାଙ୍ଗୀର ଡିଏଫ୍‌ଓ ପ୍ରଦୀପ ମିରେପ୍, ଟିଟିଲାଗଡ଼ ଡିଏଫ୍‌ଓ ପି. ରଶ୍ମି ପ୍ରମୁଖ ନିଜ ନିଜ ବକ୍ତବ୍ୟ ରଖିଥିଲେ। ସଂଘର ସମ୍ପାଦକ ନିମାଇଁ ପଧାନ, କୋଷାଧ୍ୟକ୍ଷ ଆନନ୍ଦ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଡିଆର୍‌ଏମ୍‌ଙ୍କୁ ଭେଟିଲା କେସିଙ୍ଗା ରେଳଯାତ୍ରୀ ସଂଘ

**କେସିଙ୍ଗା, ୧୯।୭(ସମିସ):** କେସିଙ୍ଗା ରେଳ ଷ୍ଟେସନ ପରିଦର୍ଶନରେ ଆସିଥିବା ସମ୍ବଲପୁର ଡିଆରଏମ ସୁବାସ ଚନ୍ଦ୍ର ଚୌଧୁରୀଙ୍କୁ କଳାହାଣ୍ଡି ରେଳ ଯାତ୍ରୀ ସଂଘର କର୍ମକର୍ତ୍ତା ଭେଟିଛନ୍ତି। ସଭାପତି ବଣ୍ଟି ଅଗ୍ରୱାଲ, ରାମକୁମାର



ଜୈନ, ଡମ୍ବରୁଧର ଭୋଇଙ୍କ ନେତୃତ୍ୱରେ ଏକ ଟିମ୍ ଡିଆରଏମଙ୍କୁ ଭେଟିଥିଲେ। କେସିଙ୍ଗା, ଭବାନୀପାଟଣା, କାଣ୍ଡେଲ, ରୁପ୍ରାରୋଡ, ନର୍ଲା, ଲାଞ୍ଜିଗଡ଼ ଓ ଆମ୍ବୋଦଲା ଷ୍ଟେସନରେ ଉପୁଜୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଏହି ଟଇମ୍ ଡିଆରଏମ୍‌ଙ୍କ ସହ ଆଲୋଚନା କରଛି। କେସିଙ୍ଗା ଷ୍ଟେସନ ୪ ନମ୍ବର ପ୍ଲାଟଫର୍ମରେ ଟ୍ରେନ ରହଣି, ପିଇବା ପାଣି, ଶୌଚାଳୟ, ପ୍ରତିକ୍ଷାଳୟର ସୁବ୍ୟବସ୍ଥା ପାଇଁ ଡିଆରଏମଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ନିର୍ମାଣ କାମ ଶୀଘ୍ର ଶେଷ କରିବା ପାଇଁ ରେଳ ଯାତ୍ରୀ ସଂଘ ଅନୁରୋଧ କରଛି।

## ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟିତ



**କେସିଙ୍ଗା, ୧୯।୭(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ କିକିଆ ପଞ୍ଚାୟତର ଭେଜାପଦର ଗ୍ରାମରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ପଞ୍ଚାୟତରାଜ ତଥା ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ ନବନିର୍ମିତ ୫୦ ହଜାର କ୍ଷମତା ବିଶିଷ୍ଟ ଭୂତଳ ପାଣି ଟାଙ୍କି ଓ ପାଣି ପମ୍ପ ସହ ୩ଟି ସୌର ଚାଳିତ ଜଳ ଯୋଗାଣ ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି। ସେହିଭଳି ଗାଇଗାଁ କେରୋକୁଡ଼ା ଗ୍ରାମରେ ଗ୍ରାମାଞ୍ଚଳ ହାଟର ନବନିର୍ମିତ ଗୃହ ଉଦ୍‌ଘାଟିତ ହୋଇଛି। ମନ୍ତ୍ରୀଙ୍କ ସହ ଏହି ସବୁ କାର୍ଯ୍ୟକ୍ରମରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, କେସିଙ୍ଗା ବିଡ଼ିଓ ଜନ୍ମେଜୟ ସ୍ୱାଇଁଙ୍କ ଅନେକ ଅଧିକାରୀ ଓ ସ୍ଥାନୀୟ ଜନ ପ୍ରତିନିଧି ସାମିଲ ହୋଇଥିଲେ।

## ଆଲୁମିନା ପାଉଡର ଚୋରି ଅଭିଯୋଗରେ ୬ ଗିରଫ

**କେସିଙ୍ଗା, ୧୯।୭(ସମିସ):** କାଣ୍ଡେଲ ଷ୍ଟେସନରେ ଛିଡା ହୋଇଥିବା ରେଳ ଡବାରୁ ଆଲୁମିନା ପାଉଡର ଚୋରି ଅଭିଯୋଗରେ ଟିଟିଲାଗଡ଼ ରେଳବାଇ ପୁଲିସ ୬ ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ ଆମ୍ବୋଦଲାର ପିତମଲ ପଲକା, ନବଘନ କରକାରିଆ, ସାରୁଖ ଭତ୍ରା, ଲାଞ୍ଜିଗଡ଼ ପ୍ରତାପପୁରର ହରେକୃଷ୍ଣ ଭଘାର, ଲାଞ୍ଜିଗଡ଼ ଚନ୍ଦନପୁରର କେଶବ ମାଝୀ, ଲାଞ୍ଜିଗଡ଼ ଚମ୍ପାଦେଇପୁରର ହଳଧର ସାହୁ।

## ସାମୂହିକ ନୂଆଖାଇ ଭେଟଘାଟ ପାଇଁ ପ୍ରସ୍ତୁତି

**ସିନାପାଲି, ୧୯।୭(ସମିସ):** ସିନାପାଲି ବ୍ଲକ ସଦର ଗ୍ରାମ କାପସିରେ ସମସ୍ତ ଗ୍ରାମବାସୀଙ୍କ ଉଦ୍ୟମରେ ସାମୂହିକ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବରଗଛ ଛକଠାରେ ଗ୍ରାମ ଝାଙ୍କର ନରୋତ୍ତମ ମାଝୀଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷର ଏହି ଆୟୋଜନ ନିମନ୍ତେ ଏକ କମିଟି ଗଠନ କରାଯାଇଛି। ସଭାପତି ଭାବେ ନିକୁଞ୍ଜ ବିହାରୀ ସା, ଉପସଭାପତି ଭାବେ କୈଳାଶ ଜଗତ, ସମ୍ପାଦକ ଭାବେ ସାମନ୍ତ ଦାସ, ସହ ସମ୍ପାଦକ ଭାବେ ନରେଶ ମାଝୀ ଏବଂ କୋଷାଧ୍ୟକ୍ଷ ଭାବେ ବିହାରୀଲାଲ ମସ୍ରାଙ୍କୁ ମନୋନୀତ କରାଯାଇଛି। ନରୋତ୍ତମ ମାଝୀ, କହ୍ନେଇଚରଣ ଦାସ, ମୋହନ ଚରଣ ଦାସ, କେଦାରନାଥ ଦାସ, ଗଣେଶ ଦାସ, ମନୋଜ ଦାସ, ପ୍ରକାଶ ପାତ୍ର, ଜାକିର ଖାଁ, ରୋହିତ ରଣା, ତୁଳରାମ ନିଆଲ, ଭୂପେନ୍ଦ୍ର ସା, ଚକ୍ରଧର ସା, କରୁଣା କର ଜଗତ, ଟିକୁ ମହାନନ୍ଦ ଉପଦେଷ୍ଟା ମଣ୍ଡଳୀରେ ରହିଛନ୍ତି। ନିକୁଞ୍ଜ ବିହାରୀ ସା ଧନ୍ୟବାଦ ଅର୍ପଣ କରିଥିଲେ।

ପାଟଣାଗଡ଼ ଅଞ୍ଚଳରେ ଗଞ୍ଜେଇ ବେପାରୀ ସକ୍ରିୟ

# ମଧ୍ୟପ୍ରଦେଶ, ଛତିଶଗଡ଼, ବିହାରକୁ ହେଉଛି ଚାଲାଣ

**ପାଟଣାଗଡ଼, ୧୯।୭(ସମିସ):** ପାଟଣାଗଡ଼ ଉପଖଣ୍ଡ ଅଞ୍ଚଳରେ ଏବେ ଗଞ୍ଜେଇ ଚାଲାଣ ବଢ଼ିବାରେ ଲାଗିଛି। ବାହାର ରାଜ୍ୟ ବେପାରୀ ଆସି ଗଞ୍ଜେଇ ନେଇ ଯାଉଛନ୍ତି। ଧରାପଡ଼ିବା ଭୟରେ ମୁଖ୍ୟ ରାସ୍ତା ଛାଡି ଭିତର ରାସ୍ତାଦେଇ ଚାଲାଣ କରୁଛନ୍ତି ଗଞ୍ଜେଇ। ପାଟଣାଗଡ଼ ଉପଖଣ୍ଡର ଲଠୋର ଓ ଯୋଗିମୁଣ୍ଡା ଓ ବେଲପଡ଼ା ଅଞ୍ଚଳ ଗଞ୍ଜେଇ ଚାଲାଣର ହବ୍ ପାଲଟିଛି। ଅବକାରୀ ବିଭାଗ କାଁ ଭାଁ ଧରିଲେ? ବଡ଼ ବେପାରୀ ଧରାପଡୁନାହାନ୍ତି। ଯୋଗିମୁଣ୍ଡା ଠାରୁ ପଣ୍ଡାମୁଣ୍ଡା ରାସ୍ତାଦେଇ ପଦ୍ମପୁର ରୋଡ଼କୁ ଯାଇଥିବା ରାସ୍ତା ଗଞ୍ଜେଇ ଚାଲାଣର ମୁଖ୍ୟ ରାସ୍ତା ପାଲଟିଛି। ନିକଟରେ ଏହି ରାସ୍ତାରେ ଏକ ଧଳା କାର୍‌ରେ ଗଞ୍ଜେଇ ଚାଲାଣ କରୁଥିବା ସମୟରେ ପୁଲିସ ଚଢ଼ଉ କରି ତିନି ଲକ୍ଷ ଟଙ୍କାରେ ଡିଲ ଛିଣ୍ଡିବାରୁ ମାଫିଆଙ୍କୁ ଛାଡିଦେଇଥିବା ଚର୍ଚ୍ଚା ହେଉଛି। ସେହିପରି ଲାଠୋର ତୁରକେଲା ରାସ୍ତା ଓ ଉଦ୍ୟାନବନ୍ଧ ରାସ୍ତା ଦେଇ ଗଞ୍ଜେଇ ଚୋରାଚାଲାଣ ହେଉଥିବା ସୂଚନା ମିଳିଛି। ଅନ୍ୟପଟେ ପାଟଣାଗଡ଼ ଉପଖଣ୍ଡ ଅଞ୍ଚଳର ଗାଁ ଗୁଡ଼ିକରେ ୩୦ ରୁ ୫୦ ଟଙ୍କାର ଗଞ୍ଜେଇ ପୁଡିଆ ଖୋଲାଖୋଲି ବିକ୍ରି ହେଉଛି। ଫୁଲବାଣୀ-ସୋନପୁର ଦେଓଗାଁ ରାସ୍ତାଦେଇ ପାଟଣାଗଡ଼ ଅଞ୍ଚଳକୁ କ୍ୱିଣ୍ଟାଲ କ୍ୱିଣ୍ଟାଲ ଗଞ୍ଜେଇ ଆସୁଛି। ପୁଣି ଛୋଟଛୋଟ ବେପାରୀଙ୍କୁ ଗଞ୍ଜେଇ ବିକ୍ରି କରାଯାଉଛି। ଏଠାରୁ ମଧ୍ୟପ୍ରଦେଶ, ଛତିଶଗଡ଼, ବିହାର ରାଜ୍ୟକୁ ଗଞ୍ଜେଇ ଚୋରାଚାଲାଣ ହେଉଛି। ଏହି ଚାଲାଣରେ କେତେକ ଟ୍ରକ ଡ୍ରାଇଭର ସାମିଲ ରହିଛନ୍ତି। ମୋଟା ଅଙ୍କର ଟଙ୍କାନେଇ ଗଞ୍ଜେଇ ଚାଲାଣରେ ସହଯୋଗ କରୁଛନ୍ତି। ଫୁଲବାଣୀ ଅଞ୍ଚଳରୁ କେଜି ପିଛା ୧୫୦୦ ରୁ ୨୦୦୦ ଟଙ୍କାରେ ଗଞ୍ଜେଇ ଆଣି ଏଠାରେ ୪ ରୁ ୫ ହଜାର ଟଙ୍କାରେ ଗଞ୍ଜେଇ ବିକ୍ରି କରାଯାଉଛି। ମିଳିଥିବା ସୂଚନାନୁସାରେ ଅନ୍ୟ ରାଜ୍ୟରୁ ଏଠାକୁ ଆସୁଥିବା ଲୋକେ ଅଭିନବ ଉପାୟ ଅବଲମ୍ବନ କରି ଗଞ୍ଜେଇ ଚାଲାଣ କରୁଛନ୍ତି। ପୁଲିସ ଓ ଅବକାରୀ ବିଭାଗକୁ ଚକମା ଦେବାପାଇଁ ଗାଡି ଗୁଡ଼ିକରେ ବିଭିନ୍ନ ଦେବାଦେବୀର ମୂର୍ତ୍ତି ରଖି ପରିବାର ପ୍ରତିପୋଷଣ ନାଁରେ ଲୋକଙ୍କ ଠାରୁ ଚାନ୍ଦା ମାଗୁଥିବାଲୋକେ ପରୋକ୍ଷରେ ଏହି ଗଞ୍ଜେଇ ଚୋରାଚାଲାଣର ମାଷ୍ଟରମାଇଣ୍ଡ ସାଜିଛନ୍ତି। ବିଭିନ୍ନ ଉପାୟରେ ଏହି ଗାଡ଼ି ଗୁଡ଼ିକରେ ଅନ୍ୟ ରାଜ୍ୟକୁ ଗଞ୍ଜେଇ ନେଇ ଯାଉଛନ୍ତି। ତେବେ ବିଭାଗ ଅନେକ ସମୟରେ ଗଞ୍ଜେଇ ଚାଲାଣକାରୀଙ୍କୁ ଉପରେ ଚଢ଼ଉବେଳେ ମାମଲାକୁ ରଫା ଦଫା କରିଦେଉଥିବା ଅଭିଯୋଗ ହେଉଛି। ଅବକାରୀ ବିଭାଗ ଓ ପୁଲିସ ଏ ଦିଗରେ ଦୃଢ଼ ପଦକ୍ଷେପ ନେବାପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସିଆର୍‌ସିସି, ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ନୂଆପଡ଼ା, ୧୯।୭(ସମିସ):** ଆଁଳାଯୁବ କ୍ଲଷ୍ଟର ତରଫରୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ଶିକ୍ଷକ ଟିକେଶ୍ୱର ମାଝୀ, ଇନ୍ଦିରା ଗିରି ଏବଂ ପୂର୍ବତନ ସିଆରସିସି ଶରତ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ଜିତେନ୍ଦ୍ର ମାଝୀ ସଭାପତିତ୍ୱ କରିଥିବାବେଳେ ଆଁଳାଯୁବା ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରମାକାନ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ସିଆରସିସି ଯୋଗେନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**କେସିଙ୍ଗା, ୧୯।୭(ସମିସ):** ଉତ୍କେଲା କ୍ଲଷ୍ଟର ଅଧୀନ କୋକୋମୁଣ୍ଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ଦେଇଙ୍କ ଅବସରକାଳୀନ ସଭା ଶନିବାର ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଦୀପ୍ତିପ୍ରଭା ପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। କେସିଙ୍ଗା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସମ୍ପତି ଛୁରା ଏବଂ କେସିଙ୍ଗା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ସୁରେନ୍ଦ୍ର ଦୋରା ଅତିଥି ଭାବେ ଯୋଗ ଦେଇଥବଲେ।। ଶୁଭଶ୍ରୀ ମିଶ୍ର, ଗୀତାଞ୍ଜଳି ସାହୁ, ସ୍ୱପ୍ନାମୟୀ କର୍ଷ, ଭୋଦେବ ମାଝୀ, ବିପିନ ମାଝୀ, ମୋହନ ଭୋଇ, ଲୋଚନ ଭାଟି, ସିଆରସିସି ଭୀଷ୍ମରଥି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଆଦର୍ଶ ବିଦ୍ୟାଳୟରେ ବନ ମହୋତ୍ସବ

**ସିନାପାଲି, ୧୯।୭(ସମିସ):** ଟିମନପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଶିବୁ ବିଶ୍ୱାଳଙ୍କ ନେତୃତ୍ୱରେ ଶିକ୍ଷକ ଓ ଛାତ୍ରଛାତ୍ରୀ ବିଦ୍ୟାଳୟ ପରିସରରେ ୫୦ରୁ ଅଧିକ ଚାରାରୋପଣ କରିଥିଲେ। ଲଛମନ ସାମଲ, ରୋହିତ ସରାଫ, ନିହାରିକା ନନ୍ଦ, ଶିକ୍ଷକ ହରେକୃଷ୍ଣ ବେହେରା, ପୂର୍ଣ୍ଣ କର୍ମୀ, ଅଙ୍କିତ ବାରିକ, ହେମଲତା ଚନ୍ଦ୍ରାକର, ଦୀପାଞ୍ଜଳି ସାହୁ, ନରେନ୍ଦ୍ର ନାଏକ, ସୁନିଲ କୁମ୍ଭାର, ପ୍ରଦୀପ ବେହେରା, ସନ୍ଦୀପ ସ୍ୱାଇଁ, ଲିପିକା ଲୁହା, ଅପରାଜିତା ପାତ୍ର, ମାନସ ବାଗ, ରଜନୀ ପ୍ରଧାନ, ଦେବାଶିଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା।

## ସ୍ୱାମୀ ସତ୍ୟାନନ୍ଦ ସରସ୍ୱତୀଙ୍କ ଜୟନ୍ତୀରେ ରକ୍ତଦାନ




**ଧର୍ମଗଡ଼, ୧୯।୭(ସମିସ):** କାଳୀ କୃଷ୍ଣ ସଂଘର ପ୍ରତିଷ୍ଠାତା ସଦଗୁରୁଦେ ଶ୍ରୀ ଶ୍ରୀ ସତ୍ୟାନନ୍ଦ ସରସ୍ୱତୀ ମହାରାଜଙ୍କ ଧରାବତରଣ ଅବସରରେ ଧର୍ମଗଡ଼ ରକ୍ତ ଭଣ୍ଡାରରେ ରକ୍ତଦାନ ଶିବିର ଆୟୋଜନ ହୋଇଯାଇଛି। ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ହୃଷୀକେଶ ମିଶ୍ର, ଡ. ଚତୁର୍ଭୁଜ ପାଢ଼ୀ ଉପସ୍ଥିତ ଥିଲେ। ସଞ୍ଜୟ ପଣ୍ଡା, ପ୍ରିୟାନନ୍ଦ, ମୋହନ ଚରଣ ବିଶି, ଲକ୍ଷ୍ମୀକାନ୍ତ ଖମାରୀ, ଜିତେନ୍ଦ୍ର ପଣ୍ଡା ପ୍ରଉଖ ଉପସ୍ଥିତ ଥିଲେ। ନବୀନ ମେହେର, ସୁଜିତ ଠାକୁର, ପ୍ରଦ୍ୟୁମ୍ନ ପଣ୍ଡା, ନାରାୟଣ ସାହୁ, ପ୍ରମୋଦ ଆଚାର୍ଯ୍ୟ, କ୍ରିଷ୍ଣା ମେହେର, ବିବେକ ସାହୁ, ମନୋଜ ରଥ, ଗଜାନନ ବେହେରା, ତିରୁପତି ମୁଣ୍ଡ, ନିଗମାନନ୍ଦ ଗୋପାଳ, ଭରତ ଚନ୍ଦ୍ର କାଣ୍ଡ, ଶଶି ବାଗ, ପଞ୍ଚାନନ ମାଲି, ଡମ୍ବରୁଧର ମେହେର ପ୍ରମୁଖ ସହଯୋଗ କରିଥିଲେ।

## ୨୨ରେ ବ୍ଲକ୍ ଘେରିବ କଂଗ୍ରେସ

**କଣ୍ଟାବାଞ୍ଜି, ୧୯।୭(ସମିସ):** ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡାରେ ଶନିବାର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଉପ ସଭାପତି ତଥା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳିର ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ନେତୃତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବଙ୍ଗୋମୁଣ୍ଡା ବ୍ଲକରେ ବର୍ତ୍ତମାନ ବ୍ୟାପକ ଦୁର୍ନୀତି ହେବାସହ ସରକାରୀ ଯୋଜନା ବାଟବଣା ହେବାସହ ହରକାରୀ ଅର୍ଥ ହଡ଼ପ କରାଯାଉଥିବା ଅଭିଯୋଗ ହେଉଛି। ଏନେଇ ଆସନ୍ତା ୨୨ ତାରିଖ ଦିନ କଂଗ୍ରେସ ବଙ୍ଗୋମୁଣ୍ଡା ବ୍ଲକ କାର୍ଯ୍ୟାଳୟ ଘେରଉ କରିବ ବୋଲି ଘୋଷଣା କରାଯାଇଛି। ଏହି ବୈଠକରେ ବ୍ଲକ ଘେରଉକୁ ନେଇ ବିଶେଷ ଆଲୋଚନା କରାଯାଇଥିଲା। ବୈଠକ କଂଗ୍ରେସ ନେତା ଗୁରୁଚରଣ ବେହେରା, ଓମ୍ ପ୍ରକାଶ କୁମାର, କେଶବ ନାରାୟଣ ଜୈନଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ମାସିକ ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ବୈଠକ



**ଧର୍ମଗଡ଼, ୧୯।୭(ସମିସ):** ଧର୍ମଗଡ଼ ବ୍ଲକ ବ୍ରାହ୍ମଣ ଛେଣ୍ଡିଆ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ଏହି ଶିକ୍ଷା ବର୍ଷର ପ୍ରଥମ ମାସିକ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ନିଗ୍ଧା ମଞ୍ଜରୀ ପଣ୍ଡା ସଭାପତିତ୍ୱ କରିଥିବାବେଳେ ବ୍ରାହ୍ମଣ ଛେଣ୍ଡିଆ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଟିକେଶ୍ୱର ନାଏକ ସଂଯୋଜନା କରିଥିଲେ। କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ଓ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ପାଢ଼ୀ ପରିଦର୍ଶନରେ ଆସିଥିଲେ। ଶିକ୍ଷୟିତ୍ରୀ ଗୀତାଞ୍ଜଳି ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଠିକ୍‌ରେ ନିଜ ଦାୟିତ୍ୱ ତୁଲାଇବାକୁ ଅଧିକାରୀଙ୍କୁ ରବିଙ୍କ ପରାମର୍ଶ

**ଭବାନୀପାଟଣା, ୧୯।୭(ସମିସ)**

ଗ୍ରାମ୍ୟ ଉନ୍ନୟନ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ ଦୁଇ ଦିନିଆ କଳାହାଣ୍ଡି ଗସ୍ତ କରିଛନ୍ତି। ନିଷ୍ଠାପର ଭାବେ ସେବା ମନୋଭାବ ନେଇ ନିଜ ନିଜର ଦାୟିତ୍ୱ ଠିକ୍ ଭାବେ ତୁଲାଇବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସେ କଳାହାଣ୍ଡି ଜିଲ୍ଲା ପରିଷଦ ସଭାଗୃହରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ବିଭିନ୍ନ ବିଭାଗର ଉନ୍ନୟନମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମ୍ପୃକ୍ତ ଅଧିକାରୀମାନଙ୍କୁ ପଚାରି ବୁଝିଥିଲେ। ଗରିବଙ୍କ କଲ୍ୟାଣ ପାଇଁ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଥିବା ସମସ୍ତ ଯୋଜନା, କାର୍ଯ୍ୟକ୍ରମକୁ ଲୋକାଭିମୁଖୀ କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଧର୍ମଗଡ଼ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଶୀ, ଜିଲ୍ଲା ପରିଷଦ ସଭାପତି ପୁଷ୍ପେନ୍ଦ୍ର ସିଂହଦେଓ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ଡିଏଫ୍‌ଓ (ଦକ୍ଷିଣ) କଲାଇ ବାନାନ୍ ଆର୍., ଡିଏଫ୍‌ଓ (ଉତ୍ତର) ରମେଶ କୁମାର, ଜିଲ୍ଲା ପରିଷଦମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ ପରିଡ଼ା, ଧର୍ମଗଡ଼ ଭାରପ୍ରାପ୍ତ ଉପଜିଲ୍ଲାପାଳ ଅଜୟ ତିର୍କୀ, ଜୟଶଙ୍କର ନାଏକ, ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଦ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଭବାନୀପାଟଣା ବ୍ଲକ ନିକଟସ୍ଥ ସ୍ୱୟଂ ସହାୟକ ଗୋଷ୍ଠୀ ରିଟେଲ ମାର୍ଟ ଦୁଆରସନି ମାର୍କେଟ କମ୍ପ୍ଲେକ୍ସକୁ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଏହାପରେ ମନ୍ତ୍ରୀ ଶ୍ରୀ ନାଏକ ରେଣ୍ଡୋ ମାଝୀ ମେଡିକାଲ କଲେଜ ପରିଦର୍ଶନରେ ଯାଇ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।





# ଛୋଟ ଦୁଃଖ

## ଜୟନ୍ତୀ ରଥ



ସେଦିନ ବି ନିର୍ଦ୍ଦିଷ୍ଟ ସମୟରେ ଫୋନ୍ କରିଥିଲା ବୋଉ। ପୂଜା ସାରି, ଜଳଖିଆ ଖାଇସାରି ଖବର କାଗଜ ପଢ଼ିବା ପରେ । ଶୁଭ୍ରା ଫୋନ୍ ଧରୁ ଧରୁ ତା' ମନର ପାଗ ଭଲ ନ ଥିବା ଅନ୍ଦାଜ କରି ନେଲା। ଗୋଟିଏ ଶବ୍ଦ ହ୍ୟାଲୋ। ତାହା ବି ସୂଚେଇ ଦେଇପାରେ ମନର ହାଲ୍‌ଚାଲ୍।

- କ' ଣ ହେଲା ଧନ। ତୋ' ସ୍ୱରଟା କାହିଁକି ଗଣଗଣିଆ ଶୁଭୁଚି। କାନ୍ଦୁଥିଲୁ କି!

ବୋଉ କଥା ଶୁଣି ଶୁଭ୍ରାର ରୁଦ୍ଧ କୋହ ଉଚ୍ଛୁଳି ପଡ଼ିଲା। ଛୋଟ ଝିଅଙ୍କ ପରି ସେ ଜୋରରେ କାନ୍ଦି ଉଠିଲା।

ଦୁଇଘଣ୍ଟା ହେଲାଣି ଘରୁ ଏକାଠି ଆଠଜଣ ବାହାରି ଗଲେଣି ହକି ମ୍ୟାଚ୍ ଦେଖିବା ପାଇଁ। ତପନ ବଡ଼ି ଭୋର୍‌ରୁ ତାକୁ ନିଦରୁ ଉଠେଇ କହିଥିଲେ – "ବେଶି କିଛି କରିବା ଦରକାର ନାହିଁ। ଆମେ ଶୀଘ୍ର ଖାଇ ବାହାରି ପଡ଼ିବୁ। "

ଆଗରୁ ତ ଜଣା ଥିଲା ତା'ର ଯିବାର ନାହିଁ। ଟିକେଟ୍ ତ ସେଇ ଅନୁସାରେ ହୋଇଥିଲା। ଦିନକୁ ଅନ୍ତତଃ ଦୁଇଥର ଭାଇ, ଭଉଣୀଙ୍କ ସହ ଏଇ ବାବଦରେ କଥା ହେଉଥିଲେ ତପନ।

ଆଜି କାହିଁକି ତାକୁ ଏତେ ଖରାପ ଲାଗୁଛି। ସେମାନେ ଯିବା ପରେ ସେ ବିଛଣାରେ ମୁହଁ ମାଡ଼ି ପଡ଼ି ରହିଛି। ସାନ୍‌ଭି ହୋମ୍‌ୱାର୍କ ପାଇଁ ଡାକିଲାଣି କେତେ ଥର। ସେ ଉଠୁ ନ ଥିଲା।

ବୋଉର ଫୋନ୍ ନ ଧରିଲେ ନ ଚଳେ। ତା'ର କୋହ ଭରା ସ୍ୱର ଶୁଣି ବୋଉ କହିଲା- "ତୁନି ହଅ। ତୁନି ହଅ। କାନ୍ଦୁଚୁ କାହିଁକି। ପଛରେ କାନ୍ଦିଲେ କିଏ ଶୁଣିବ ନା ବୁଝିବ। ସବୁ ତ କରି ଧରି ଦେଉଛୁ। ଭୁବନେଶ୍ୱରରେ ଘରେ ବସି ଅର୍ଡର ଦେଲେ ଅଧଘଣ୍ଟାରେ ଖାଇବା ଜିନିଷ ପାର୍ସଲ ହୋଇ ଆସୁଚି। ସେଇଟା କ'ଣ ତପନଙ୍କୁ ଜଣା ନାହିଁ। ତୁ କ' ଣ ସେ ଘରେ ବିନା ବେତନରେ ଚାକରାଣୀ। ମୁହଁ ଖୋଲି କହି ପାରିବୁନି ମୋର ବି ଯିବାକୁ ମନ। ମୁଁ ବି ଖେଳ ଦେଖିବାକୁ ଯିବି। ଆଲୋ କଅଁଳ ଛୁଆ ପରା ଭୋକ ହେଲେ କାନ୍ଦୁଚି। ତା' ଦାବି ଜାହିର କରୁଛି। ତୁ ପାରୁନୁ। ଅଶାନ୍ତି ହେବ ବୋଲି ଡରୁଛୁ। ଏମିତି କ'ଣ ତୁ ଶାନ୍ତିରେ ଅଛୁ। ଥରେ କହି ଦେଖ। ତୁ କିଛି ନ କହିବାରୁ ତୋ ମୂଲ୍ୟ ସେମାନେ ବୁଝି ପାରୁ ନାହାନ୍ତି। ଏତେ ଭଲ ବାସ୍‌କେଟ୍ ବଲ ଖେଳୁଥିଲୁ। ଦିଲ୍ଲୀ, ଆସାମ, କୋଲକାତା, ପାଟନା, କେତେଆଡ଼େ ଯାଇଛୁ ସବୁ ଭୁଲି ଗଲୁ। ସମସ୍ତଙ୍କୁ ଯଥାମାନ୍ୟ କରି ଚଳିବୁ ବୋଲି କହିଥିଲି। ଅନ୍ୟାୟ ସହିବାକୁ ତ କହି ନଥିଲି। ଏଇ ନଖରେ ଛିଣ୍ଡେଇଲା ପରି ଛୋଟ କଥାରେ ମନଉଣା କରୁଛୁ। କାନ୍ଦୁଚୁ, ଏତେ ପାଠ ପଢ଼ିଚୁ। ନିଜ ଇଚ୍ଛା ଜଣାଇବାର ବାଟ ପାଉନୁ ? "

ବୋଉ ଫୋନ୍ ରଖିବା ପରେ ସେ ବହୁ ସମୟ ନିଶ୍ଚଳ ହୋଇ ବସି ରହିଥିଲା। ତା' ଆଖିରୁ ଲୁହ ଝରିବା ବନ୍ଦ ହୋଇଯାଇଥିଲା। ସେମାନଙ୍କର ଆସିବା ବେଳ ପାଖେଇ ଆସିଲାଣି।

ଆଜି ତା'ର ବିଲ୍‌କୁଲ୍ ରାନ୍ଧିବାକୁ ଇଚ୍ଛା ହେଉ ନାହିଁ। ସଖୀ କଣ୍ଢେଇ ଭଳି ମିଛ ହସି ହସି, ଅତିଥି ଅଭ୍ୟାଗତଙ୍କୁ ପରଷିବାକୁ ଇଚ୍ଛା ହେଉ ନାହିଁ।

ସାନ୍‌ଭିକୁ ନେଇ ରେବା ଘର ଆଡ଼େ ଯିବ କି?

ନା - ସେଇଟା ତା ପଳାୟନ ପନ୍ଥା ହେବ।

ମୁଣ୍ଡ ଜୋରରେ ବିନ୍ଧୁଚି ବୋଲି ଶୋଇ ରହିବ କି।

ନା - ସେଇଟା ବି ଅଭିନୟ ହୋଇଯିବ।

ତା' ହେଲେ ସେ କରିବ କ' ଣ

ଶୁଭ୍ରା ଜୋର୍‌ରେ ଚାପି ଧରିଲା କପାଳକୁ!

ଇଚ୍ଛା ଜଣାଇପାରିଲା ନାହିଁ।

କି ଅନିଚ୍ଛା ଜଣାଇବାର ବାଟ ତାକୁ ଦିଶୁ ନାହିଁ। ■


ମୋ: ୮୮୯୫୬୧୭୯୫୬


# କୋଉ ବଡ଼ କଥା

## ଶର୍ମିଷ୍ଠା ସାହୁ



କୋଉ ବଡ଼ କଥା !
ଗଛଟେ ଉପୁଡ଼ି ଯିବା
ଆଉ ଚଢ଼େଇବସା ଭାଙ୍ଗିଯିବା।
ଦୁଃଖରେ ସୂର୍ଯ୍ୟ ଡୁବିଯିବା
ଆଉ ପତ୍ରମାନେ
କାନ୍ଦି କାନ୍ଦି ଭୂଇଁରେ ଲୋଟିବା।

କୋଉ ବଡ଼ କଥା
ଅହଙ୍କାରର ଅସ୍ତ୍ରରେ
ଶହଶହ ମୁଣ୍ଡକାଟ ହେବା!
ଧର୍ମାନ୍ଧଙ୍କ ଖେଳରେ
ଆଖିଥିବା ସବୁଲୋକ
ଆଖିବୁଜି ବାଟ ଚାଲୁଥିବା!

କୋଉ ବଡ଼ କଥା
କିଛି ପାଗଳଙ୍କ ଖୁସିର ବିସ୍ଫୋରଣରେ
ଶହ ଶହ ଘର ଭାଙ୍ଗି ଚୁର୍‌ମାର୍ ହେବା!
ନିଃଶ୍ୱାସରେ ଧୂଆଁ ଆଉ ଧମନୀରେ ବାରୁଦ ଭରିବା!

କୋଉ ବଡ଼ କଥା
ମଣିଷଙ୍କ ଜଙ୍ଗଲରେ ପ୍ରତିଦିନ କିଛି ଝିଅ
ଶିକାର ହୋଇଯିବା!
ଆଖିରେ ପଟି ବାନ୍ଧି ନ୍ୟାୟାଳୟରେ
ତରାଜୁ ଧରିଥିବା ସ୍ତ୍ରୀଲୋକଟି
ଜୀବନକୁ ଆଉ ମାପି ନ ପାରିବା!

କୋଉ ବଡ଼ କଥା
ଧୀରେ ଧୀରେ ଛାଇ ସବୁ
ଚାଲିବା ଆରମ୍ଭ କରିବା
ଆଉ ଦେହ ଅଟକି ଯିବା!
ଶବ୍ଦମାନେ ଇତସ୍ତତଃ ବିଛାଡ଼ି ହୋଇଯିବା
ଆଉ ଆଖି ନିରବି ଯିବା!


ଅଭ୍ୟାସରେ ପଡ଼ି ଗଲାଣି
ହୃଦୟକୁ ବାରମ୍ବାର ସମୟର ପରୀକ୍ଷାଗାରରେ ରଖିବା।
ଅଭ୍ୟାସରେ ପଡ଼ି ଗଲାଣି
ହୃଦୟହୀନ ସମୟକୁ
ନିଜର ଭାବିନେବା। ■


୪୦୩, ଓମ୍ ପ୍ଲାଜା
ଅନୁଗୁଳ




# ପୃଥିବୀର ଦେହ

## ଶୁଭଶ୍ରୀ ଶୁଭସ୍ମିତା ମିଶ୍ର



ଆଷାଢ଼ିଆ ଲଘୁଚାପରେ ବି ସେ ସମ୍ଭାଳି
ରଖିଥାଏ ସୂର୍ଯ୍ୟଙ୍କୁ ପଣତରେ,
ଉହ୍ଲେଇରେ ନିଆଁ,
ଆଉ ଭାତଥାଳି ପାଖରେ କୋଳାଏ ରସୁଣ!

ତା'ର ଦାୟିତ୍ୱ ଏସବୁ ବୋଲି ଯେଉଁ ପାଠ ତାକୁ
ପଢ଼ାଯାଇ ଥାଏ, ଜନ୍ମର ନାହିନାଡ଼ରୁ,
ନାହିକଟା ପରେ ବି ତାହା ବିସ୍ମୃତି ହୁଏନା

ସେ ଦେହକୁ ପୃଥିବୀ କରିବାର କଥା
କେମିତି ବୁଝିନିଏ, ଆଖିରେ ଆକାଶ ସମ୍ଭାଳି
ପାଦ କଣନଖାରେ ସୁଧା ଆବୋରି ବସିଥାଏ
ପାତାଳି ସଂସାର!

"ଦୋଳେ ଚ ଦୋଳଗୋବିନ୍ଦଂ/ ଚାପେଚ ମଧୁସୂଦନମ୍/
ରଥେ ତୁ ବାମନଂ ଦୃଷ୍ଟ୍ୱା/ ପୁନର୍ଜନ୍ମ ନ ବିଦ୍ୟତେ।"
ଶ୍ଳୋକ ବୋଲିଲା ବେଳେ ମୋତେ ପଞ୍ଚମ ଅବତାର
ଦିଶୁଥାଏ ତା' ବିକ୍ଷିପ୍ତ, ଜୀର୍ଣ୍ଣ ଦେହରେ!

ସେ ହୁଏତ ଗୋଟେ ଆପେକ୍ଷିକ ନୀରବତା
ତା'ର ବିଶାଳ ରୂପ କେବେ ଦିଶିନି
ମହାଭାରତ ଯୁଦ୍ଧରେ, ତଥାପି ଯୁଦ୍ଧର ବିଗୁଲ୍
ଶୁଭୁଥିଲା କାଳେ ତା ନାସାଗ୍ରେ!

ତାକୁ ବାଟି, କାଟି, ଛାଣ୍ଟି,
ତୁମେ ଗୋଟେ ଅବୟବ ତିଆରି କରିଛି
ମର୍ଜିରେ, ସେ ସେଠି ବସିଥାଏ
ଚୁପଚାପ୍!

ତା' ହସରେ ବିଜୁଳି
ତା' ଆଖିରେ ମହାପ୍ରଳୟ
ତା' ହାତରେ ଅମୃତ
ତା' ପାଦତଳେ ଆଦିପୁରୁଷ,

ତଥାପି ସେ ହିଁ ଅତ୍ୟାଚାରିତ,
ଧର୍ଷିତ, ନିଷ୍ପେଷିତ ହୁଏ ପୃଥିବୀର ଦେହ ଧରି,

ମୋତେ ଲାଗେ ତାର ମୌନତା ହୁଏତ
ଗୋଟେ ଅଶାନ୍ତ ଶାନ୍ତି ,
ତା' ପରେ ଆସିପାରେ ପ୍ରଳୟ
ଖବରଦାର! ■


ମୋ: ୯୮୬୧୭୮୮୯୯୯


# ସାଂପ୍ରତିକ ଓଡ଼ିଆ କବିତାରେ ଜନବାଦୀ ସ୍ୱର

## ଡକ୍ଟର ଶ୍ରୀକାନ୍ତ କୁମାର ବାରିକ



ସାଂପ୍ରତିକ ଓଡ଼ିଆ କବିତାର ଧାରାରେ ଜନବାଦୀ ଚେତନା ଏକ ଶ୍ରେଷ୍ଠ କାବ୍ୟାଭିବ୍ୟକ୍ତି ଭାବରେ ଦେଖାଦେଇଛି। ଯେଉଁ କବିତାରେ ସାଧାରଣ କୃଷକ, ଶ୍ରମିକ, ଜଙ୍ଗଲ ନିବାସୀ, ମତ୍ସ୍ୟଜୀବୀ, ଆଦିବାସୀ, ହରିଜନ, ଭୂମିହୀନ ସର୍ବହରା, ଦଳିତ, ବିସ୍ଥାପିତ ମଣିଷର ସଂଘର୍ଷ ରୂପାୟିତ ହେବା ସହିତ ସେମାନଙ୍କ ସାମାଜିକ, ଆର୍ଥିକ ପ୍ରଗତିର ବିଜ୍ଞାନସମ୍ମତ ଗୁଣସୂତ୍ରଗୁଡ଼ିକର ନିର୍ଣ୍ଣୟ କରାଯାଇଥାଏ, ତାକୁ ଜନବାଦୀ କବିତା କୁହାଯାଏ। ଏହା କେବଳ ଏକ ଭାବାତ୍ମକ ଅଭିବ୍ୟକ୍ତି ନୁହେଁ, ବରଂ ଏହା ଏକ ବୈପ୍ଳବାତ୍ମକ ଅଭିବ୍ୟକ୍ତି। ଏଥିରେ ଜାଗରଣ ତଥା କ୍ରାନ୍ତିର ସ୍ୱର ଅନୁରଣିତ ହୋଇଥାଏ। ସାଂପ୍ରତିକ ଓଡ଼ିଆ କବିତାରେ ଏହି ଚେତନାର ପରିପ୍ରକାଶ ଏକ ଅଗ୍ରଗତିର ସୂଚକ। ଜମି, ଜଙ୍ଗଲ, ଡଙ୍ଗର, ମାଳି, ପର୍ବତ, ନଦୀ, ହ୍ରଦ, ସମୁଦ୍ର, କାଜୁବଣ,କିଆବଣ, ମହୁଲ ଝାର ଏସବୁକୁ ଜୀବନ ଜୀବିକାର ମୂଳଉତ୍ସ ଭାବେ ଗ୍ରହଣ କରିଥିବା ସାଧାରଣ ମଣିଷମାନେ ହିଁ ଜନବାଦୀ କବିତାର ଚରିତ୍ର। ପ୍ରକୃତି ଓ ମଣିଷର ଜୀବନରେଖା ମଧ୍ୟରେ ଏମାନେ ସନ୍ତୁଳକର ଭୂମିକା ନିର୍ବାହ କରନ୍ତି। ମାଟିକୁ ମାଆ ବୋଲି ଆବୋରି ରଖନ୍ତି। କିନ୍ତୁ ଯେତେବେଳେ କୌଣସି ସରକାରୀ ଅବା ବେସରକାରୀ ପ୍ରକଳ୍ପ ଏବଂ ଯୋଜନା ନାଁରେ ତା'ର ଏହି ଜୀବନ ଉତ୍ସଟି ଧ୍ୱସ୍ତବିଧ୍ୱସ୍ତ ହୋଇଯାଏ କିମ୍ବା ସାମାଜିକ, ସାଂସ୍କୃତିକ, ରାଜନୈତିକ ତଥା ଅର୍ଥନୈତିକ ବିସଙ୍ଗତି ହେତୁ ତା'ର ଅସ୍ତିତ୍ୱ ସଂକଟାଭିମୁଖୀ ହୁଏ, ସେତେବେଳେ ସେ ପ୍ରତିରୋଧ କରେ। ଏହି ପ୍ରତିବାଦୀ ସ୍ୱର ହିଁ ଜନବାଦୀ ସ୍ୱର। ଏହା ଏକ ଅଗ୍ରଗାମୀ ସ୍ୱର। ଉଭୟ ପ୍ରବୀଣ ଏବଂ ତରୁଣଙ୍କ କାବ୍ୟସର୍ଜନାର ନୂଆ ଭାବବସ୍ତୁ ଭାବରେ ଏହି ଚେତନାର ସ୍ଫୁରଣ ଘଟିଛି। କବି ଆଶୁତୋଷ ପରିଡ଼ାଙ୍କ 'ଚଣ୍ଡାଳ' କବିତାକୁ ଏଠାରେ ଆଲୋଚନାର ଅନ୍ତର୍ଭୁକ୍ତ କରାଯାଇପାରେ। କବିଙ୍କର ଜୀବନର ଗଭୀରତମ ଅନୁଭବରେ ଗଢ଼ା 'ଚଣ୍ଡାଳ' କବିତା। ଏହି 'ଚଣ୍ଡାଳ' ଭିତରେ ସେ ଏପରି ଏକ ମଣିଷର ଛବି ଦେଖିଥିଲେ, ଯିଏ ଅନ୍ତନ ପୀଡ଼ାର ଗହ୍ୱର ଭିତରୁ ଅମିତ ସ୍ପର୍ଦ୍ଧାରେ ମୁଣ୍ଡ ଟେକିଥିଲା। ଏକ ନିଷ୍ଠୁର ବାସ୍ତବତାର ଆତ୍ମୀକରଣ ପାଇଁ ସେ ଅନନ୍ୟ ସମ୍ଭାବନାଟିଏ ସୃଷ୍ଟି କରିଥିଲା। ଭାରତୀୟ ସାଂପ୍ରତିକ କବିତାର ଧାରାରେ ଏଭଳି ଚରିତ୍ର ବିରଳ। ଏହି କାବ୍ୟିକ ଉଚ୍ଛ୍ୱାସ କେଡ଼େ ତୀର୍ଯ୍ୟକ ତାହା କାବ୍ୟ ନାୟକଙ୍କର ଦୃଢ଼ୋକ୍ତିକୁ ଅନୁଭବ କଲେ ଜାଣିପାରିବେ। ସେ କହୁଛି "କିଏ ଜନ୍ମ ଦେଇଛି ମୋତେ ଓ ଭୋକକୁ/ କିଏ ଚାବୁକ୍ ସହିତ ବାନ୍ଧି ଦେଇଛି ଖାଦ୍ୟକୁ/ ଭୋକର କପାଳରୁ ରକ୍ତ ଝରୁଛି/ ସେ ରକ୍ତକୁ ଚାଟିଛି ସବୁବେଳେ/ ଏକାଠି ମିଶାଇ ଖାଇଛି ଭାତ ଓ ଚାବୁକ/ ଏକାଠି ମିଶାଇ ପିଇଛି ବିଷ ଓ ବିଶ୍ୱାସ/ ଏକାଠି ବିଛାଇ ଶୋଇଛି କଣ୍ଟା ଓ କାକର।" ବଡ଼ ନିର୍ଭୀକ ଏ ଚରିତ୍ର। ଏ ସବୁ ସତ୍ତ୍ୱେ ମାଟିକୁ ସେ ଆବୋରି ବସିଛି। ବିନ୍ଦୁଏ ଲୁହରେ ପବିତ୍ର କରି ଦେଇଛି ସମୁଦ୍ର ଓ ପୃଥିବୀକୁ।

ପ୍ରଖ୍ୟାତ ଭାରତୀୟ ଇଂରାଜୀ କବି ଜୟନ୍ତ ମହାପାତ୍ରଙ୍କ କବିତାରେ ମଧ୍ୟ ଏହି ସ୍ୱରକୁ ଆମେ ଉପଲବ୍ଧି କରିଥାଉ। ଦଳିତ, ନିଷ୍ପେଷିତ ମଣିଷର ଅନନ୍ତ ପୀଡ଼ାକୁ ସେ ଖୁବ୍ ନିକଟରୁ ବୁଝିଥିଲେ। ବ୍ୟଞ୍ଜନାତ୍ମକ ଢଙ୍ଗରେ ସମାଜର ଏହି କଳୁଷିତ ବ୍ୟବସ୍ଥାକୁ ତୀବ୍ର ବ୍ୟଙ୍ଗ କରି ତାଙ୍କ କାବ୍ୟ ନାୟକ କହନ୍ତି – "ସୁଇପର୍ ମୁଁ/ ରାସ୍ତା ନର୍ଦ୍ଦମାରେ ମଇଳାରେ/ ଘୁଅ ଗୋବରରେ ମୋର କାମ/ ସେ ଘୁଅ ଚୁପୁଡ଼ିଲେ ମୋ ପିଲାଙ୍କ ଭାତ ବାହାରେ/ ଓ ନର୍ଦ୍ଦମା ପଙ୍କରୁ ପଢ଼ା ସିଲେଟ୍ ଖଡ଼ି।" (ଖୋଳତାଡ଼) ସେଭଳି କୁମାର ହାସନଙ୍କ 'ଜଣେ ନାରୀର ଜମାନବନ୍ଦୀ', 'ତେଣୁ ତୁମେ ମରିବ', 'ଠିଆ ଲଙ୍ଗଳା', ଅଖିଳ ନାୟକଙ୍କ 'ଧିକ୍', 'ଧୋବ ଫରଫର', ବାସୁଦେବ ସୁନାନୀଙ୍କ 'ମହୁଲ ବଣ', 'ଅସ୍ପୃଶ୍ୟ', 'ଛି', ପୀତାମ୍ବର ତରାଇଙ୍କ 'ଇତର', ହେମନ୍ତ ଦଳପତିଙ୍କ 'ତୀରରେ ଲେଖିଲୁ ନାଁ ତୁମର' ପ୍ରମୁଖ କବିତା ଜନବାଦୀ ସ୍ୱରକୁ ବଳିଷ୍ଠ କରିଛି।

ଜଗତୀକରଣର ପ୍ରଭାବରେ ବହୁ ରାଷ୍ଟ୍ରୀୟ କମ୍ପାନୀଗୁଡ଼ିକକୁ ଅବାଧରେ ଡକାଗଲା ଶିଳ୍ପ ସଂସ୍ଥାପନା ପାଇଁ। ଲାଭଖୋର କମ୍ପାନୀଗୁଡ଼ିକ ପ୍ରାକୃତିକ ସଂପଦର ଉପଯୋଗ ସହ ପ୍ରକୃତିକୁ ମଧ୍ୟ ଲୁଟି ଚାଲିଲେ। ଜମି-ଜଳ-ଜଙ୍ଗଲ-ପାହାଡ଼-ଖଣି ସବୁକୁ ବିପର୍ଯ୍ୟସ୍ତ କରିଦେଲେ। ଜଗତୀକରଣର ଆଁ ଭିତରେ ବୁନିଆଦି ସଂସ୍କୃତିଟିଏ ଏବେ ଲୀନ ହେବାକୁ ଯାଉଛି। ନବ୍ୟ ପୁଞ୍ଜିବାଦର ବେଡ଼ିରେ ବନ୍ଧା ପଡ଼ିଛି ସାଧାରଣ ଜୀବନ। ମାୟା ନଗରୀର ମୋହରେ ମଣିଷ ଭୁଲି ଯାଇଛି ଶାଗୁଆ ପୃଥିବୀକୁ। ଉପଭୋକ୍ତାବାଦୀ ସଂସ୍କୃତି ଏକ ବ୍ୟାଧିଗ୍ରସ୍ତ ଶତାବ୍ଦୀକୁ ଜନ୍ମ ଦେଇଛି। ବିଶ୍ୱର ଜଣେ ଶ୍ରେଷ୍ଠ ଅର୍ଥନୀତିକ ଯୋଶେଫ୍ ଇ.ଷ୍ଟିଗଲିଜ୍ ତାଙ୍କର 'Global Crisis: The way Forward' ପୁସ୍ତକରେ ଜଗତୀକରଣ ଓ ଉପଭୋକ୍ତାବାଦୀ ସଂସ୍କୃତିର ଅନ୍ଧାରୀ ଦିଗ ସଂପର୍କରେ ଉଲ୍ଲେଖ କରି କହିଛନ୍ତି "ମଣିଷ ନିଜକୁ ଉପଭୋକ୍ତାବାଦର ଅକ୍ଟୋପସୀୟ ବନ୍ଧନରୁ ମୁକ୍ତ ନ କଲେ କେବେ ବି 'ବିଶ୍ୱଗ୍ରାମ'ର ସ୍ୱପ୍ନ ସାକାର ହେବ ନାହିଁ। ସେମିତି ଶୋଷଣର ଧାରା ଅବିରତ ଚାଲିଥିବ।"

କବି ସଦାଶିବ ଦାଶଙ୍କ କବିତାରେ ଏହିଭଳି ବିଚାର କାବ୍ୟ ରୂପ ଘେନିଛି। ସମୟର ଏହି ସଂକଟକୁ ଅତି ନିକଟରୁ ତାଙ୍କ କବିତାରେ ଉପଲବ୍ଧି କରି ହେବ – "କିଏ ଏଠି ଚାଲାକିରେ ଚୋରି କରେ/ ପାଚିଲା କ୍ଷେତରୁ ଧାନ, ପ୍ରକୃତିରୁ ସୁଷମା/ ବନପରବତ,ମାୟା ଗାଁଠୁ ସମୁଦ୍ର/ ସବୁ କିବା ବଳି ପଡ଼େ/ ସମୃଦ୍ଧିର ମାୟନଗରୀରେ/ ଜଗତୀକରଣ ଯନ୍ତା ଦେଶକୁ ସଂହାରେ।" (କେଉଁଠି ହଜାଇ ଦେଲି) କବି ହେମନ୍ତ ଦଳପତି କମ୍ କବିତା ରଚନା କରିଥିଲେ ହେଁ ଏ କ୍ଷେତ୍ରରେ ସେ ଅଧିକ ସକ୍ରିୟ ଓ ତୀବ୍ର। ତାଙ୍କର 'ତୀରରେ ଲେଖିଲୁ ନାଁ ତୁମର' କବିତା ପୁସ୍ତକରେ ସେ ଯେଉଁ ସ୍ୱର ଉଠାଇଛନ୍ତି ତାହା ଆମ ସମାଜର ବାସ୍ତବ ସ୍ୱର, ଜନବାଦୀ ସ୍ୱର। ସମାଜର ବିଭେଦୀକରଣ ନୀତି, ରାଷ୍ଟ୍ର ନିୟନ୍ତ୍ରିତ ଅଥଚ ଶିଳ୍ପାୟନଜନତି ବିସ୍ଥାପନ, ଶାସକବର୍ଗଙ୍କ ଅର୍ଥ ଲୋଲୁପତା ଓ ଶୋଷଣବାଜି ବିରୋଧରେ ସେ ତାଙ୍କ କବିତାରେ ବୈପ୍ଳବିକ ପ୍ରତିକ୍ରିୟା ପ୍ରକାଶ କରନ୍ତି।

ଏ ସମୟର ଅନେକ କବି ଅଛନ୍ତି, ଯେଉଁମାନେ ଏଭଳି ଏକ ପ୍ରଖର ସ୍ୱରକୁ ଆତ୍ମସ୍ଥ କରି ଲେଖନୀ ଚାଳନା କରୁଛନ୍ତି ସେମାନଙ୍କ ମଧ୍ୟରେ ସରୋଜ ମହାନ୍ତି, ଲେଲିନ୍ କୁମାର, ଦୁର୍ଗା ପ୍ରସାଦ ପଣ୍ଡା, ନରେନ୍ଦ୍ର ଭୋଇ, ଜୟଦ୍ରଥ ସୁନା, ଅଜିତ ଭୋଇ, ସୁଜାତା ସାହାଣୀ, ନବୀନ ବିଶ୍ୱବନ୍ଧୁ ପ୍ରମୁଖ ଅନ୍ୟତମ। ଏକ ଅଗ୍ରଗାମୀ କାବ୍ୟଚେତନା ସବୁବେଳେ ସମୟର ସ୍ପନ୍ଦନ ଓ ଆତ୍ମାକୁ ନେଇ ଗତି କରେ। ସମାଜର ଯେତେ ସବୁ ପ୍ରଗତିଶୀଳ ସଂଘର୍ଷ ଓ ବିପ୍ଳବକୁ ନେଇ ସେ ପୂର୍ଣ୍ଣଗର୍ଭା। ଏହି ଦୃଷ୍ଟିରୁ ଜନବାଦୀ କାବ୍ୟଚେତନା ସାଂପ୍ରତିକ ଓଡ଼ିଆ କବିତାର ଏକ ବଳିଷ୍ଠ ପ୍ରତିବଦ୍ଧଶୀଳ କାବ୍ୟସ୍ୱର। ■


ଅଧ୍ୟାପକ, ଓଡ଼ିଆ ବିଭାଗ
ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ନୂଆପଡ଼ା, ଖଡ଼ିଆଳ
ମୋ: ୯୯୩୭୪୬୫୩୬୯


# ପୁସ୍ତକ ଓ ପତ୍ରିକା ପରିଚୟ

## ମୋ ଚିବୁକରେ ଗଙ୍ଗାଧରଙ୍କ ସ୍ନେହଚିହ୍ନ

### ପ୍ରଫେସର ମଣୀନ୍ଦ୍ର କୁମାର ମେହେର



ନ୍ୟୁଟ୍ରା କ୍ରିଏସନ୍ସ
ପ୍ଲଟ ନଂ:୫, ଜୟଦେବ ନଗର
ଭୁବନେଶ୍ୱର-୭୫୧୦୦୨
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୦୦ ଟଙ୍କା

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପବିତ୍ର ଜନ୍ମ ପୀଠ ବରପାଲି। ଏବେ ବି ଗଙ୍ଗାଧରଙ୍କ ବ୍ୟବହୃତ ସ୍ମୃତି ସନ୍ତକ ପରିବାରଙ୍କ ନୂତନ ବାସଭବନରେ ଶୋଭା ପାଉଛି। କବିଙ୍କ ବ୍ୟବହୃତ ଖଟ, ପିଢ଼ା, କଠଉ, କୋଟ୍, କମିଜ, ଦୁଆତ, କଲମ,ହସ୍ତତନ୍ତ, କବିଙ୍କ କାବ୍ୟକବିତାର ପାଣ୍ଡୁଲିପି ଆଦି ସାମଗ୍ରୀ ସହିତ କବି ପରିବାର ସଦସ୍ୟମାନଙ୍କ ଆତ୍ମିକ ସଂପର୍କ ରହିଛି। ସେଇ ସବୁ ସାମଗ୍ରୀ ଭିତରେ କିଭଳି କବିଙ୍କ ଆତ୍ମାକୁ ପ୍ରାଣପୂର୍ଣ୍ଣ ଭାବେ ଅନୁଭବ କରନ୍ତି, ତାକୁ ନେଇ ପ୍ରକାଶ ପାଇଛି ସ୍ୱଭାବକବିଙ୍କ ପ୍ରପୌତ୍ର ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ 'ମୋ ଚିବୁକରେ ଗଙ୍ଗାଧରଙ୍କ ସ୍ନେହଚିହ୍ନ' ପୁସ୍ତକ। 'ମୋ ବାଲ୍ୟକାଳର ଆଶ୍ରୟ: କବିଙ୍କ ଖଟ', 'ସ୍ୱଭାବ କବିଙ୍କ କମିଜର ଆତ୍ମକଥା', 'ହସ୍ତତନ୍ତର ସଙ୍ଗୀତ', 'ଦୁଇ ପବିତ୍ର ପାଦୁକା', 'ଗଙ୍ଗାଧରଙ୍କ ଚୌକି', 'ଗଙ୍ଗାଧରଙ୍କ କୋଟ୍', 'ଗଙ୍ଗାଧରଙ୍କ ପିଢ଼ା', 'ଆଲୋକଚିତ୍ରରେ ଗଙ୍ଗାଧର', 'ଗଙ୍ଗାଧରଙ୍କ ଅମୃତପାତ୍ର' ଆଦି ଆଲେଖ୍ୟଗୁଡ଼ିକରେ କବିଙ୍କ ସ୍ନେହର ସ୍ପର୍ଶ, ତାଙ୍କ ଅନ୍ତର୍ଦର୍ଶନର ବିମୁଗ୍ଧ ଅନୁଭବକୁ ଲେଖକ ପ୍ରଫେସର ମେହେର ହୃଦୟସ୍ପର୍ଶୀ ଭାବେ ପ୍ରକାଶ କରିଛନ୍ତି। 'କବି ଭବନ'ରେ ବିତାଇଥିବା ଶୈଶବର ଅଭୁଲା ମୁହୂର୍ତ୍ତକୁ ମଧ୍ୟ ଅତି ଚମତ୍କାର ଭାବେ ଲେଖକ ବର୍ଣ୍ଣନା କରିଛନ୍ତି। ଗଙ୍ଗାଧର ସାହିତ୍ୟ ପ୍ରେମୀଙ୍କୁ ଏହି ପୁସ୍ତକଟି ଭଲ ଲାଗିବ ବୋଲି ଆଶା କରାଯାଏ। ■

## ଗଳ୍ପ ଗଞ୍ଜାମ

### ମୁଖ୍ୟ ସଂପାଦକ
### ଭାଗୀରଥି ବେହେରା



ଗଞ୍ଜାମର କବିତା ଘର ଲିଟେରାରୀ ଟ୍ରଷ୍ଟ
ଆଙ୍କୁଲି, ବ୍ରହ୍ମପୁର
ସଂସ୍କରଣ: ୨୦୨୫
ମୂଲ୍ୟ: ୨୫୦ ଟଙ୍କା

ଗଞ୍ଜାମ କବିତା ଘର ଲିଟେରାରୀ ଟ୍ରଷ୍ଟର ବାର୍ଷିକ ଗଳ୍ପ ସଂକଳନ 'ଗଳ୍ପ ଗଞ୍ଜାମ'ର ଷଷ୍ଠ ସଂସ୍କରଣ ପ୍ରକାଶ ପାଇଛି। ମୁଖ୍ୟ ସଂପାଦକ ଭାଗୀରଥି ବେହେରା ଓ ସଂପାଦକ ଧର୍ମାନନ୍ଦ ମହାରଣାଙ୍କ ସଂପାଦନାରେ ପ୍ରକାଶିତ ଏହି ପୁସ୍ତକରେ ୪୮ଟି ଗଳ୍ପ ସଂକଳିତ ହୋଇଛି। ଏହି ପୁସ୍ତକରେ ସନ୍ନିବେଶିତ ସ୍ମୃତି ପଟ୍ଟନାୟକଙ୍କ 'ଅଙ୍କାବଙ୍କା ଜୀବନ', ସୁକାନ୍ତି ରାଉତଙ୍କ 'ଥିଲେ ଜଣେ ରାଣୀ', ପରୀକ୍ଷିତ ସାହୁଙ୍କ 'ମୃତ୍ୟୁ ମନାସ', ଗୋପୀନାଥ ଦାଶଙ୍କ 'ଦୁର୍ଦ୍ଦାନ୍ତ ଦନ୍ତା', ଡକ୍ଟର ମମତା ରାଣୀ ନାୟକଙ୍କ 'ଘୁମୁ ଘୁମୁ ଘୁମୁରେ ପାରା', ଧର୍ମରାଜ ମାଝୀଙ୍କ 'ଐକ୍ୟ ଏକାନ୍ତ' ଆଦି ଗପଗୁଡ଼ିକରେ ମାନବୀୟ ସ୍ନେହ, ପ୍ରେମ,ବିରହ, ଆଶା, ବିଶ୍ୱାସର ସ୍ୱର ମାର୍ମିକ ଭାବେ ଫୁଟି ଉଠିଛି। ସେଭଳି ଅନୀତା ପାଣିଙ୍କ 'ରକ୍ତ ସଂପର୍କ', ସୁବାସ ଚନ୍ଦ୍ର ସାହୁଙ୍କ 'ପୁନଃର୍ମିଳନ',ଦେବେନ୍ଦ୍ର କୁମାର ବାଉରୀଙ୍କ 'ପୁଣ୍ୟର ପଦଧ୍ୱନି', ଡକ୍ଟର ଅସିତ୍ କୁମାର ସ୍ୱାଇଁଙ୍କ 'ରେଳଗାଡ଼ିରେ ଏକ ରାତି', ବିଦେଶୀ ନାୟକଙ୍କ 'ଭାଙ୍ଗି ଯାଉଥିବା ପ୍ରେମ, ଯୋଡ଼ି ହେଉଥିବା ସଂପର୍କ', ଅଞ୍ଜନା ବେହେରାଙ୍କ 'ବସୁନ୍ଧରା', ପ୍ରିୟଙ୍କା ମହାପାତ୍ରଙ୍କ 'ଫର୍ଚ୍ଚା ଆକାଶରୁ ମେଞ୍ଚାଏ ଖୁସି', ସୁଦାମ ଦଳବରାଙ୍କ 'ପ୍ରେମ ବରଗଛ' ଆଦି ଗପଗୁଡ଼ିକରେ ମାନବୀୟ ସମ୍ବନ୍ଧ, ସାମାଜିକ ବାସ୍ତବତା, ସାଂପ୍ରତିକ ସମସ୍ୟା, ଦ୍ୱନ୍ଦ୍ୱ, ସଂଘର୍ଷର ଚିତ୍ର ପ୍ରତିଫଳିତ ହୋଇଛି। ବହୁ ପ୍ରବୀଣ ଓ ଯୁବ ଗାଳ୍ପିକଙ୍କ ହୃଦୟସ୍ପର୍ଶୀ ଗଳ୍ପରେ ସଂକଳିତ ଏହି ପୁସ୍ତକଟି ଓଡ଼ିଆ ଗଳ୍ପ ସାହିତ୍ୟକୁ ସମୃଦ୍ଧଶାଳୀ କରିବ ବୋଲି ଆଶା କରାଯାଏ। ■

## ରେବତୀ

### ସଂପାଦକ
### ସୁବାସିନୀ ଜେନା



ଓଟି ରୋଡ୍ ରୋଡ୍, ବାଲେଶ୍ୱର
ମୂଲ୍ୟ: ୭୦ ଟଙ୍କା

ନୂତନ କଳେବର ନେଇ ସୁବାସିନୀ ଜେନାଙ୍କ ସଂପାଦିତ ଆମ ମାଟିର ସ୍ୱର 'ରେବତୀ'ର ଜୁଲାଇ ୨୦୨୫ ସଂଖ୍ୟା ବଜାରକୁ ପ୍ରବେଶ କରିଛି। ଏଥର ପ୍ରସଙ୍ଗର ମୁଖ୍ୟ ଆକର୍ଷଣ ରହିଛି ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ମାହାତ୍ମ୍ୟ ଓ ଲୀଳା ସଂପର୍କିତ ଆଲେଖ୍ୟ। ଅସିତ ମହାନ୍ତିଙ୍କ 'ରଥର ରୂପକ', ପୀତବାସ ରାଉତରାୟଙ୍କ 'ପାତାଳୀ ଶ୍ରୀକ୍ଷେତ୍ର', ଡକ୍ଟର ରାଧାରଞ୍ଜନ ପଟ୍ଟନାୟକଙ୍କ 'ନୀଳଗିରିରେ ନୀଳାଚଳିଆ', ଡକ୍ଟର ହେନେରିଟା ମିଶ୍ରଙ୍କ 'ବ୍ରହ୍ମାଦ୍ରିରୁ ନୀଳାଦ୍ରି' ଡକ୍ଟର ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ 'ବାଲିକୁଦା ଜଗନ୍ନାଥ ମନ୍ଦିର' ପ୍ରଭୃତି ଆଲେଖ୍ୟଗୁଡ଼ିକ ପାଠକମାନଙ୍କୁ ଶ୍ରୀଜଗନ୍ନାଥଙ୍କ ଭକ୍ତିଭାବରେ ତଲ୍ଲୀନ କରିଦିଏ। ଏହି ଆଲେଖ୍ୟଗୁଡ଼ିକରେ ରଥକୁ ନେଇ ପୌରାଣିକ ତତ୍ତ୍ୱଠାରୁ ଆରମ୍ଭ କରି ଓଡ଼ିଶାର କେତୋଟି ପ୍ରମୁଖ ଜଗନ୍ନାଥ ମନ୍ଦିର ସଂପର୍କରେ ହୃଦୟସ୍ପର୍ଶୀ ଭାବେ ବର୍ଣ୍ଣନା କରାଯାଇଛି। ସେହିପରି ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ, ଡାକ୍ତର ଦୀନବନ୍ଧୁ ସାହୁ, ଦେବଯାନୀ ରାୟ, ଐଶ୍ୱର୍ଯ୍ୟା ପ୍ରଧାନ, ହଂସନାଥ ମୁଦୁଲି ପ୍ରମୁଖଙ୍କ କବିତା ମନଛୁଆଁ ହୋଇଛି। ସେଭଳି ସୁଧିରାଜ ରାଉତ ଓ ସୁବ୍ରତା ସୁଦର୍ଶନୀ ବେହେରା ଗପ ଦୁଇଟି ମାର୍ମିକ ହୋଇଛି। 'ରେବତୀ'ର ସଂପାଦକୀୟଠାରୁ ଆରମ୍ଭ କରି 'ଶେଷପୃଷ୍ଠା' ପର୍ଯ୍ୟନ୍ତ ପ୍ରତିଟି ବିଭାଗ ଆକର୍ଷଣୀୟ ହୋଇଛି। 'ରେବତୀ'ର ଏହି ସଂଖ୍ୟାଟି ପାଠକମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ଆଶା କରାଯାଏ। ■

# ଏମ୍‌ସରେ ବଲଙ୍ଗା ପୀଡ଼ିତାଙ୍କ ବୟାନ ରେକର୍ଡ

**ଭୁବନେଶ୍ୱର, ୧୯ ।୭ (ସମିସ):** ଦୁର୍ବୃତ୍ତଙ୍କ ନିଆଁରେ ପୋଡ଼ିହୋଇ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସିତ ହେଉଥିବା ବଲଙ୍ଗା ଅଞ୍ଚଳର ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି । ପୀଡ଼ିତାଙ୍କ ମାଆଙ୍କ ଅଭିଯୋଗକ୍ରମେ ବଳଙ୍ଗା ଥାନା ପୁଲିସ କେସ୍ ନଂ ୧୬୨/୨୫ ରେ ଦଫା ୧୦୯/୧୨୩/୧୨୭(୨) ଓ ୩(୫) ବିଏନ୍‌ଏସରେ ମାମଲା ରୁଜୁ କରିଛି । ଘଟଣାସ୍ଥଳ ଓ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିବାକୁ ଉଦ୍ୟମ ଚଳାଇଛି ।

ସେପଟେ ପୀଡ଼ିତା ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ବେଳେ ଅଭିଯୁକ୍ତମାନେ ଏଯାଏ ଚିହ୍ନଟ ହୋଇନାହାନ୍ତି । ହେଲେ ପୁଲିସ ପ୍ରମାଣ ସଂଗ୍ରହ କରିବାକୁ ଯାଇ ପୀଡ଼ିତାଙ୍କ ବୟାନ ରେକର୍ଡ କରିଛି । ଭୁବନେଶ୍ୱର ଉପଜିଲ୍ଲାପାଳ ତଥା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ମନୋରଞ୍ଜନ ସାହୁ, ଡାକ୍ତର ଓ ପୁଲିସର ଉପସ୍ଥିତିରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି । ପୀଡ଼ିତା କେତେବେଳେ ଓ କାହାକୁ କହି ଘରୁ ବାହାରିଲେ, ବାଟରେ କେଉଁଠି ଅଟକିଥିଲେ କି ନାହିଁ ଓ କେଉଁ ରାସ୍ତା ଦେଇ ଘରକୁ ଫେରୁଥିଲେ, ସେନେଇ ତାଙ୍କୁ ପ୍ରଶ୍ନ କରାଯାଇଥିଲା । ଏଥିସହ କେଉଁଠାରେ ଓ କେଉଁମାନେ ଏଭଳି କାଣ୍ଡ ଭିଆଇଲେ, ସେମାନଙ୍କୁ ଆଗରୁ ଜାଣିଛନ୍ତି କି ନାହିଁ ବୋଲି ମଧ୍ୟ ପ୍ରଶ୍ନ କରିଥିଲା ପୁଲିସ । ତେବେ ପୀଡ଼ିତା ପୂର୍ବରୁ ଅଭିଯୁକ୍ତମାନଙ୍କୁ ଚିହ୍ନି ନଥିବା କହିଛନ୍ତି । ଭାରତୀୟ ସାକ୍ଷ୍ୟ ଅଧିନିୟମ ଧାରା ୨୬ (ଏ) ଅନୁସାରେ ପୀଡ଼ିତାଙ୍କ ବୟାନ ରେକର୍ଡ କରିଛି ପୁଲିସ ।

## ଇଏସଆଇ ଫାର୍ମାସିଷ୍ଟମାନଙ୍କ ତାଲିମ କାର୍ଯ୍ୟକ୍ରମ ଉଦଯାପିତ

**ଭୁବନେଶ୍ୱର, ୧୯ ।୭ (ସମିସ):** ଶ୍ରମ ବିଭାଗ ପକ୍ଷରୁ ରାଜ୍ୟ ଶ୍ରମ ସଂସ୍ଥାନ ଆନୁକୂଲ୍ୟରେ ଓ କର୍ମଚାରୀ ରାଜ୍ୟ ବୀମା ଯୋଜନା (ଇଏସଆଇ) ନିର୍ଦ୍ଦେଶାଳୟ ସହଯୋଗିତାରେ ଇଏସଆଇ ଔଷଧ ବିଶେଷଜ୍ଞ(ଫାର୍ମାସିଷ୍ଟ) ମାନଙ୍କ ନିମନ୍ତେ ଆୟୋଜିତ ଦୁଇ ଦିବସୀୟ ତାଲିମ କାର୍ଯ୍ୟକ୍ରମ ଆଜି ଉଦଯାପିତ ହୋଇଯାଇଛି । ଏହି ତାଲିମ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୨୫ ଜଣ ଇଏସଆଇ ଔଷଧ ବିଶେଷଜ୍ଞ(ଫାର୍ମାସିଷ୍ଟ) ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମରେ ପ୍ରଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା । ପ୍ରଶିକ୍ଷାର୍ଥୀମାନଙ୍କୁ ଯୋଗ ଉପରେ ମଧ୍ୟ ପ୍ରଶିକ୍ଷଣ ଦିଆଯାଇଥିଲା । ଆଜି ପ୍ରଶିକ୍ଷାର୍ଥୀମାନେ ସେମାନଙ୍କର କ୍ଷେତ୍ର ପରିଦର୍ଶନରେ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲ ପରିଦର୍ଶନ କରିଥିଲେ । ଡାକ୍ତର ଜଗତ ଜୀବନ ପତି, ମିହିର କୁମାର କର, ମନୋଜ କୁମାର ହାଂସଦା, ବିବେକାନନ୍ଦ ବେହେରା, ଲକ୍ଷ୍ମୀକାନ୍ତ ଦେବତା, ଭାନୁପ୍ରସାଦ ମିଶ୍ର, ବି କେ. ଲୀନା, ଅଶୋକ କୁମାର ପାତ୍ର, ସୁରେଶ କୁମାର ମହାପାତ୍ର, ମଞ୍ଜୁ ମିଶ୍ର, ଶ୍ୱେତାଲିନ ଆସେ ଇତ୍ୟାଦି ପ୍ରମୁଖ ପ୍ରଶିକ୍ଷକ ଭାବେ ପ୍ରଶିକ୍ଷାର୍ଥୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଶେଷରେ କୃତୀ ଇଏସଆଇ ଔଷଧ ବିଶେଷଜ୍ଞ(ଫାର୍ମାସିଷ୍ଟ) ମାନଙ୍କୁ ପ୍ରମାଣପତ୍ର ରାଜ୍ୟ ଶ୍ରମ ସଂସ୍ଥାନ ନିର୍ଦ୍ଦେଶକ ତଥା ଶ୍ରମ ବିଭାଗ ଅତିରିକ୍ତ ଶାସନ ସଚିବ ନୀତିରଂଜନ ସେନ୍ ପ୍ରଦାନ କରିଥିଲେ ।

## ସେବାଶ୍ରମର ଦଶମ ଛାତ୍ରୀ ଗର୍ଭବତୀ

**ତୁମୁଡ଼ିବନ୍ଧ,୧୯।୭ (ସମିସ):** କନ୍ଧମାଳ ଜିଲ୍ଲାରେ ପୁଣି ଲଜ୍ଜା । ତୁମୁଡ଼ିବନ୍ଧ ବ୍ଲକ ବେଲଘର ପଞ୍ଚାୟତ ରାଙ୍ଗାପାରୁ ବାଳିକା ସେବାଶ୍ରମର ଜଣେ ଦଶମ ଛାତ୍ରୀ ଗର୍ଭବତୀ ହୋଇଛନ୍ତି । ତାଙ୍କ ଘର ତୁମୁଡ଼ିବନ୍ଧ ବ୍ଲକ ମୁଣ୍ଡିଗଡ଼ ଅଞ୍ଚଳରେ ବୋଲି ଜଣାପଡ଼ିଛି । ଗ୍ରୀଷ୍ମ ଛୁଟିରୁ ଫେରିବା ପରେ ଛାତ୍ରୀଙ୍କ ସେବାଶ୍ରମ ଫେରିବା ପରେ ସେବାଶ୍ରମର ସ୍ୱାସ୍ଥ୍ୟକର୍ମୀ ଛାତ୍ରୀଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ସେ ସମୟରେ ସ୍ୱାସ୍ଥ୍ୟକର୍ମୀମାନେ ସେ ଗର୍ଭବତୀ ଥିବା ନେଇ କୌଣସି ପ୍ରକାରର ଲକ୍ଷଣ ପରିଲକ୍ଷିତ କରିପାରି ନ ଥିଲେ । ତେବେ, ସେବାଶ୍ରମରେ ଋତୁସ୍ରାବ ସମୟରେ ବ୍ୟବହାର ହେଉଥିବା ପ୍ୟାଡ୍ ବଣ୍ଟନ ସମୟରେ ଛାତ୍ରୀଜଣଙ୍କ ତାହା ଗ୍ରହଣ କରି ନ ଥିଲେ । ଏନେଇ ସେବାଶ୍ରମର ସ୍ୱାସ୍ଥ୍ୟକର୍ମୀ ଓ ମାଟ୍ରନ୍ ସନ୍ଦେହ କରିଥିଲେ । ପରେ ପରିବାରଲୋକଙ୍କ ଉପସ୍ଥିତିରେ ବାଲିଗୁଡ଼ା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ସେଠାରେ ସେ ଗର୍ଭବତୀ ଥିବା ଜଣାପଡ଼ିଥିଲା ।

**ତୁମୁଡ଼ିବନ୍ଧ ଥାନାରେ ଏତଲା ଦେଲେ ପ୍ରଧାନଶିକ୍ଷକ**

ଏ ସଂପର୍କରେ ପ୍ରଧାନଶିକ୍ଷକ ତୁମୁଡିବନ୍ଧ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ପଚରାଉଚରା ପରେ ଛାତ୍ରୀଜଣଙ୍କ ପୁଲିସ ସମ୍ମୁଖରେ ମୁହଁ ଖୋଲିଛନ୍ତି । ତାଙ୍କ କହିବାନୁଯାୟୀ, ସେ ଜଣେ ଯୁବକକୁ ଭଲପାଉଥିଲେ । ଦୀର୍ଘ ଦିନ ଧରି ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଛି । ଗ୍ରୀଷ୍ମ ଛୁଟିରେ ଘରକୁ ଯାଇଥିବା ବେଳେ ସମ୍ପୃକ୍ତ ଯୁବକଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ । ବର୍ତ୍ତମାନ ତଦନ୍ତ ଚାଲିଛି । ତଦନ୍ତ ପରେ ସମ୍ପୃକ୍ତ ଯୁବକକୁ ପୁଲିସ ଚିହ୍ନଟ କରିବା ପରେ ଯୁବକଜଣକଙ୍କ ବୟାନ ନିଆଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତୁମୁଡିବନ୍ଧ ଥାନା ଅଧିକାରୀ କହିଛନ୍ତି ।

## ଆବାସିକ ବିଦ୍ୟାଳୟର ଅଷ୍ଟମ ଛାତ୍ରୀ ଅନ୍ତଃସତ୍ତ୍ୱା

**ବାରିପଦା/ବାଙ୍ଗିରିପୋଷି, ୧୯ ।୭ (ସମିସ):** ମୟୂରଭଞ୍ଜ ଜିଲ୍ଲାର ଅନ୍ୟ ଏକ ଘଟଣା ଜିଲ୍ଲା ପାଇଁ ଲଜ୍ଜା ଆଣିଛି । ବାଙ୍ଗିରିପୋଷି ଥାନା ଅଧୀନ ଏକ ଆବାସିକ (ଏସଏସଡି) ବାଳିକା ବିଦ୍ୟାଳୟର ଜଣେ ଅଷ୍ଟମ ଶ୍ରେଣୀର ଛାତ୍ରୀ ୨ ମାସର ଗର୍ଭବତୀ ହେବା ଘଟଣା ସାମ୍ନାକୁ ଆସିଛି । ଛାତ୍ରୀ ନିବାସରେ ରହୁଥିବା ନାବାଳିକାଜଣକଙ୍କ ଦେହ ଅସୁସ୍ଥ ଥିବା ଜାଣିବା ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଆସିଥିଲେ । ତାଙ୍କର ସ୍ୱାସ୍ଥ୍ୟ ଯାଞ୍ଚ କରିବା ପରେ ଛାତ୍ରୀ ଜଣକ ୨ମାସ ଗର୍ଭବତୀ ଥିବା ଜଣାପଡ଼ିଥିଲା । ଶିକ୍ଷୟିତ୍ରୀ ଛାତ୍ରୀଙ୍କୁ ଘଟଣା ସଂପର୍କରେ ପଚାରିବା ପରେ ତାଙ୍କ ମା'ଙ୍କୁ ଖବର ଦେଇଥିଲେ । ପରେ ତାଙ୍କ ମା' ଝିଅକୁ ପଚାରିବାରୁ ସେ ଛୁଟିରେ ଘରକୁ ଯାଇଥିବା ବେଳେ ଗ୍ରାମର ଜଣେ ନାବାଳକ ପୁଅ ସହ ତାଙ୍କର ପ୍ରେମସମ୍ପର୍କ ଗଢି ଉଠିବା ସହିତ ଶାରୀରିକ ସମ୍ପର୍କ ହୋଇଥିବା ସ୍ୱୀକାର କରିଥିଲେ । ପରେ ଏ ନେଇ ଛାତ୍ରୀଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଆଧାର ବାଙ୍ଗିରିପୋଷି ପୁଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତ ନାବାଳକକୁ ଥାନାକୁ ଡାକି ପଚରାଉଚୁରା ଚଳାଇଛି ।

## ଅବଶିଷ୍ଟାଂଶ

### ସ୍ୱଷ୍ଟ ଦିବାଲୋକରେ...

ଦୁର୍ବୃତ୍ତମାନେ କିଏ ଏବଂ କାହିଁକି ସେମାନେ ଏଭଳି ନୃଶଂସ କାଣ୍ଡ ଘଟାଇଲେ, ସେ ସମ୍ପର୍କରେ କୌଣସି ସୁରାକ୍ ମିଳିପାରିନାହିଁ ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ରାଜ୍ୟରେ ଏବେ ଆଇନଶୃଙ୍ଖଳା ବ୍ୟବସ୍ଥା ସଂପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି । ପୁଲିସ୍ ଓ ପ୍ରଶାସନର ନିଷ୍କ୍ରିୟତା ଯୋଗୁଁ ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥା ଏବେ ସମ୍ପୂର୍ଣ୍ଣ ଭୁଶୁଡ଼ିପଡ଼ିଛି । ଅପରାଧୀମାନେ ସକ୍ରିୟ ହୋଇପଡ଼ିଥିବା ବେଳେ ମହିଳା, ଛାତ୍ରୀ ଏବେ ଅସୁରକ୍ଷିତ ହୋଇପଡ଼ିଛନ୍ତି । ପ୍ରତିଦିନ ନାରୀବିରୋଧୀ ହିଂସା, ଅତ୍ୟାଚାର, ଦୁଷ୍କର୍ମ, ଗଣଦୁଷ୍କର୍ମ, ଦୁଷ୍କର୍ମ ପରେ ହତ୍ୟା ଭଳି ଘଟଣା ସାମ୍ନାକୁ ଆସୁଛି ।

ଅଭିଯୋଗ ଅନୁଯାୟୀ, ଶନିବାର ସକାଳ ପ୍ରାୟ ୮ଟାରେ ବଳଙ୍ଗା ଥାନା ବାୟାବର ନୂଆ ଗୋପାଳପୁରର ଜଣେ ନାବାଳିକା (ଦଶମ ପାସ୍ ପରେ ଘରେ ରହୁଛନ୍ତି) ଅନ୍ୟ ଜଣେ ବାନ୍ଧବୀଙ୍କ ସହ ସମ୍ପର୍କୀୟଙ୍କ ଘରକୁ ବହି ଦେବାକୁ ଯାଉଥିଲେ । ବଳଙ୍ଗା-ହରିପୁର କେନାଲ ବନ୍ଧ ରାସ୍ତାରେ ଦୁହେଁ ଯାଉଥିବା ବେଳେ ତାଙ୍କ ବାନ୍ଧବୀ ଅଧାବାଟରୁ ଫେରିଆସିଥିଲେ । ନାବାଳିକାଜଣଙ୍କ ଏକୁଟିଆ ଯାଉଥିବା ବେଳେ ୩ଜଣ ସେଠାରେ ବାଇକ୍‌ରେ ପହଞ୍ଚିଥିଲେ । ସେମାନେ ଯୁବତୀଙ୍କ ମୁହଁରେ କପଡ଼ା ବାନ୍ଧି ତାଙ୍କୁ ଚେତାଶୂନ୍ୟ କରିବା ପରେ ତାଙ୍କୁ ଅପହରଣ କରି ତେରହଲ ନିକଟସ୍ଥ ଭାର୍ଗବୀ ନଦୀବନ୍ଧ ତଳକୁ ନେଇଯାଇଥିଲେ । ପରେ ସେଠାରେ ତାଙ୍କ ଦେହରେ ନିଆଁ ଲଗାଇ ପୋଡ଼ି ମାରିଦେବାକୁ ଉଦ୍ୟମ କରିଥିଲେ । ହେଲେ ନାବାଳିକାଜଣଙ୍କ ଗୁରୁତର ଅବସ୍ଥାରେ ତେରହଲ ଗାଁ ମୁଣ୍ଡରେ ଥିବା ଦୁଃଖୀଶ୍ୟାମ ସେନାପତିଙ୍କ ଘର ପାଖରେ ପହଞ୍ଚି ଆକୁଳ ବିକଳ ହୋଇ 'ମତେ ରକ୍ଷା କର' ବୋଲି ଚିତ୍କାର କରିଥିଲେ । ନାବାଳିକାଙ୍କ ଦେହରେ ନିଆଁ ଲାଗିଥିବା ଦେଖି ଦୁଃଖୀଶ୍ୟାମ ତତ୍‌କ୍ଷଣାତ ତାଙ୍କୁ ଏକ ଡ୍ରେସ୍ ପିନ୍ଧାଇବା ସହ ପାଣି ପିଇବାକୁ ଦେଇଥିଲେ । ନାବାଳିକାଙ୍କଠାରୁ ତାଙ୍କ ଘରର ଠିକଣା ବୁଝି ତାଙ୍କ ଘରକୁ ଖବର ଦେଇଥିଲେ । ଖବର ପାଇବା ପରେ ଗାଁର କିଛି ଲୋକ ଓ ତାଙ୍କ ପରିବାର ସଦସ୍ୟ ପହଞ୍ଚିଥିଲେ । ସଙ୍ଗେସଙ୍ଗେ ସ୍ଥାନୀୟ ବଳଙ୍ଗା ପୁଲିସ ଏବଂ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ । ଆମ୍ବୁଲାନ୍ସରେ ପ୍ରଥମେ ପୀଡ଼ିତାଙ୍କୁ ପିପିଲି ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି । ନାବାଳିକାଙ୍କ ଗୋଡ଼, ପିଠି, ହାତ ଆଦି ଶରୀରର ବିଭିନ୍ନ ଅଂଶ ପୋଡ଼ିଯାଇଛି ବୋଲି ପିପିଲିରେ ପ୍ରାଥମିକ ଚିକିତ୍ସା କରିଥିବା ଡାକ୍ତର କହିଛନ୍ତି ।

ଏହି ଘଟଣା ଜଣାପଡ଼ିବା ପରେ ବଳଙ୍ଗା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିଥିଲା । ଏଥିସହ ନିମାପଡ଼ା ତହସିଲ୍‌ଦାର ମନୋଜ କୁମାର ପ୍ରଧାନ, ବିଡିଓ ଅଭିଜିତ ଷଡ଼ଙ୍ଗୀ, ଅତିରିକ୍ତ ଜିଲ୍ଲାପାଳ, ଅତିରିକ୍ତ ଏସ୍‌ପି, ଡିଏସ୍‌ପି ଦେବାଶିଷ ମିଶ୍ର ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରିବା ସହ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛନ୍ତି । ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ଦୁଇଟି ବୋତଲରେ ଥିବା କିରାସିନି, ଦିଆସିଲି, ପୀଡ଼ିତାଙ୍କ ଚପଲ, ଚୁଡ଼ି, ଅଧାପୋଡ଼ା ଡ୍ରେସ୍, ତାବିଜ୍ ଆଦି ଜବତ କରିଛି । ଅଭିଯୁକ୍ତଙ୍କ ସମ୍ପର୍କରେ ପ୍ରମାଣ ପାଇ ସନ୍ଧାନୀ କୁକୁର ସହାୟତା ମଧ୍ୟ ନିଆଯାଇଛି । ହେଲେ ସେଭଳି କୌଣସି ସୁରାକ୍ ଏ ପର୍ଯ୍ୟନ୍ତ ମିଳିନାହିଁ । ଅନ୍ୟପକ୍ଷରେ ବିଭିନ୍ନ ରାଜନୈତିକ ଦଳର ନେତୃତ୍ୱ ପହଞ୍ଚି ତୁରନ୍ତ ଏହି ଘଟଣାରେ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

ପୁରୀ ଏସ୍‌ପି ପିନାକ୍ ମିଶ୍ର ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଏସ୍‌ପି କହିଛନ୍ତି, ଏହା ସ୍ୱର୍ଶକାତର ଓ ସମ୍ବେଦନଶୀଳ ଘଟଣା । ଷଡ଼ଯନ୍ତ୍ର ଦିଗକୁ ତଦନ୍ତରେ ପ୍ରାଥମିକତା ଦିଆଯାଇଛି । କାରଣ, କେଉଁଠୁ କିରାସିନି ଆସିଲା, ତାକୁ ବି ଅନୁଧ୍ୟାନ କରାଯାଉଛି । ସାଇବର୍ ଏକ୍ସପର୍ଟମାନଙ୍କ ମଧ୍ୟ ସହଯୋଗ ନିଆଯାଇଛି । ସିସିଟିଭି ଫୁଟେଜ୍ ମିଳିନି କି କେହି ଅଟକ ନାହାନ୍ତି । କେବଳ ପୀଡ଼ିତାଙ୍କ ସମ୍ପର୍କୀୟ ଓ ସାଙ୍ଗଙ୍କ ବୟାନ ରେକର୍ଡ କରାଯାଉଛି । ସକାଳ ୯ଟାରେ ପୁଲିସ ଏହି ଘଟଣା ସମ୍ପର୍କରେ ଖବର ପାଇଲା । ପୀଡ଼ିତାଙ୍କ ମାଆ ବଳଙ୍ଗା ଥାନାରେ ଏତଲା ଦେଇଛନ୍ତି । ପୀଡ଼ିତା ମଧ୍ୟ ବିଚାରପତିଙ୍କ ଉପସ୍ଥିତିରେ ବୟାନ ଦେଇଛନ୍ତି । ସବୁ ଦିଗକୁ ନେଇ ତଦନ୍ତ ହେଉଛି । ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି ।

ସେହିପରି ଅପରାହ୍ଣରେ କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର ଏସ୍‌ପିଙ୍କ ସହ ଘଟଣାସ୍ଥଳ ପରିଦର୍ଶନ କରିବା ସହ ପୀଡ଼ିତାଙ୍କ ଘରକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି । ଅଭିଯୁକ୍ତଙ୍କୁ ଗିରଫ କରାଯାଇ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିବାରକୁ ଆଶ୍ୱାସନା ଦେଇଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ପୀଡ଼ିତାଙ୍କ ମା'ଙ୍କ ଅଭିଯୋଗ ଆଧାରରେ ବଳଙ୍ଗା ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି । ଥାନାଧିକାରୀ ଦିବ୍ୟରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି ।

ଏନେଇ ପୀଡ଼ିତାଙ୍କ ଉଦ୍ଧାରକାରୀ ତେରହଲ ଗ୍ରାମର ଦୁଃଖୀଶ୍ୟାମ ସେନାପତିଙ୍କ ବୟାନ ଅନୁସାରେ, ଝିଅଟି ଜଳୁଥିବା ଅବସ୍ଥାରେ ବଞ୍ଚାଅ ବଞ୍ଚାଅ କହି ଆମ ଘରକୁ ଦୌଡ଼ି ଆସିଥିଲା । ମୋ ଘର ଭିତରକୁ ପଶି ଆସିବାରୁ ମୁଁ ତୁରନ୍ତ ନିଆଁ ଲିଭାଇ ହଳେ ଡ୍ରେସ୍ ପିନ୍ଧାଇଦେଲି । ପୂରା ଶରୀର ପୋଡ଼ି ଯାଇଛି । ୩ ଦୁର୍ବୃତ୍ତ ବାଇକ୍‌ରେ ସମ୍ପୃକ୍ତ ନାବାଳିକାକୁ ଅପହରଣ କରି ନେଇ ଆସି ଏଭଳି କାଣ୍ଡ ଭିଆଇଛନ୍ତି । କୌଣସିମତେ ନାବାଳିକାଜଣଙ୍କ ଖସି ଆସିଥିବା ବେଳେ ଦୁର୍ବୃତ୍ତମାନଙ୍କ ବିଷୟରେ ପଚାରିବାରୁ ସେମାନଙ୍କୁ ଚିହ୍ନିନି ବୋଲି ପୀଡ଼ିତାଜଣଙ୍କ କହିଥିବା ଦୁଃଖୀଶ୍ୟାମ ବୟାନ ଦେଇଛନ୍ତି ।

### ନିଦରୁ ଉଠନ୍ତୁ...

ସ୍ୱଷ୍ଟ ଦିବାଲୋକରେ ତାଙ୍କୁ ହତ୍ୟା କରିବାକୁ ପ୍ରୟାସ କରାଯାଇଛି । ମୁଁ ଏହି ଭୟଙ୍କର କାର୍ଯ୍ୟର ଦୃଢ଼ ନିନ୍ଦା କରୁଛି । ନବୀନ କହିଛନ୍ତି ଯେ ଗୋପାଳପୁରରେ ଗଣଦୁଷ୍କର୍ମ ଘଟଣାର ଗୋଟିଏ ମାସ ପରେ ଏଫ୍‌ଏମ୍ କଲେଜରେ ଜଣେ ଛାତ୍ରୀ ନ୍ୟାୟ ନପାଇ ନିଜକୁ ଜାଳି ଦେବା ପରି ଭୟଙ୍କର ଘଟଣା ଘଟିଲା । ଏହାର ଗୋଟିଏ ସପ୍ତାହ ମଧ୍ୟରେ ଆଜି ଏପରି ଆକ୍ରମଣ ହୋଇଛି । ମହିଳାଙ୍କ ବିରୁଦ୍ଧରେ ଏପରି ଅକଳ୍ପନୀୟ ହିଂସା ଏବେ ସାରା ଓଡ଼ିଶାରେ ପ୍ରାୟ ପ୍ରତିଦିନ ଘଟୁଛି । ଏଗୁଡ଼ିକ ଛୋଟ ଛୋଟ ହିଂସାଜନିତ ଘଟଣା ନୁହେଁ । ଏହି ଘଟଣାଗୁଡ଼ିକ ଶାସନର ଏକ ଗଭୀର ବ୍ୟବସ୍ଥାଗତ ବିଫଳତାକୁ ସୂଚିତ କରୁଛି । ବର୍ତ୍ତମାନ ସରକାରଙ୍କ ଅଧୀନରେ ଅପରାଧୀମାନେ ବେଲଗାମ ହୋଇଯାଇଛନ୍ତି । ଏପରିକି ସେମାନେ ଦଣ୍ଡ ପାଇବା ପାଇଁ ଚିନ୍ତିତ ନୁହନ୍ତି ବୋଲି ନବୀନ ଚିନ୍ତା ବ୍ୟକ୍ତ କରିଛନ୍ତି । ସରକାରୀ ନିଷ୍କ୍ରିୟତା ଏବଂ ରାଜନୈତିକ ପୃଷ୍ଠପୋଷକତା ଯୋଗୁଁ ଓଡ଼ିଶା କିପରି ମହିଳାମାନଙ୍କ ପାଇଁ ଅତ୍ୟନ୍ତ ଅସୁରକ୍ଷିତ ହେଉଛି, ତାହା ଏପରି ଘଟଣାର ପୁନରାବୃତ୍ତି ସ୍ୱଷ୍ଟ ରୂପେ ଦର୍ଶାଉଛି । ସରାକର ଗଭୀର ନିଦ୍ରାରୁ ଉଠି ଅପରାଧୀମାନଙ୍କୁ ଗିରଫ କରିବା ପାଇଁ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବେ କି? ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ସରକାର କ'ଣ ଏପରି ଘଟଣାର ପୁନରାବୃତ୍ତି ନହେବା ପାଇଁ କୌଣସି ପ୍ରତିକ୍ରିୟା ରଖିବେ । ଓଡ଼ିଶାର ଝିଅ ଏବଂ ମହିଳାମାନେ ସରକାରଙ୍କ ଉତ୍ତର ଅପେକ୍ଷାରେ ଅଛନ୍ତି ବୋଲି ନବୀନ ଉଲ୍ଲେଖ କରିଛନ୍ତି ।

### ଶିଶୁକନ୍ୟାକୁ ଦୁଷ୍କର୍ମ...

ଦୋକାନ ରହିଛି । ଆଜି ଦୋକାନରେ ଶିଶୁକନ୍ୟାକୁ ବସାଇ ତାଙ୍କ ମା' କିଛି କାମରେ ବାହାରକୁ ଯାଇଥିଲେ । ସେହି ସମୟରେ ଅଭିଯୁକ୍ତ ସେକ ମେହେବୁବ ସେଠାକୁ ଆସି ଶିଶୁକନ୍ୟାକୁ ଏକୁଟିଆ ପାଇ ଦୁଷ୍କର୍ମ କରିଥିଲା । ଘଟଣା ବାବଦରେ ପରିବାରଲୋକେ ଜାଣିବା ପରେ ତୁରନ୍ତ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଉକ୍ତ ଦୁଷ୍କର୍ମକାରୀକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଟାଉନ୍ ଥାନା ଅଧିକାରୀ ବିଜୟ କୁମାର ଦାସ ସୂଚନା ଦେଇଛନ୍ତି ।

### ଘରୁ ଟେକିନେଇ...

ଏହି ଘଟଣାରେ ପୁଲିସ୍ ନମ୍ବର ୩୪୦/୨୫ରେ ଏକ ମାମଲା ରୁଜୁ କରି ଆଜି ଜଣେ ନାବାଳକକୁ ଅଟକ ରଖିଛି । ସୂଚନା ମୁତାବକ, ବୁଧବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିଲା । ଅଭିଯୁକ୍ତଜଣଙ୍କ ନାବାଳିକାକୁ ତାଙ୍କ ଘରୁ ଟେକିନେଇ ଗୋଟିଏ ଭଙ୍ଗା ଘରେ ରଖିଥିଲା । ସେଠାରେ ସେ ନାବାଳିକାଙ୍କୁ ବାରମ୍ବାର ଦୁଷ୍କର୍ମ କରିଥିଲା । ପରେ ତାଙ୍କୁ ଦିଗପହଣ୍ଡି ଥାନା ଅଧୀନସ୍ଥ ଚାଙ୍ଗୁଡ଼ିଦେଇ ପାହାଡ଼ ପାଖ ଜଙ୍ଗଲକୁ ନେଇ ଯାଇଥିଲା । ସେଠାରେ ମଧ୍ୟ ସେ ନାବାଳିକାଙ୍କୁ ଦୁଷ୍କର୍ମ କରି ଏକୁଟିଆ ଛାଡ଼ି ପଳାଇ ଯାଇଥିଲା । ଅପରପକ୍ଷେ ନାବାଳିକାର ପରିବାର ବହୁ ଖୋଜାଖୋଜି କରିବା ପରେ ତାଙ୍କୁ ଚାଙ୍ଗୁଡ଼ିଦେଇ ପାହାଡ଼ରୁ ଉଦ୍ଧାର କରିଥିଲେ । ଏ ସଂପର୍କରେ ନାବାଳିକାଙ୍କ ବାପାଙ୍କ ଅଭିଯୋଗ ଆଧାରରେ ପାଟପୁର ପୁଲିସ୍ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିଲା । ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଉଭୟଙ୍କ ଡାକ୍ତରୀ ମାଇନା କରାଯିବା ପରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି । ଏହି ଘଟଣାରେ ପୁଲିସ୍ ଆଜି ଜଣେ ନାବାଳକକୁ ଗିରଫ କରି ବାଳ ସୁଧାର ଗୃହକୁ ପଠାଇଥିବା ଜଣାପଡ଼ିଛି ।

## ଏମ୍ସରେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ନେତା

**ଭୁବନେଶ୍ୱର,୧୯।୭ (ସମିସ):** ବଳଙ୍ଗା ଘଟଣାରେ ଏମ୍ସରେ ଚିକିତ୍ସାଧୀନ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି କଂଗ୍ରେସର ବରିଷ୍ଠ ନେତା । ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ବରିଷ୍ଠ ନେତା ଶ୍ରୀକାନ୍ତ ଜେନା, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଅନନ୍ତ ସେଠୀ, ଦେବାଶିଷ ପଟ୍ଟନାୟକ, ମୀନାକ୍ଷୀ ବାହିନୀପତି, ସୋଫିଆ ଫିର୍ଦ୍ଦୋଷ, ୟାସିର ନୱାଜ, ରଞ୍ଜିତ ପାତ୍ର, ଉଦିତ ପ୍ରଧାନ ପ୍ରମୁଖ ଏମ୍ସ ଯାଇ ଝିଅଟିର ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି । ବିଶେଷଜ୍ଞମାନେ ଝିଅଟିକୁ ବଞ୍ଚାଇବାକୁ ଯଥାସାଧ୍ୟ ଉଦ୍ୟମ କରୁଥିବା କଂଗ୍ରେସ ନେତାଙ୍କୁ ଅବଗତ କରାଇଥିବା ବେଳେ ପିସିସି ପକ୍ଷରୁ ଝିଅଟିର ଆଶୁ ଆରୋଗ୍ୟ କାମନା କରାଯାଇଛି । କଂଗ୍ରେସର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ମଧ୍ୟ ପାଟନାରୁ ନାବାଳିକାର ଆରୋଗ୍ୟ କାମନା କରିଛନ୍ତି । ସେହିପରି ବିଜୁ ଜନତା ଦଳର ନେତୃବୃନ୍ଦ ମଧ୍ୟ ଏମ୍‌ସରେ ପହଞ୍ଚି ପୀଡ଼ିତାର ସ୍ୱାସ୍ଥ୍ୟାବସ୍ଥା ଓ ଚିକିତ୍ସା ବ୍ୟବସ୍ଥା ବୁଝିଛନ୍ତି । ସେମାନେ ପୀଡ଼ିତାର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## ସର୍ବନିମ୍ନ ପେନସନ ବୃଦ୍ଧି ଲାଗି ପ୍ରଧାନମନ୍ତ୍ରୀଙ୍କୁ ଇପିଏଫ୍ ପେନସନ ସଂଘର ସ୍ମାରକପତ୍ର

ଭୁବନେଶ୍ୱର, ୧୯ ।୭ (ସମିସ): ଅଲ୍ ଓଡିଶା ଇପିଏଫ୍ ପେନସନ ଆସୋସିଏସନ୍ ତରଫରୁ ସର୍ବନିମ୍ନ ପେନ୍‌ସନ୍ ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଶ୍ରମମନ୍ତ୍ରୀ ମନସୁଖ୍ ମାଣ୍ଡଭିୟ, ଲୋକସଭାର ବିରୋଧଦଳ ନେତା ରାହୁଲ ଗାନ୍ଧୀ ଏବଂ ରାଜ୍ୟସଭାର ବିରୋଧ ଦଳ ନେତା ମଲ୍ଲିକାର୍ଜ୍ଜୁନ ଖାଡେଗଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇ ଅନୁରୋଧ କରାଯାଇଛି । ଦେଶରେ ଥିବା ୮୦ ଲକ୍ଷ ପେନସନଭୋଗୀଙ୍କ ମଧ୍ୟରୁ ୩୫ ଲକ୍ଷ ପେନସନ ଭୋଗୀ ମାସିକ ୧ ହଜାର ଟଙ୍କାରୁ କମ୍ ପେନସନ ପାଉଛନ୍ତି । ୨୦୧୪ ମସିହାରେ କେନ୍ଦ୍ର ସରକାର ଇପିଏଫ୍ ପେନସନ ଭୋଗୀଙ୍କ କ୍ଷେତ୍ରରେ ସର୍ବନିମ୍ନ ମାସିକ ପେନସନ ୧ ହଜାର ଟଙ୍କା ଲାଗୁ କରିଛନ୍ତି । ତାହା ପୁଣି ବିନା ମହଙ୍ଗା ଭତ୍ତାରେ । ଏକ ପରିସଂଖ୍ୟାନ ଅନୁଯାୟୀ ହାରାହାରି ଇପିଏଫ୍ ପେନସନ ଭୋଗୀଙ୍କୁ ଜଣ ପିଛା ୧୫୦୦ ଟଙ୍କା ମାତ୍ର ମିଳୁଛି । ଏହା କେତେକ ରାଜ୍ୟ ସରକାର ପ୍ରଦାନ କରୁଥିବା ବାର୍ଦ୍ଧକ୍ୟ ଭତ୍ତାଠାରୁ ମଧ୍ୟ କମ୍ ଅଟେ । ଇତିମଧ୍ୟରେ ୧୧ ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ଏହି ସର୍ବନିମ୍ନ ୧ ହଜାର ଟଙ୍କା ପେନସନ ରାଶିକୁ ବୃଦ୍ଧି କରିବାରେ କେନ୍ଦ୍ର ସରକାର ଚରମ ଅବହେଳା ପ୍ରଦର୍ଶନ କରି ଆସୁଛନ୍ତି । ପେନସନ ବୃଦ୍ଧି ବାବଦରେ ବିଗତ ବର୍ଷରେ ବିଭିନ୍ନ ମହଲରୁ ଦାବି ହୋଇ ଆସୁଥିଲେ ମଧ୍ୟ କେନ୍ଦ୍ର ସରକାରଙ୍କର ଉଦାସୀନତା ମନୋଭାବ ପ୍ରଦର୍ଶନ କରୁଛନ୍ତି । ଏହା ପେନସନ ଭୋଗୀ ତଥା ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ଘୋର୍ ଅସନ୍ତୋଷ ଓ ନୈରାଶ୍ୟ ସୃଷ୍ଟି କରିଛି । ଏଣୁ ଇପିଏଫ୍ ପେନସନ ଭୋଗୀମାନଙ୍କର ଦୟନୀୟ ଆର୍ଥିକ ଦୂରାବସ୍ଥାକୁ ସହୃଦୟତାର ସହ ବିଚାର କରି ସର୍ବନିମ୍ନ ମାସିକ ପେନସନ ୯ ହଜାର ଟଙ୍କା ସହ ମହଙ୍ଗା ଭତ୍ତା ପ୍ରଦାନ କରିବା ଲାଗି ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଏବଂ ଉଭୟ ସଦନର ବିରୋଧୀଦଳ ନେତାଙ୍କୁ ଆସୋସିଏସନ୍ ପକ୍ଷରୁ ପୁନର୍ବାର ଦାବୀପତ୍ର ମାଧ୍ୟମରେ ଅନୁରୋଧ କରାଯାଇଛି । ଏ ବାବଦରେ ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି ।


**OFFICE OF THE PANCHAYAT SAMITI KORUKONDA** i-228

No. 3035/VI-155/2025/Dev. Date 18.07.2025

**TENDER CALL NOTICE NO- 02/2025-26**

Sealed Tender in the prescribed form to be eventually drawn up in PWD Form P-1 (Percentage Rate Bids) in conformity with detailed Tender Call Notice are invited by the Block Development Officer, Korukonda on behalf of Government of Odisha for tenders for construction of various work as mentioned below from eligible Contractors registered with the State Government and Contractor of equivalent grade/class registered with Central Government /MES/ Railways, having registration for Civil works on production of definite proof from the appropriate authority. The detailed of the works are available in the Website https://malkangiri.odisha.gov.in and Office Notice Board. Any further deviation/ corrigendum will be available in the above website.

| | |
|---|---|
| Name of the works | Construction of GPLF building with market complex at Old Chimtapally under Mission Shakti and Kalyan Mandap of Korukonda Block under BGBO Scheme |
| No.of works | 02 nos ( Two) only |
| Amount put to Tender | As laid down in the DTCN/ Tender call notice |
| Tender Paper Cost | As laid down in the DTCN/ Tender call notice |
| E.M.D amount required | As laid down in the DTCN/ Tender call notice |
| Period of completion | As laid down in the DTCN for each Work |
| Date of sale of Tender paper | The Bid documents can be downloaded from the Govt. Website https://malkangiri.odisha.gov.in from 21.07.2025 to 05.08.2025 |
| Date of receipt of Tender paper | From 21.07.2025 to 05.08.2025 up to 5.30 P.M (in working days) through Registered post / Speed post only. |
| Date of opening of Tender papers | At 11.00 A.M on dated 06.08.2025 in the office of the Block Development Officer, Korukonda in presence of Tenderer/their authorized representatives. |

If the last date of receipt of tender paper turns out be a holiday, it will automatically be extended to next working day.

Block Development Officer, Korukonda

OIPR-19021/11/0008/2526



**ସତ୍ୟପାଠ**

ମୁଁ, ମମତା ସୁନ୍ଦରାୟ, ସ୍ୱାମୀ: ନୟନ କିଶୋର ଜେନା, ବାସସ୍ଥାନ: ବାଲିଆପଟା ବସ୍ତି, ରସୁଲଗଡ, ପୋ: ଢିଢିପି କଲୋନୀ, ସବ୍ ଡିଷ୍ଟ୍ରିକ୍ଟ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୨୫, ଓଡିଶା ଏହି ସତ୍ୟପାଠ ନଂ.: C.F. No.: 16, ତା. ୧୦.୦୬.୨୦୨୫ ମାଧ୍ୟମରେ ଘୋଷଣା କରୁଅଛି କି ବର୍ତ୍ତମାନ ଠାରୁ ଭବିଷ୍ୟତରେ ମୁଁ ମମତା ଜେନା ଭାବେ ପରିଚିତ ହେବି ।

**AFFIDAVIT**

By virtue of an affidavit sworn before Notary Public Titilagarh, dated 15.07.2025 I, Keshamati Majhi, Adress At- Khairkhunta, Po- Ghantabahali, Ps- Titilagarh, Dist- Balangir, Odisha, Pin-767033 declare that I have changed my son's name from Kundhar Majhi to Kuldhar Majhi. Henceforth, he shall be known as Kuldhar Majhi for all purposes.

Keshamati Majhi

**LOST**

By the virtue of an affidavit sworn before The Executive Magistrate Gop, CF No. 2561/1 on dated 16-07-2025 , I JITENDRA KUMAR LENKA, S/o Late Kulamani Lenka residing At - Sorava , PO - Sorava, PS- Gop, Dist - Puri , Odisha declare that my son Trinath Lenka lost his Transfer Certificate bearing No. 2250, and his admission No. 4616. The said certificate is necessery for my son but I could not find out. This Newspaper publication is required to be produced before the Principal of Kendriya Vidyalaya Sangathan, Bhubaneswar for issue aduplicate Transfer Certifacate in my Son's favour.

**AFFIDAVIT**

By virtue of an affidavit sworn before Notary Public Titilagarh, dated 15.07.2025 I, Peshkara Nag, Adress At- Laitara, Po-Katarkela, Ps- Titilagarh, Dist-Balangir, Odisha, Pin- 767033 declare that I have changed my daughter's name from Laxmipriya Nag to Lovely Nag. Henceforth, she shall be known as Lovely Nag for all purposes.

Peshkara Nag

**NOTICE (For Minor)**

By virtue of an affidavit sworn before The Executive Magistrate (K) Udala, Mayurbhanj, dated 19-07-2025 I, Mangal Tudu Address AT- Astapura, PO-Balidiha, PS- Khunta, Dist-Mayurbhanj, PIN-757019 declare that I have change the name of my daughter Baishnabi Soren to Baishnabi Tudu. Henceforth, she shall be known as Baishnabi Tudu for all purposes.

Mangal Tudu

**AFFIDAVIT**

By virtue of an affidavit before the Notary Public, Jeypore, Koraput. I PRIYANKA PRIYADARSINI PRAHARA, W/o Sambit Kumar Padhy resident of Paik Street, Po-Jayanagar, PS -Jeypore Dt-Koraput, Odisha -764005 declare by this Affidavit No.3185, Dated - 16/07/2025, that now onwards I shall be known as **PRIYANKA PRIYADARSINI PRAHARAJ** for all future purpose.

**AFFIDAVIT**

I, Bikash Agrawal, aged about 42 years, S/o- Om Prakash Agrawal, resident of At-Dehuripada, PO- Garpos, PS- Govindpur, Dist-Sambalpur, Odisha, PIN-768224 declared by this affidavit No. 1402, dtd-17/07/2025 that now onwards I shall be known as **BIKASH KUMAR AGRAWAL** for all future purposes.

**AFFIDAVIT**

By virtue of an affidavit swom before the Notary Public, Bhubaneswar. I, R. Rameswari Reddy, W/o- R. Santosh Kumar Reddy, resident of Plot No. K2-146, Kalinga Nagar, Ghatikia, Bhubaneswar-751029, Dist.-Khordha, Odisha, do hereby declare that I have changed my name from G. Rameswari to R. Rameswari Reddy (also known as Rawada Rameswari Reddy) for all purposes. Henceforth, I shall be known as **R. Rameswari Reddy.**

Sd/-R. Rameswari Reddy

**AFFIDAVIT**

I, Meherun Nesa Bibi, aged about 65 years, W/o- Shaikh Nasimuddin, resident of At- Quazi Mohalla, Mir Sahi, Po/Ps-Purunabazar, Dist-Bhadrak, Odisha, PIN-756100 declare by this affidavit No.1204, dtd. 08/07/2025, that now onwards I shall be known as **MEHERUN NISA** for all future purposes.

**AFFIDAVIT**

By virtue of an affidavit before the Executive Magistrate, Khariar, No.272, dated 08/07/2025. I, Tikeram Sabar, AT/PO:-Ward no.10, Sabarpada, N.A.C, Khariar, P.S.: Khariar, Dist-Nuapada declare that, my minor daughter's actual name is Bebita mentioned in her Highschool certificate but in her Aadhar Card mentioned as Babita Sabar instead of Bebita Sabar. That, Babita and Bebita Sabar is one and the same person. Henceforth, she will be known as **Bebita Sabar** for all purposes.

Sd/- Tikeram Sabar

**ଅଭିଯୁକ୍ତ ବ୍ୟକ୍ତିଙ୍କ ଉପସ୍ଥିତି ଆବଶ୍ୟକ ନିମନ୍ତେ ଘୋଷଣା**

**ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩, ଧାରା ୮୪ ଅନୁସାରେ**

ଏତଦ୍ୱାରା ଏକ ମାମଲା ମୋ ନିକଟକୁ ଆସିଅଛି ଯେ, ଅଭିଯୁକ୍ତ ବ୍ୟକ୍ତି କୃଷ୍ଣ ପ୍ରସାଦ ପାତ୍ର, ସା: ୧୩୧୨, ନିଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ଜିଲ୍ଲା-ଭୁବନେଶ୍ୱର, ଓଡ଼ିଶା, ଏକ ଅପରାଧ କରିଛନ୍ତି (କିମ୍ବା କରିଥିବା ଆଶଙ୍କା ଅଛି) ଯାହା ମାମଲା: CTC.: 469560/2016, ପିଏସ୍ ସଫଦରଜଙ୍ଗ ଏନକ୍ଲେଭ୍, ସାଉଥ୍-ୱେଷ୍ଟ ଜିଲ୍ଲା, ନୂଆଦିଲ୍ଲୀ ରେ ଘଟିଛି ଏବଂ ଏହା ଜାରି ହୋଇଥିବା ଏକ ଗିରଫ ଓାରେଣ୍ଟ ଫେରତ କରାଯାଇଛି ଯେ କୃଷ୍ଣ ପ୍ରସାଦ ପାତ୍ର ନାମକ ଅଭିଯୁକ୍ତ ମିଳିପାରିନାହାନ୍ତି ଏବଂ ମୋର ସନ୍ତୋଷଜନକ ହୋଇଛି ଯେ କୃଷ୍ଣ ପ୍ରସାଦ ପାତ୍ର ନାମକ ଅଭିଯୁକ୍ତ ପଳାୟନ କରିଛନ୍ତି (ଅଥବା ସେ ନିଜେ କେଉଁଠାରେ ଲୁଚି ରହିଛନ୍ତି ଓ ସେହି ଓାରେଣ୍ଟରୁ ବଞ୍ଚିବାକୁ ଚେଷ୍ଟା କରୁଛନ୍ତି);

ଏହି ଘୋଷଣା ମାଧ୍ୟମରେ ସୂଚିତ କରାଯାଉଛି କି, ଅଭିଯୁକ୍ତ କୃଷ୍ଣ ପ୍ରସାଦ ପାତ୍ର (CTC.: 469560/2016, ପିଏସ୍ ସଫଦରଜଙ୍ଗ ଏନକ୍ଲେଭ୍, ସାଉଥ୍-ୱେଷ୍ଟ ଜିଲ୍ଲା, ନୂଆଦିଲ୍ଲୀ କୁ ଏହି ଅଭିଯୋଗର ଉତ୍ତର ଦେବା ପାଇଁ 04.09.2025 ରେ କିମ୍ବା ତା'ପୂର୍ବରୁ ଅଦାଲତ ସମ୍ମୁଖରେ ଉପସ୍ଥିତ ହେବାକୁ ଆଦେଶ ଦିଆଯାଉଛି ।

ଆଦେଶରେ
ଶ୍ରୀମତୀ ନିଧି ସିଂ
ନ୍ୟାୟଧିଶ, ପ୍ରଥମ ଶ୍ରେଣୀ - ୦୩, ଦକ୍ଷିଣ ଜିଲ୍ଲା
ରୁମ୍ ନଂ- 212, ସାକେତ କୋର୍ଟ, ନୂଆଦିଲ୍ଲୀ

DP/9423/SW/2025 (Court Matter)

**OFFICE OF THE PANCHAYAT SAMITI, BORIGUMMA DISTRICT- KORAPUT** i-226

**NOTICE INVITING TENDER (NIT)**

**E-PROCUREMENT NOTICE NO-05/2025**

Sealed tenders are invited from Registered Contractors from State PWD/ M.I / Irrigation/ Rural works for execution of Building etc. The details information of which are made available in the (www.tendersorissa.gov.in) website and also in Koraput Dist. Website i.e. http://www.koraput.nic.in.

The date and time of apply & receive of tender paper is from 21.07.2025 at 10.00Hrs to 29.07.2025 up to 17.30 Hrs through www.tendersorissa.gov.in website only.

Tender will be opened on 30.07.2025 at 11:00 Hrs onwards in the office of the Panchayat Samiti, Borigumma, Dist- Koraput.

Sd/- Block Development Officer, Borigumma

OIPR-19033/11/0004/2526

Office of the Principal

**SANTHA KABI BHIMA BHOI MAHIMA +3 MAHAVIDYALAYA**

AT/PO-CHAKARKEND VIA-SOHELA, PS/DIST- BARGARH, PIN-768033
e-mail-skbbm3ckd@gmail.com, Mob.No- 8328932842, 7377549302

**Walk-in-Interview**

A walk-in interview will be held on **dated. 02.08.2025 at 10.00am** in the office of the undersigned for the post of lecturers in **ECONOMICS & HISTORY (2nd post).**

Candidates with minimum 55% marks at PG level (M.Phil & Ph.D will be preferable) in respective subjects for lecturers are invited to report themselves with all relevant documents and resume before 10.00am on the stipulated date.

The undersigned reserves the right to cancel the interview without showing any reason thereof.

N.B.: No TA/DA will be paid.

Sd/- Principal
S.K.B.B.M +3 Mahavidyalaya, Chakarkend

**ଦୁଃଖର କାରଣ ନାଗାବଳୀ**

# ଭରାନଈରେ ନ ପଶିଲେ ବିକଳ୍ପ ନାହିଁ

ଲାଞ୍ଜିଗଡ଼, ୧୯ ।୭ (ସମିସ)



**୩ ବର୍ଷ ହେଲା ସରୁନାହିଁ ବ୍ରିଜ୍ ନିର୍ମାଣ କାମ**

ରାଜ୍ୟ ଏବଂ କେନ୍ଦ୍ର ସରକାର ନଦୀକୂଳିଆ ଗାଁଗୁଡିକୁ ସଂଯୋଗ କରିବା ପାଇଁ କୋଟି କୋଟି ଟଙ୍କା ଅନୁଦାନ ଦେଇ ପୋଲ ନିର୍ମାଣ କରୁଛନ୍ତି; ହେଲେ ଦୁର୍ନୀତିଖୋର ଯନ୍ତ୍ରୀ ଓ ଠିକାଦାରମାନଙ୍କ ଅବହେଳା ଯୋଗୁଁ ଏହା ଅଧପନ୍ତରିଆ ଭାବେ ପଡ଼ି ରହିଛି। କେଉଁଠି କାମ ଶୁଭାରମ୍ଭ ହୋଇନି। ସରକାରଙ୍କ କୋଟି କୋଟି ଟଙ୍କା ବ୍ୟୟ ଅଟକଳ ପରେ କେବଳ କାଗଜକଲମରେ ସୀମିତ ରହିଛି। ଏହାଦ୍ୱାରା ନଦୀ ନାଳ ଆରପାରିରେ ଥିବା ଗାଁ ଲୋକେ ବର୍ଷ ବର୍ଷ ଧରି ଦୁର୍ଦ୍ଦଶା ଭୋଗି ଆସୁଛନ୍ତି। ଲଗାଣ ବର୍ଷା ଯୋଗୁଁ ଅସ୍ଥାୟୀ ପୋଲ ଭାଙ୍ଗି ଯିବାରୁ ୪୦ରୁ ଅଧିକ ଗାଁର ପ୍ରାୟ ୫ ହଜାର ପରିବାର ଏବେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। କଳାହାଣ୍ଡି ଓ ରାୟଗଡ଼ା ସୀମାନ୍ତରେ ଥିବା ଦୁର୍ଗମ ସିଲେଟ ପଞ୍ଚାୟତରେ ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି।

ସ୍ୱାଧୀନତାର ୭୮ ବର୍ଷ ପରେ ବି ଆଜି ସୁଦ୍ଧା ଏହି ପଞ୍ଚାୟତରେ ସରକାରଙ୍କ ମାଳ ମାଳ ଯୋଜନା ଫେଲ ମାରିଛି। ନେତା, ମନ୍ତ୍ରୀ ଓ ଅଫିସରଙ୍କ ଗସ୍ତ ସତ୍ତ୍ୱେ ମଧ୍ୟ ଏଠାକାର ଲୋକଙ୍କ ଭାଗ୍ୟ ଓ ଭବିଷ୍ୟତ ବଦଳି ପାରିନାହିଁ। ଏହି ପଞ୍ଚାୟତର ଅଧିକାଂଶ ଗାଁକୁ ପକ୍କା ରାସ୍ତା ନାହିଁ। ଏହାଫଳରେ ଯାତାୟତ କ୍ଷେତ୍ରରେ ପ୍ରମୁଖ ସମସ୍ୟା ଦେଖା ଦେଇଛି। ମାଳତିପଦର ଓ କାନ୍ଦୁଲଗୁଡ଼ା ଗାଁ ମଝିରେ ଥିବା ନାଗାବଳୀ ନଦୀ ଏବେ ଲୋକଙ୍କ ପାଇଁ ବିପଦ ସାଜିଛି। ୨୦୨୩ ମସିହାରେ ଏଠାରେ ଏକ ଉଚ୍ଚ ତମ ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା; ହେଲେ ଏହା ୩ ବର୍ଷ ବିତିଗଲାଣି ନିର୍ମାଣ କାର୍ଯ୍ୟ ଶେଷ ନ ହୋଇ ଅଧପନ୍ତରିଆ ଭାବେ ପଡ଼ି ରହିଛି। ଲୋକଙ୍କ ଯିବା ଆସିବା ପାଇଁ ଏବେ ବିପଦ ସାଜିଛି ନାଗାବଳୀ ନଦୀ। ବେଳେ ବେଳେ ଜୀବନକୁ ବାଜି ଲଗାଇ ଭରାନଈରେ ଲୋକେ ନଦୀ ପାର ହୁଅନ୍ତି। ଏଥିଲାଗି ବିଭିନ୍ନ ସମୟରେ ଏଠାରେ ଲୋକଙ୍କ ଧନଜୀବନ କ୍ଷତି ହୋଇଥିବା ଅଭିଯୋଗ ହେଉଛି। ବର୍ଷା ଦିନେ ନଦୀ ଫୁଲିବା ଯୋଗୁଁ ନଈ ଆରପାରିରେ ଥିବା ଗାଁଗୁଡ଼ିକର ଲୋକେ ଜଳବନ୍ଦୀ ଭିତରେ ରହିଥାନ୍ତି। ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ଏମାନଙ୍କ ପାଇଁ ସାତ ସପନ ପାଲଟିଥାଏ। ରୋଗୀ ଅବା ଗର୍ଭବତୀ ମହିଳା ଠିକ୍ ସମୟରେ ମେଡିକାଲ ପହଞ୍ଚି ନ ପାରି ଅନେକ ଲୋକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହେଉଛି। ସବୁ ଜାଣି ଶୁଣି ବିଭାଗୀୟ ଅଧିକାରୀ ନିରବ। ନାଗାବଳୀ ନଦୀକୁ ନେଇ ଜିଲ୍ଲାର ଥୁଆମୂଳ ରାମପୁର ଓ ଲାଞ୍ଜିଗଡ଼ ବ୍ଲକର ଅଧିକାଂଶ ଗାଁ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ଭୋଗୁଛନ୍ତି। ମାଳତିପଦର, କାନ୍ଦୁଲଗୁଡା, ବିଳାମାଲ, ଖୁଟଖାଳ, ପାଜୀଖାଳ, ଝାଞ୍ଜି, ବଣ୍ଡେଲ, ଦୂରବେଲଗୁଡା, ମାରଗୁମା, ମୁସପାନ, ସରମାଣ୍ଡି, ଦାଣ୍ଡପଦର, ରୁପେନ, ସେମିଖାଲ, ପୁଇଗୁଡ଼ା, ସର୍ଗିଗୁଡା, ଟୁରିସିମେଲ, ସାଇମାସ୍କ, ବାତେରପଡ଼ା ଓ ପାଡିଶାଲ ଭଳି ଗାଁଗୁଡ଼ିକର ଲୋକେ ଦୁର୍ଦ୍ଦଶା ଭୋଗିଥାନ୍ତି। ବିଶେଷ ଭାବରେ ସିଲେଟ ପଞ୍ଚାୟତବାସୀଙ୍କୁ ନାଗାବଳୀ ନଦୀ ବାଧକ ସାଜିଛି। ପିଡିଏସ୍ ଚାଉଳ ଓ ବାର୍ଦ୍ଧକ୍ୟ ଭତ୍ତା ଆଣିବା, ଗୋରୁଗାଈଙ୍କୁ ନଦୀ ପାର କରିବା, ରୋଗୀ ଏବଂ ଗର୍ଭବତୀ ଓ ପ୍ରସୂତିଙ୍କୁ ଡାକ୍ତରଖାନାକୁ ଖଟିଆରେ ବୋହି ନେବା ଭଳି ଦୃଶ୍ୟ ବର୍ଷ ବର୍ଷ ଧରି ନିତିଦିନିଆ ପାଲଟିଛି। ତେବେ ବ୍ରିଜ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ଓ ଯନ୍ତ୍ରୀଙ୍କ ଖାମଖିଆଲି ମନଭାବ ଯୋଗୁଁ ୨୦୨୩ରେ ଆରମ୍ଭ ହୋଇଥିଲେ ସୁଦ୍ଧା ଏବେ ଯାଏଁ ବ୍ରିଜ କାମ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ ଠିକ୍ ଭାବେ ତଦାରଖ କରୁନାହାନ୍ତି। ଏହାଦ୍ୱାରା କାମ ମନ୍ଥର ଗତିରେ ଚାଲିଛି ବୋଲି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି।

**ବଲଙ୍ଗି ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ କୋଠରିରେ ୫ ଶ୍ରେଣୀ**

# ହସ୍ତାନ୍ତର ପୂର୍ବରୁ ଉଡ଼ିଗଲା ଟିଣ

**ଥୁଆମୂଳ ରାମପୁର, ୧୯ ।୭ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ବିରିକୋଟ ପଞ୍ଚାୟତ ବଲଙ୍ଗି ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟ ଅବ୍ୟବସ୍ଥା ଭିତରେ ଚାଲିଛି। ନୂତନ ଗୃହ ହସ୍ତାନ୍ତର ପୂର୍ବରୁ ଟିଣ ଉଡି ଯାଇଛି। ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରାଯାଏ। ୧୯୬୮ରେ ଏହି ବିଦ୍ୟାଳୟ ସ୍ଥାପିତ ହୋଇଛି। ୧୯୯୬ରେ ଜଣେ ବ୍ୟକ୍ତିଙ୍କ ଜାଗାରେ ବୁଝାମଣା ସ୍ୱରୂପ ବିଦ୍ୟାଳୟ କୋଠା ନିର୍ମାଣ ହୋଇଥିଲା। କିଛିବର୍ଷ ହେଲା ତାହା ବିପଦ ସଂକୁଳ ଅବସ୍ଥାରେ ରହିଛି। ଏହାକୁ ଦୃଷ୍ଟିରେ ରଖି ୨୦୧୨ରେ ମାତ୍ର ଗୋଟିଏ ଶ୍ରେଣୀ ବିଶିଷ୍ଟ ଏକ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ କରାଯାଇଥିଲା। ବର୍ତ୍ତମାନ ସେହି କୋଠରିରେ ୫ଟି ଶ୍ରେଣୀର ୩୮ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ୨ ଜଣ ଶିକ୍ଷକ ଅଛନ୍ତି। ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟ ନାହିଁ। ମଧ୍ୟାହ୍ନ ଭୋଜନ ଚାଉଳ ଭଳି ବିଭିନ୍ନ ଆବଶ୍ୟକ ଜିନିଷପତ୍ର ମଧ୍ୟ ରଖିବାକୁ ସ୍ଥାନ ଉପଲବ୍ଧ ନାହିଁ। ଏହାଫଳରେ ସେହି ଗୋଟିଏ କୋଠରୀରେ ହିଁ ଏସବୁ ରଖିବାକୁ ପଡୁଛି। ବର୍ତ୍ତମାନ ଏହି ବିଦ୍ୟାଳୟ କୋଠାଟି ଯେଉଁ ଜମି ମାଲିକଙ୍କ ଜାଗାରେ ରହିଛି ସେ ଖାଲି କରିବାକୁ ସ୍କୁଲକୁ ଚେତାବନୀ ଦେଇଛନ୍ତି। ଏହାକୁ ଆଖି ଆଗରେ ରଖି ଗ୍ରାମର ଏକ ସରକାରୀ ଜାଗାରେ ନୂତନ ବିଦ୍ୟାଳୟ କୋଠା ନିର୍ମାଣ ହେଇସାରିଛି; କିନ୍ତୁ ପ୍ରଶାସନକୁ ହସ୍ତାନ୍ତର କରିବା ପୂର୍ବରୁ ସମସ୍ୟା ସୃଷ୍ଟି ହୋଇଛି। ନିମ୍ନମାନର କାମ ଯୋଗୁଁ ଘରର ଟିଣ ଉଡିଯାଇଛି। ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଏଥିରେ ଛାତ ନ ପଡ଼ି କାହିଁକି ଟିଣ ଢାଙ୍କି ଦିଆଗଲା ବୋଲି ସ୍ଥାନୀୟ ଲୋକଙ୍କ ମନରେ ପ୍ରଶ୍ନ ଉଠୁଛି। ଏ ସମ୍ପର୍କରେ ସମ୍ପୃକ୍ତ ବିଭାଗୀୟ ଯନ୍ତ୍ରୀ ସନ୍ତୋଷଜନକ ଉତ୍ତର ଦେଇ ପାରି ନାହାନ୍ତି। କେବଳ ଏହାର ତୁରନ୍ତ ମରାମତି କରାଯିବ ବୋଲି ଉତ୍ତର ରଖିଥିଲେ। ସେହିଭଳି ବିଡ଼ିଓ ମଧ୍ୟ ଏହି ବିଦ୍ୟାଳୟର ସମସ୍ୟା ଓ ନବନିର୍ମିତ ବିଦ୍ୟାଳୟ କୋଠା ସମ୍ପର୍କରେ ଅବଗତ ନ ଥିବା କହିଛନ୍ତି। ଏହା ପ୍ରଶାସନିକ ଦୁର୍ବଳତା ଓ ଅବହେଳାକୁ ଦର୍ଶାଯାଉଛି।।



## ବିବାହିତା ମହିଳାଙ୍କ ମୃତ୍ୟୁ: ହତ୍ୟା ସନ୍ଦେହ

**କୋକସରା, ୧୯ ।୭ (ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ଥାନା ବଡ଼ପୋଡ଼ାଗୁଡ଼ା ଗ୍ରାମର ରିକିରାମ ପ୍ରଧାନୀଙ୍କ ସ୍ତ୍ରୀ ଉର୍ମିଳା ପ୍ରଧାନୀଙ୍କ ଶନିବାର ମୃତ୍ୟୁ ଘଟିଛି। ୫ବର୍ଷ ତଳେ ରିକିରାମଙ୍କ ସହ ତାରାପୁର ପଞ୍ଚାୟତ ଇଚ୍ଛାପୁର (ଗଞ୍ଜିଆଗୁଡା) ଗ୍ରାମର ରଥେ ପୂଝାରୀଙ୍କ ଝିଅ ଉର୍ମିଳାଙ୍କ ପ୍ରେମ ବିବାହ ହୋଇଥିଲା। ରିକିରାମଙ୍କ କହିବା ଅନୁସାରେ ଉର୍ମିଳା ଗାଧୋଇ ସାରି ଘରକୁ ଆସିବା ପରେ ଅଚାନକ ତଳେ ପଡ଼ିଯାଇଥିଲେ। ରିକିରାମ ଶଶୁର ଘର ଲୋକଙ୍କୁ ଖବର ଦେବା ସହ ଉର୍ମିଳାଙ୍କୁ ଆମ୍ବୁଲାନ୍ସ ଯୋଗେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଉର୍ମିଳାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ଉର୍ମିଳାଙ୍କ ସ୍ୱାସ୍ଥ୍ୟ ଠିକ୍ ଥିବା ଓ କୌଣସି ରୋଗରେ ମଧ୍ୟ ପୀଡିତ ନ ଥିବାରୁ ହଠାତ୍ ଏହି ମୃତ୍ୟୁକୁ ବାପ ଘର ଲୋକେ ସହଜେ ଗ୍ରହଣ କରିପାରୁନାହାନ୍ତି। ସ୍ୱାମୀ ଓ ତାଙ୍କ ଘର ଲୋକେ ହତ୍ୟା କରି ଭିନ୍ନ ରୂପ ଦେଉଥିବା ଉର୍ମିଳାଙ୍କ ବାପା ରଥେ ଆମପାଣି ଥାନାରେ ଅଭିଯୋଗ କରଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ୟବଚ୍ଛେଦ ପରେ ଶବ ହସ୍ତାନ୍ତର କରାଯାଇଛି।



## ବିପୁଳ ମଦ ଜବତ ସହ ଜଣେ ଗିରଫ

**ଶଗଡ଼ା, ୧୯ ।୭ (ସମିସ):** ବୌଦ୍ଧ ଜିଲ୍ଲା ଘଣ୍ଟାପଡ଼ା ଥାନା କାପେଲବେଡା ଗ୍ରାମ ରାସ୍ତା ନିକଟରେ ଦେଶୀ ମଦ ବିକ୍ରି ହେଉଥିବା ବେଳେ କନ୍ଧମାଳ ଅବକାରୀ ବିଭାଗ ଖବର ପାଇ ଚଢ଼ଉ କରିଛି। ଗ୍ରାମର ଜିତେନ୍ଦ୍ର ପୁଟା (୩୦) ନିକଟରୁ ୬ ଲିଟର ମଦ ଜବତ କରି ତାଙ୍କୁ ଗିରଫ କରାଯାଇଛି। ଏ ନେଇ କନ୍ଧମାଳ ଅବକାରୀ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଅଧିକାରୀ ସତ୍ୟନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି।

## ଶାଗୁଆନ କାଠ ଗଣ୍ଡି ସହ ଟ୍ରାକ୍ଟର ଜବତ

**ଧର୍ମଗଡ଼, ୧୯ ।୭ (ସମିସ):** ଧର୍ମଗଡ଼ ବନ ବିଭାଗ ୨୩ ଖଣ୍ଡ ଶାଗୁଆନ କାଠ ଗଣ୍ଡି ଚୋରା ଚାଲାଣ ବେଳେ ଏକ ଟ୍ରାକ୍ଟର ଜବତ କରିଛି। ଗାଡ଼ି ଚାଳକ କିନ୍ତୁ ଫେରାର ହୋଇ ଯାଇଛି। ଜବତ କାଠ ଓ ଟ୍ରାକ୍ଟର ବନ ବିଭାଗ କାର୍ଯ୍ୟାଳୟରେ ରଖାଯାଇଛି। ପାଟ୍ରୋଲିଂ ବେଳେ ବନ ବିଭାଗ ଗୋଡୋମୁଣ୍ଡା-ଥୁଟିବର ରାସ୍ତାରେ ଟ୍ରାକ୍ଟରକୁ ଧରିଥିଲା। ଜବତ କାଠର ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ରେଞ୍ଜର ଭବାନୀ ଶଙ୍କର କାଉର ସୂଚନା ଦେଇଛନ୍ତି। ଫରେଷ୍ଟର ତଥା ସେକ୍ସନ ଇନଚାର୍ଜ ରାଜେନ୍ଦ୍ର ନାଏକ, କୋକିଳ ଭାଟି, କୁନା ପ୍ରଧାନୀ, ସ୍ୱାଧୀନ ଦଣ୍ଡସେନା, ନମିତା ବାଗ ପ୍ରମୁଖ ଏହି ଚଢଉରେ ସାମିଲ ଥିଲେ।

# ଅବଧି ସରିବା ପୂର୍ବରୁ ଉଜୁଡ଼ିଗଲା ରାସ୍ତା



**ପୋଖରୀବନ୍ଧ- କନେର ରାସ୍ତା ପାଲଟିଛି ମରଣଯନ୍ତା**

**ଲାଭ ନେଇ ଠିକାଦାର ଚମ୍ପଟ**

**ଲାଞ୍ଜିଗଡ଼, ୧୯ ।୭ (ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧରୁ ବିଶ୍ୱନାଥପୁରକୁ ସଂଯୋଗ କରୁଥିବା ରାସ୍ତାରେ ମୁକୁନ୍ଦପୁର ଛକ ରହିଛି। ଏହି ରାସ୍ତାର ବାମପଟ ଦେଇ ୩ କି.ମି ଗଲେ ମେଲଘୁଟୁ ଗାଁ ପଡେ। ସେଇଠୁ ଦକ୍ଷିଣ ପଟକୁ ୨ କିମି ଗଲେ କନେର ଗାଁ। ପକ୍କା ଓ ସ୍ଥାୟୀ ସଡ଼କ ଯୋଗାଯୋଗ ନ ଥିବା ଏହି ଗାଁକୁ ଗତ ୫ବର୍ଷ ତଳେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରାଯାଇଥିଲା। ଟେଣ୍ଡର ପାଇଥିବା ଠିକାଦାର ଜଣକ ରାସ୍ତା ବି ତିଆରି କରିଥିଲେ; କିନ୍ତୁ ମନ୍ଥର ଗତିରେ କାମ ସାଙ୍ଗକୁ ଅତି ନିମ୍ନମାନର କାମ କରିବା ଯୋଗୁଁ ରାସ୍ତା ନିର୍ମାଣ ଶେଷ ନ ହେଉଣୁ ରାସ୍ତା ଉଜୁଡିବାକୁ ଲାଗିଲା। ଏପରିକି ୫ବର୍ଷ ଗ୍ୟାରେଣ୍ଟି ଅବଧି ରହିଥିଲେ ହେଁ ଠିକାଦାର ସବୁତକ ଲାଭ ନେଇ ଚମ୍ପଟ ମାରିଲେ ସିନା ଥରୁଟିଏ ବି ରକ୍ଷଣାବେକ୍ଷଣ କିମ୍ବା ମରାମତି ଦାୟିତ୍ୱ ହାତକୁ ନେଲେ ନାହିଁ। ଓଲଟା କାମ ସରିଯିବା ପରେ ରାସ୍ତାକୁ ଭୁଲିଗଲେ। ଏହାଫଳରେ ରାସ୍ତା ସମ୍ପୂର୍ଣ୍ଣ ଭାବେ ଉଜୁଡିଯିବା ସହିତ ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତା ସମସ୍ୟା ସମ୍ପର୍କରେ ଅଞ୍ଚଳବାସୀ ଅଭିଯୋଗ ଶୁଣାଣିରେ ବାରମ୍ବାର ଅଭିଯୋଗ କରି କରି ଥକିଗଲେଣି; କିନ୍ତୁ କୌଣସି ସୁଫଳ ମିଳୁନାହିଁ। ଏବେ ବର୍ଷାଋତୁ ଆସିଥିବାବେଳେ ପୋଖରୀବନ୍ଧ ପଞ୍ଚାୟତର ଇର୍କୁଲି, କରଲାକୁପା, ବିନାୟକପୁର, କନେର, ଇସାରବାରୁ, ମେଲଘୁଟୁ, ପୁଡାଉମେର, ବୁଢ଼ାଉମେର, ଉମେର, ପୋଖରୀ ପଦର, ମୁକୁନ୍ଦପୁର, ବେଢ଼ାଲଖମନ, ଭେଜିପଦର ଆଦି ଗାଁର ପାଞ୍ଚ ହଜାର ଉଜାର ଲୋକେ ନିର୍ଭର କରୁଥିବା ରାସ୍ତା ଯୋଗାଯୋଗ ବଚ୍ଛିନ୍ନ ହେବା ଆଶଙ୍କା ଦେଖା ଦେଇଛି। ଏ ନେଇ ପୋଖରୀବନ୍ଧ ସରପଞ୍ଚ ସସ୍ମିତା ମାଝୀ, ନାଏବ ସରପଞ୍ଚ ପବିତ୍ର ବିଭାର, ବୁଦା ମାଝୀ, ମହେଶ୍ୱର ବେହେରା, ଦେବାର୍ଚ୍ଚନ ବେହେରା, ସଂକୀର୍ତ୍ତନ ବେହେରା, ସାଲେଶ କରୁଆଁ, ଚନ୍ଦ୍ରମଣି ବେହେରା, ଶୁକୁ ମାଝୀ, ତାଡି ମାଝୀଙ୍କ ସମେତ ଅଞ୍ଚଳବାସୀ ତୁରନ୍ତ ରାସ୍ତା ନିର୍ମାଣ କରାଯିବାକୁ ଦାବି କରିଛନ୍ତି। ନ ଚେତ ରାସ୍ତା ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ଭଗବାନ ଗଉଡ଼ଙ୍କୁ ପଚାରିବାରୁ ରାସ୍ତା ନିର୍ମାଣ ଅବଧି ସହ ରକ୍ଷଣାବେକ୍ଷଣ ଓ ମରାମତି ଅବଧି ଗତ ମେ ମାସରେ ଶେଷ ହୋଇଛି। ଏହି ରାସ୍ତା ନିର୍ମାଣ ଓ ମରାମତି ପାଇଁ ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଅନୁଦାନ ମଞ୍ଜୁର ହେଲେ କାମ ହେବ ବୋଲି ସେ କହିଛନ୍ତି।

## ପ୍ରଲୋଭନ ଦେଖାଇ ମହିଳାଙ୍କୁ ଲୁଟ୍



**ସୋନପୁର, ୧୯ ।୭ (ସମିସ):** ସୁବର୍ଣ୍ଣପୁର ଜିଲ୍ଲାରେ ଦଲାଲ ସକ୍ରିୟ ହୋଇ ଉଠିଛନ୍ତି। ଅଭିନବ ଉପାୟରେ ଠକାମି ଚାଲିଛି। ଯେଉଁ ମହିଳାମାନଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଛି ସେହିମାନଙ୍କୁ ହିଁ ଟାର୍ଗେଟ୍ କରାଯାଉଛି। ଜିଲ୍ଲାର ବିଭିନ୍ନ ବ୍ଲକରେ ଲୋକ ନିଯୁକ୍ତ କରି ଏଭଳି ମହିଳାଙ୍କ ତଥ୍ୟ ସଂଗ୍ରହ କରି ଯୋଗାଯୋଗ କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ହାଜର ହେଲେ ଏମାନଙ୍କୁ ୧ଲକ୍ଷ ଟଙ୍କାର ସହାୟତା ରାଶି ମିଳିବ କହି ଠକ ଓ ଦଲାଲମାନେ ଭୁବନେଶ୍ୱର ଯିବା ପାଇଁ କହୁଛନ୍ତି। କାଗଜ ପତ୍ର ପ୍ରସ୍ତୁତ କରାଯିବ କହି ପ୍ରଥମେ ୧୨୦୦ ଟଙ୍କା ଲେଖାଏଁ ଆଦାୟ କରୁଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ହାଜର ହେବା ପାଇଁ ଭୁବନେଶ୍ୱର ଯିବା ପାଇଁ କହୁଛନ୍ତି। ଶତାଧିକ ମହିଳା ଏହି ଠକାମିର ଶିକାର ହେଲେଣି। ଏବେ ଏହି ଠକମାନେ ଏତେ ସକ୍ରିୟ ହୋଇ ଯାଉଛନ୍ତି ଯେ ପ୍ରତ୍ୟେକ ପଞ୍ଚାୟତ, ଗାଁକୁ ଯାଇ ଏହିଭଳି ମହିଳାଙ୍କୁ ଖୋଜି ଖୋଜି ଯୋଗାଯୋଗ କରୁଛନ୍ତି। ଏହାଦ୍ୱାରା ଲକ୍ଷ ଲକ୍ଷ ଟଙ୍କା ସଂଗ୍ରହ କରୁଛନ୍ତି। ତେବେ ଏହା ସମ୍ପୂର୍ଣ୍ଣ ମିଥ୍ୟା ଖବର। ଏଭଳି ମିଥ୍ୟା ପ୍ରଲୋଭନର ଶିକାର ନ ହେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ବିଦ୍ୟୁତ୍ ଆଘାତରେ ଅଙ୍ଗନବାଡି କର୍ମୀ ଗୁରୁତର

**ଜୁନାଗଡ଼, ୧୯ ।୭ (ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ବୋଦେଲ ଗ୍ରାମର ଅଙ୍ଗନବାଡି କର୍ମୀ ପଦ୍ମାଶିନି ଶବର ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଛନ୍ତି। ଶନିବାର ସେ ସେ ହାତୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ଭୀଷଣ ବର୍ଷା ହେଉଥିବାରୁ ଛତା ଧରିଥିଲେ। ଏହି ସମୟରେ ଓହଳି ଥିବା ବିଦ୍ୟୁତ୍ ତାର ସେ ଧରିଥିବା ଛତାଟି ଲାଗିଯାଇଥିଲା। ଏହାଫଳରେ ସେ ତଳେ ପଡ଼ି ଯାଇ ଥିଲ। ପରିବାରଲୋକେ ଖବର ପାଇ ତୁରନ୍ତ ତାଙ୍କୁ ଜୁନାଗଡ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।



**ସାହଜଟ ସେବାଶ୍ରମ ଛାତ୍ର ମୃତ୍ୟୁ ଘଟଣା**

## ପ୍ରଧାନ ଶିକ୍ଷକ, ଶିକ୍ଷକ ନିଲମ୍ବିତ; ରୋଷେୟା, ସୁପରିଣ୍ଟେଣ୍ଡେଣ୍ଟଙ୍କୁ ବଦଳି

**ନୂଆପଡ଼ା, ୧୯ ।୭ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ଥାନା ସାହାଜଟ ସେବାଶ୍ରମ ବିଦ୍ୟାଳୟ ହଷ୍ଟେଲରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟଣାକୁ ପ୍ରଶାସନ ଗୁରୁତର ସହ ଗ୍ରହଣ କରିଛି। ଜିଲ୍ଲାପାଳ ମଧୁସୂଦନ ଦାଶ ଏହି ଘଟଣାରେ ପ୍ରଧାନ ଶିକ୍ଷକ ହରଦେବ ହଂସ, ସହକାରୀ ଶିକ୍ଷକ ଜଗଦୀଶ ନାଗଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ସେହିଭଳି ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଲୋଚନ ଶବରଙ୍କ ସହ ଦାୟିତ୍ୱରେ ଥିବା ଆଟେଣ୍ଡାଣ୍ଟ ପରମେଶ୍ୱର ମାଝିଙ୍କୁ ଧରମବନ୍ଧା ସେବାଶ୍ରମକୁ ବଦଳି କରାଯାଇଛି। ଏହାକୁ ନେଇ ଏସଡ଼ିପିଓ ସ୍ୱାଧୀନ ମିଶ୍ରଙ୍କୁ ପଚାରିବାରୁ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିନାହିଁ। ତଦନ୍ତ ଚାଲିଛି। ମୃତ୍ୟୁ କାରଣ ଖୋଜି ଅଭିଯୁକ୍ତଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି କହିଛନ୍ତି।

# ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଗଳୁଛି ପାଣି



**ପଲିଥିନ ଟାଣି ଚାଲିଛି ଅଫିସ କାମ**

**ଲାଞ୍ଜିଗଡ଼, ୧୯ ।୭ (ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପାଣି ଗଳୁଛି। ପାଣି ପଡ଼ିବା ଫଳରେ କମ୍ପ୍ୟୁଟର, ସରକାରୀ କାଗଜପତ୍ର ପାଣିରେ ଭିଜି ନଷ୍ଟ ହେଉଛି। କର୍ମଚାରୀମାନେ କମ୍ପ୍ୟୁଟରକୁ ଘୋଡ଼ଇ ରଖି କାମ କରୁଛନ୍ତି। ବହୁବର୍ଷ ହେବ ଏହି କାର୍ଯ୍ୟାଳୟ ମରାମତି ହୋଇ ନ ଥିବାରୁ ପାଣି ଗଳୁଥିବା ଅଭିଯୋଗ ହୋଇଛି। ଏହା ଏବେ ଏକ ପରିତ୍ୟକ୍ତ ଗୃହ ପରି ଲାଗୁଛି। ଏହା ଫଳରେ ଏହାର ଛାତ ଉପରେ ପଲିଥିନ ଟାଣି କର୍ମଚାରୀ କାମ କରୁଛନ୍ତି। ଏହା ସତ୍ତ୍ୱେ କେତେକ ସ୍ଥାନରେ ପାଣି ଝରୁଛି। ଏଭଳି ଅବସ୍ଥାରେ ବର୍ଷାଦିନେ କାମ କରିବାରେ କର୍ମଚାରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେହି ଅଫିସକୁ କିଛି କାମରେ ଆସିଲେ ଛିଡ଼ା ମଧ୍ୟ ହୋଇପାରୁ ନାହାନ୍ତି। କାର୍ଯ୍ୟାଳୟର ଏଭଳି ଅବସ୍ଥାକୁ ନେଇ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ବର୍ଷାରେ ଘର ଭାଙ୍ଗିଗଲା, ପରିବାର ବେସାହାରା

**ଶଗଡ଼ା, ୧୯ ।୭ (ସମିସ):** ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକର କେତେକ ସ୍ଥାନରେ ଗତ କିଛିଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷାରେ ଅନେକ ଲୋକଙ୍କ ଘର ଭାଙ୍ଗିଥିବା ଅଭିଯୋଗ ହୋଇଛି। ସରକାର ଗରିବ ଲୋକଙ୍କୁ ପକ୍କା ଘର ପ୍ରଦାନ କରିବା ପାଇଁ ଅନେକ ଯୋଜନା କରିଛନ୍ତି; ହେଲେ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତାର ଅଭାବ ଯୋଗୁଁ ଯୋଜନାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚି ପାରୁନି। ଗରିବ ଲୋକେ ପକ୍କା ଘର ସୁବିଧାରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳିଛି। କନ୍ଧମାଳ ବ୍ଲକ ଦପଲା ପଞ୍ଚାୟତ ଶିମିଳି କଟା ଗ୍ରାମର ରୂପବନ୍ତ ଛନ୍ଦଙ୍କ କ୍ଷେତ୍ରରେ ଏହା ଘଟିଛି। ତାଙ୍କ ପୁରୁଣା ଘରଟି ବର୍ଶା ଯୋଗୁଁ ଭାଙ୍ଗିଥିବା ନେଇ ଅଭିଯୋଗ ହୋଇଛି। ୧୦ବର୍ଷ ପୂର୍ବେ ସେ ଏହି ଘରଟି ବହୁ ପରିଶ୍ରମରେ ତିଆରି କରିଥିଲେ। ଘଟଣା ଦିନ ପୂରା ପରିବାର ଡାକ୍ତରଖାନା ଯାଇଥିବା ସମୟରେ ଘରଟି ଭାଙ୍ଗି ଯାଇଥିଲା। ଏଣୁ କାହାରି କିଛି କ୍ଷତି ହୋଇନାହିଁ। ଘର ଭାଙ୍ଗିବା ଯୋଗୁଁ ତାଙ୍କର ଆସବାବପତ୍ର ନଷ୍ଟ ହୋଇଯାଇଛି।



**ସକାଳ ପ୍ରଭାବ**

**ଲିମସେର ଗାଁରେ ଚଢ଼ା ଦରରେ ସାର ବିକ୍ରି ଘଟଣା**

# କୃଷି ବିଭାଗର ନିଦ ଭାଙ୍ଗିଲା; ସାର ବ୍ୟବସାୟୀ ଛାନିଆ

ଧର୍ମଗଡ଼, ୧୯ ।୭ (ସମିସ)



**କାଗଜପତ୍ର ଯାଞ୍ଚ, ଅଭିଯୋଗକାରୀଙ୍କ ସହ ସିଧାସଳଖ ଆଲୋଚନା**

**ଦୋକାନୀମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଦେଇ ତାଗିଦ**

**ଚଢ଼ା ଦରରେ ବିକ୍ରି ଅଭିଯୋଗ ହେଲେ ଲାଇସେନ୍ସ ବାତିଲ ଚେତାବନୀ**

କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଲିମସେର ଗ୍ରାମରେ ଚଢ଼ା ଦରରେ ସାର ବିକ୍ରି ନେଇ 'ସକାଳ'ରେ ଖବର ପ୍ରକାଶ ପରେ କୃଷି ବିଭାଗର ନିଦ ଭାଙ୍ଗିଛି। ଏହି ଖବର ସାର ବ୍ୟବସାୟୀଙ୍କୁ ଛାନିଆ କରିଛି। ଏହି ଖବରକୁ ଆଧାର କରି କୃଷି ବିଭାଗ ତତ୍ପରତା ଦେଖାଇଛି। ଶନିବାର ବିଭାଗୀୟ ଅଧିକାରୀ ସାର ଦୋକାନ ଗୁଡିକରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଲିମସେର ଗ୍ରାମରେ ୩ଟି ସାର ଦୋକାନ ମାଲିକ ଚାଷୀଙ୍କଠାରୁ ଲୁଟୁଛନ୍ତି। ଡିଏପି ସାର ୧୨୫୦ଟଙ୍କା ସରକାରୀ ଦର ରହିଥିବା ବେଳେ ୧୫୦୦ରୁ ୧୫୫୦ଟଙ୍କାରେ ଚାଷୀଙ୍କୁ ବିକ୍ରି କରୁଥିବା କୃଷି ବିଭାଗ ପ୍ରମାଣ ପାଇଛି। କୃଷି ଜିଲ୍ଲା ଅଧିକାରୀ ସଞ୍ଜୟ ପାତ୍ର, ଗୋଲାମୁଣ୍ଡା ବ୍ଲକ କୃଷି ଅଧିକାରୀ ନୈାକେଶ୍ୱର ନାଗ, ସହକାରୀ ବ୍ଲକ କୃଷି ଅଧିକାରୀ ଗୁଣାକର ନାଏକ, ଅର୍ଦ୍ଧେନ୍ଦୁ ଶେଖର ନାଏକ ପ୍ରମୁଖ ଏହି ଗାଁରେ ପହଞ୍ଚି ଦୋକାନ ଗୁଡ଼ିକର କାଗଜପତ୍ର ଯାଞ୍ଚ କରିଥିଲେ। ଅଭିଯୋଗକାରୀଙ୍କ ସହ ସିଧାସଳଖ ଆଲୋଚନା କରି ଦୋକାନୀମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଦେଇ ତାଗିଦ କରିଥିଲେ। ଚଢ଼ା ଦରରେ ବିକ୍ରି ଅଭିଯୋଗ ହେଲେ ଲାଇସେନ୍ସ ବାତିଲ କରାଯିବ ବୋଲି ଗୋଲାମୁଣ୍ଡା ବ୍ଲକ କୃଷି ଅଧିକାରୀ ନୈାକେଶ୍ୱର ନାଗ ସୂଚନା ଦେଇଛନ୍ତି।

## ଗଞ୍ଜେଇ ଜବତ ଘଟଣାରେ ୩ ଗିରଫ



ସୋନପୁର, ୧୯ ।୭ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ତରଭା ଥାନା ଅଧୀନ ରାଣିସର୍ଡା ଛକରୁ ଗଞ୍ଜେଇ ଜବତ ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ ଝାରତରଭା ଗାଁର ରମାକାନ୍ତ ନାଏକ, ସୁଜିତ୍ ନାଏକ ଓ ଜୟଦ୍ରଥ ଦଳବେହେରା। ଶୁକ୍ରବାର ତରଭା ଥାନା ପୁଲିସ ସୁବର୍ଣ୍ଣପୁର-ବୁର୍ଡା ରାସ୍ତାର ରାଣିସର୍ଡ଼ା ଛକ ନିକଟରେ ଏକ ପିକ୍‌ଅପ୍‌ରୁ ୯ କୁଇଣ୍ଟାଲ ୩୫ କେଜି ଗଞ୍ଜେଇ ଜବତ କରିଥିଲା। ଏହି ଘଟଣାର ତଦନ୍ତ କରି ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ତେବେ ଘଟଣାରେ ଆହୁରି ଅଭିଯୁକ୍ତ ଥିବା ପୁଲିସ ସୂଚନା ଦେଇଛି। ସେମାନଙ୍କୁ ମଧ୍ୟ ବହୁତ ଶୀଘ୍ର ଧରାଯିବ ବୋଲି ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ନାରାୟଣ ନାଏକ କହିଛନ୍ତି।

## ମେଣ୍ଢିମାଳ ସେବାଶ୍ରମ ଉଚ୍ଚ ବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠିତ

ବୌଦ୍ଧ, ୧୯ ।୭ (ସମିସ): ବୌଦ୍ଧ ବ୍ଲକ ବଘିଆପଡ଼ା ପଞ୍ଚାୟତ ମେଣ୍ଢିମାଳ ସେବାଶ୍ରମ ଉଚ୍ଚ ବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରାଯାଇଛି। ପ୍ରଧାନଶିକ୍ଷକ ସନ୍ତୋଷ ସାହୁଙ୍କ ସଭାପତିତ୍ୱରେ ଏହା ଗଠିତ ହୋଇଛି। ବିଜ୍ଞାନ ଶିକ୍ଷୟିତ୍ରୀ ସୁବାସିନୀ ସାହୁ କମିଟିର ଅଧ୍ୟକ୍ଷ ରହିଛନ୍ତି। ମେଟ୍ରନ ଦୁର୍ଲଭି ସାହୁ ପଛୁଆ ବର୍ଗ ସଦସ୍ୟା ଭାବେ କାର୍ଯ୍ୟ କରିବେ। ସସ୍ମିତା ପ୍ରଧାନ ଅଣ ସରକାରୀ ସଙ୍ଗଠନ ସଦସ୍ୟ ରହିଛନ୍ତି। ସୁଶ୍ରୀ ସ୍ମୃତିସ୍ମିତା ପ୍ରଧାନ, ସୁଶ୍ରୀ ସୋନିଆ ମହାକୁଳ ଓ ବଲ୍ଲଭି ପ୍ରଧାନଙ୍କୁ କମିଟି ସଭ୍ୟା ରୂପେ ଚୟନ କରାଯାଇଛି। ଏହାସହ ସଭ୍ୟ ଭାବେ ପ୍ରଧାନ ଶିକ୍ଷକ ସନ୍ତୋଷ ସାହୁ, ହିନ୍ଦୀ ଶିକ୍ଷକ ନାରାୟଣ ସେଠୀ, ଓଡ଼ିଆ ଶିକ୍ଷକ ସରୋଜ ମହାକୁଡ଼, କ୍ରୀଡ଼ା ଶିକ୍ଷକ ସରୋଜ ସ୍ୱାଇଁଙ୍କୁ ମଧ୍ୟ ମନୋନୀତ କରାଯାଇଛି। ମାର୍ଗଦର୍ଶିକା ପତ୍ର ଅନୁଯାୟୀ ପ୍ରତି ସପ୍ତାହରେ ଆଭ୍ୟନ୍ତରୀଣ କମିଟିର ବୈଠକ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଶେଷରେ ଇଂରାଜୀ ଶିକ୍ଷକ ସନତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ନାରାୟଣନଗର କ୍ଲଷ୍ଟରସ୍ତରୀୟ ମାସିକ ବୈଠକ




ବୌଦ୍ଧ, ୧୯ ।୭ (ସମିସ): ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨୦୨୫-୨୬ ଶିକ୍ଷା ବର୍ଷର ପ୍ରଥମ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନାରାୟଣନଗର ସିଆରସିସି ସନ୍ତୋଷ ଶତପଥୀ ଅଧ୍ୟକ୍ଷତା କରିଥିଲେ। ଜଗତି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବେନ୍ଦ୍ର ଦେହୁରୀ, ଗୁଡ଼ିଆଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାମୋଦର ବହିଦାର, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନନ୍ତୀ ଭୋଇ ଯୋଗଦେଇ ଶିଶୁ ବାଟିକା, ଶିକ୍ଷକ ସହାୟକ ପୁସ୍ତିକା, ଜୁଲାଇ ମାସର ଶୈକ୍ଷିକ କ୍ୟାଲେଣ୍ଡର, ବହୁ ଶ୍ରେଣୀ ପରିଚାଳନା, ବିଦ୍ୟାଳୟ ବିକାଶ ଯୋଜନା, ବିଦ୍ୟାଳୟ ସୁରକ୍ଷା ଓ ନିରାପତ୍ତା ବିଷୟରେ ଆଲୋଚନା କରିଥିଲେ। ବୈଠକରେ କ୍ଲଷ୍ଟର ୧୦ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସମେତ ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

## ଶିକ୍ଷକଙ୍କ ପ୍ରଥମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ



ପଲଶାଗୋରା, ୧୯ ।୭ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା କ୍ଲଷ୍ଟରସ୍ତରୀୟ ପ୍ରଧାନ ଶିକ୍ଷକଙ୍କ ମାସିକ ବୈଠକ ବାଘମୁଣ୍ଡା ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏବିଇଓ ନୀଳମଣି ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥବଲେ। ସମ୍ମାନୀତ ଅତିଥି ଭାବେ ସିଆରସିସି ହୃଦାନନ୍ଦ ଦନ୍ତା, ଆର୍‌ପି ବିଶ୍ୱନାଥ ସାହୁ ଯୋଗ ଦେଇଥିଲେ। ଶିକ୍ଷକ ଅଜିତ ଗିରି ସଭାକାର୍ଯ୍ୟ ପରିଚାଳନା କରିଥିଲେ।

### ବୌଦ୍ଧ ଜିଲ୍ଲା ପରିଷଦ ବୈଠକ

# ସଫଳତା ବଖାଣିଲେ ଅଧିକାରୀ; ଶୁଣିଲେ ଜନପ୍ରତିନିଧି

ବୌଦ୍ଧ, ୧୯ ।୭ (ସମିସ)

ସ୍ଥାନୀୟ ପଞ୍ଚାୟତ ଭବନ ସମ୍ମିଳନୀ କକ୍ଷଠାରେ ବୌଦ୍ଧ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଷଦର ଅଧ୍ୟକ୍ଷା ପ୍ରଭାସିନୀ ଦାସ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନର ଅଧିକାରୀଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ମଧ୍ୟ ସେମାନଙ୍କ ବିଭାଗର ଗୋଟି ଗୋଟି କରି ସଫଳତା ବଖାଣିଥିଲେ। ଏଥିରେ କେତେ ସତ ଆଉ କେତେ ମିଛ ତାହା ଭିନ୍ନ କଥା; କିନ୍ତୁ ଜନ ପ୍ରତିନିଧିମାନେ ଏହାକୁ ଶୁଣି ଚାଲିଥିଲେ।

ବୈଠକର ବିବରଣୀ ଅନୁସାରେ ମନରେଗା ଯୋଜନାରେ ଜିଲ୍ଲା ପାଇଁ ୧୭, ୫୦, ୦୦୦ ଶ୍ରମ ଦିବସ ଅଟଳଳ ଧାର୍ଯ୍ୟ ଲକ୍ଷ୍ୟ ରଖାଯାଇଥିବାବେଳେ ଅଦ୍ୟାବଧି ୮, ୩୯, ୭୭୫ଟି ଶ୍ରମଦିବସ ସୃଷ୍ଟି କରାଯାଇଛି। ସେଥିମଧ୍ୟରୁ ବୌଦ୍ଧ ବ୍ଲକରେ ୪୮, ହରଭଙ୍ଗା ବ୍ଲକରେ ୧୦ ଓ କଣ୍ଟାମାଳ ବ୍ଲକରେ ୨୯ଟି ୧୦୦ ଦିନ ଶ୍ରମ ଦିବସ ସୃଷ୍ଟି କରାଯାଇପାରିଛି। ଏଥିପାଇଁ ୮୪, ୪୦, ୨୫, ୦୦୦ ଅର୍ଥ ଖର୍ଚ୍ଚ କରାଯିବାକୁ ଲକ୍ଷ ଧାର୍ଯ୍ୟ କରାଯାଇଥିବାବେଳେ ଅଦ୍ୟାବଧି ୨୫୪୯, ୭୧ ଲକ୍ଷ ଖର୍ଚ୍ଚ କରାଯାଇଛି। ଜଙ୍ଗଲ ବିଭାଗକୁ ୯୦ଟି ପ୍ରକଳ୍ପ ପାଇଁ ୧୫, ୯୭, ୩୯, ୧୫୭ ଟଙ୍କା ଅନୁଦାନ ଦିଆଯାଇଥିବାବେଳେ ସେଥିମଧ୍ୟରୁ ପାରିଶ୍ରମିକ ବାବଦକୁ ୯, ୬୩, ୨୦, ୮୦୨ ଟଙ୍କା ଓ ଜିନିଷ ବାବଦକୁ ୨, ୨୯, ୫୦, ୭୫୪ ଟଙ୍କା ପ୍ରଦାନ କରାଯାଇଛି। ଉଦ୍ୟାନ କୃଷି ବିଭାଗକୁ ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ ୬୨୭ଟି ପ୍ରକଳ୍ପ ପାଇଁ ୭, ୪୯, ୩୧, ୫୬୦ ଟଙ୍କା ଅନୁମୋଦନ କରାଯାଇଛି। ସେଥିମଧ୍ୟରୁ ପାଣିଶ୍ରମିକ ବାବଦକୁ ୫, ୧୯, ୮୦, ୮୦୬ ଟଙ୍କା ଓ ଜିନିଷ ବାବଦକୁ ୨, ୨୯, ୫୦, ୭୫୪ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି। ସେହିପରି କୃଷି ବିଭାଗକୁ ୮୪ଟି ପ୍ରକଳ୍ପ ପାଇଁ ୯୯.୧ ଲକ୍ଷ ଟଙ୍କା ଅନୁମୋଦ ନରାଯାଇଛି। ସେଥିମଧ୍ୟରୁ ଅଣଲୁଶଳୀ ୬୭, ୩୮, ୩୬୬ ଟଙ୍କା ଓ ମ୍ୟାଟେରିଆଲ ପାଇଁ ୩୧, ୩୧, ୬୩୪ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି। ସେଚାଞ୍ଚଳ ଉନ୍ନୟନ ବିଭାଗକୁ ୩୯ଟି ପ୍ରକଳ୍ପ ପାଇଁ ୨, ୯୭, ୯୯, ୭୩୦ ଟଙ୍କା ଅନୁମୋଦନ କରାଯାଇଥିବାବେଳେ ସେଥିମଧ୍ୟରୁ ପାରିଶ୍ରମିକ ବାବଦକୁ ୧, ୭୭, ୨୮, ୮୯୩ ଟଙ୍କା ଓ ମ୍ୟାଟେରିଆଲ ବାବଦକୁ ୧, ୧୦, ୭୦, ୮୩୭ ଟଙ୍କା ଖର୍ଚ୍ଚ ପାଇଁ ଅନୁମୋଦନ କରାଯାଇଛି। ବୈଠକରେ ଦିଆଯାଇଥିବା ସୂଚନା ମୁତାବକ ଚଳିତ ଆର୍ଥିକ ବର୍ଷରେ ବୌଦ୍ଧ ଜିଲା ପାଇଁ ୧୭, ୫୦, ୦୦୦ ଶ୍ରମ ଦିବସ ସୃଷ୍ଟି କରିବାକୁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିବାବେଳେ ଅଦ୍ୟାବଧି ୮, ୩୯, ୭୭୫ଟି ଶ୍ରମ ଦିବସ ସୃଷ୍ଟି କରି ବୌଦ୍ଧ ଜିଲ୍ଲା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ସେହିପରି ଶ୍ରମିକମାନଙ୍କୁ ଠିକ୍ ସମୟରେ ପାରିଶ୍ରମିକ ଦେବାରେ ବୌଦ୍ଧ ଜିଲ୍ଲା ୯୯.୯୩ଧ ଲକ୍ଷ ହାସଲ କରି ରାଜ୍ୟରେ ଚତୁର୍ଥ ସ୍ଥାନରେ ରହିଛି। ସରକାରଙ୍କ ନୂତନ ନିୟମ ଅନୁଯାୟୀ କୌଣସି କାର୍ଯ୍ୟରେ ୩୦ କିମ୍ବା ତଦୁର୍ଦ୍ଧ ଶ୍ରମିକ ନିୟୋଜିତ ହେଲେ ତାହା ପ୍ରତିଦିନ ଦୁଇଥର ଉପସ୍ଥାନ ଦିଆଯିବାକୁ ନିର୍ଦ୍ଦେଶ ରହିଛି। ଏହି କ୍ଷେତ୍ରରେ ବୌଦ୍ଧ ଜିଲ୍ଲା ୯୮.୨୦ଧ ଲକ୍ଷ୍ୟ ହାସଲ କରି ରାଜ୍ୟରେ ଚତୁର୍ଥ ସ୍ଥାନରେ ରହିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଜିଲ୍ଲାକୁ ୯୨୭୯ଟି ଗୃହ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ସେଥିମଧ୍ୟରୁ ୮୮୯୮ଟି ଗୃହ ସମ୍ପୂର୍ଣ୍ଣ ହୋଇଛି। ଅନ୍ତ୍ୟୋଦୟ ଗୃହ ଯୋଜନାରେ ୨୦୨୪-୨୫ରେ ଜିଲ୍ଲାକୁ ୨୨୧ଟି ଗୃହ ନିର୍ମାଣ ଲକ୍ଷ ଧାର୍ଯ୍ୟ କରାଯାଇ ବଣ୍ଟନ କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୧୩୦୮ଟି ଗୃହ ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୨୨୬ଟି ଗୃହ ବଣ୍ଟନ କରାଯାଇଛି। ଚଳିତବର୍ଷ ଜିଲ୍ଲାକୁ ୧୫ଶ କେନ୍ଦ୍ରୀୟ ଅର୍ଥ କମିଶନ ଅନୁଦାନ ବାବଦକୁ ୭୦୭୩୮୮୪.୦୦ ଟଙ୍କା ମିଳିଥିବାବେଳେ ଏହି ଅର୍ଥ ମଧ୍ୟରୁ ଶତକଡା ୬୦ ଭାଗ ଅର୍ଥ ପାନୀୟଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା ନିମନ୍ତେ ଖର୍ଚ୍ଚ କରାଯିବ। ୫ଶ ରାଜ୍ୟ ଅର୍ଥ କମିଶନ ଅନୁଦାନ ବାବଦକୁ ଜିଲ୍ଲାକୁ ୮୭୪୨୯୯୩.୦୦ ଟଙ୍କା ଅନୁଦାନ ମିଳିଛି। ଏହି ଅର୍ଥ ମଧ୍ୟରୁ ଶତକଡା ୫୦ ଭାଗ ଅର୍ଥ ପାନୀୟଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା ନିମନ୍ତେ ଖର୍ଚ୍ଚ କରାଯିବ। ଓଡ଼ିଶା ଜିବିକା ମିଶନ କାର୍ଯ୍ୟକ୍ରମ ପରିପ୍ରେକ୍ଷିରେ ବୌଦ୍ଧ ଜିଲ୍ଲାର ସମସ୍ତ ବ୍ଲକକୁ ସଘନ ବ୍ଲକ ଭାବରେ ନିଆଯାଇଛି। ବିଗତବର୍ଷ ଜିଲ୍ଲାର ୩୭ଟି ପଞ୍ଚାୟତର ୭୪୯ଟି ସ୍ୱୟଂସହାୟକ ଦଳକୁ ୮, ୨୨, ୬୦, ୦୦୦.୦୦ ଟଙ୍କାର ଗୋଷ୍ଠୀ ବିନିଯୋଗ ପାଣ୍ଠି ଯୋଗାଇ ଦିଆଯାଇଛି। ଚଳିତବର୍ଷ ଅଦ୍ୟାବଧି ୬୦୧ଟି ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ବ୍ୟାଙ୍କ ସଂଯୋଗୀକରଣ ଜରିଆରେ ୨୮, ୪୮, ୪୬, ୦୦୦.୦୦ ଟଙ୍କାର ବ୍ୟାଙ୍କ ଋଣ ଯୋଗାଇଦିଆଯାଇଛି। ଏହାବ୍ୟତୀତ ବୈଠକରେ ଜିଲ୍ଲାର ଜଳସେଚନ, ରାସ୍ତାସଂଯୋଗୀକରଣ, ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରାଣୀସମ୍ପଦ, ମହିଳା ଓ ଶିଶୁ କଲ୍ୟାଣ, ଖ୍ୟାଦ୍ୟ ଯୋଗାଣ, ସମବାୟ ଓ ହସ୍ତତନ୍ତ ସମେତ ବିଭିନ୍ନ ବିଭାଗ ପକ୍ଷରୁ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ବୈଠକରେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, କଣ୍ଟାମାଳ ବିଧାୟକ କହ୍ନେଇଚରଣ ଡାଙ୍ଗ, ଜିଲାପାଳ ସୁବ୍ରତ ପଣ୍ଡାଙ୍କ ସମେତ ସମସ୍ତ ଜିଲ୍ଲା ପରିଷତ ସଭ୍ୟ ସଭ୍ୟା, ସମସ୍ତ ବ୍ଲକ ଅଧ୍ୟକ୍ଷ, ଅଧ୍ୟକ୍ଷା ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସଭା ଆରମ୍ଭରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବୈଠକ ଶେଷରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ମନୋରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳଙ୍କ ବିଭିନ୍ନ ଭୋଟଦାନ କେନ୍ଦ୍ର ପରିଦର୍ଶନ

ବୌଦ୍ଧ, ୧୯ ।୭ (ସମିସ): ବୌଦ୍ଧ ନିର୍ବାଚନ ମଣ୍ଡଳୀର ବିଭିନ୍ନ ବୁଥଗୁଡିକକୁ ଦୁଇ ପ୍ରଶାସନିକ ଅଧିକାରୀ ପରିଦର୍ଶନ କରିଛନ୍ତି। ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ଏବଂ ବୌଦ୍ଧ ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫସର ପ୍ରବୀଣ ବାଣୁଆ ଏହି ପରିଦର୍ଶନ କରିଛନ୍ତି। ଦୁଇ ଅଧିକାରୀ ବୌଦ୍ଧ ଏନଏସି ଅଧୀନ ମାଳୀସକ୍ଷହି, ବାପୁଜୀ ନଗର, ମାଉଲସିଂଘା, ହରଭଙ୍ଗା ବ୍ଲକ ଅଧୀନ ରଇଠାଣୀ, ଲଣ୍ଡିବନ୍ଧ, ବଡ ବାଗବର ଏବଂ ବୌଦ୍ଧ ବ୍ଲକ ଅଧୀନ ଟୁଟୁସିଙ୍ଗା ବୁଥ୍ ପରିଦର୍ଶନ କରିଛନ୍ତି।



## ମହିଳା ଯୌନ ଶୋଷଣ ନିରାକରଣ ସଚେତନତା ବୈଠକ

ବୌଦ୍ଧ, ୧୯ ।୭ (ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ




କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କୁ ଯୌନ ଶୋଷଣ ନିରାକରଣ ସଚେତନତା କାର୍ଯ୍ୟକ୍ରମ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୁବ୍ରତ ପଣ୍ଡା ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟ କ୍ଷେତ୍ରରେ ମହିଳାଙ୍କୁ ଯୌନ ଶୋଷଣ ନିରାକରଣ, ନିଷେଧ ଓ ସମାଧାନ ଆଇନ୍-୨୦୧୩ ସମ୍ପର୍କରେ ସଚେତନ କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ପ୍ରବୀଣ ବାଣୁଆ, ଜିଲ୍ଲା ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ପ୍ରଦୀପ ଗୁରୁ, ଏସଡିପିଓ ଆନନ୍ଦ ଚନ୍ଦ୍ର ଡୁଙ୍ଗଡୁଙ୍ଗ, ଅବକାରୀ ଅଧିକ୍ଷକ ଶାନ୍ତି ମକ୍ଷରାଣ୍ଡିଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟାଳୟରେ ଏ ସମ୍ପର୍କିତ ଆଭ୍ୟନ୍ତରୀଣ କମିଟି ସନ୍ଧ୍ୟା ସୁଦ୍ଧା ଯୁଦ୍ଧକାଳୀନ ଭିତ୍ତିରେ ଗଠନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଭ୍ୟନ୍ତରୀଣ କମିଟିର ବୈଠକ ପ୍ରତି ମାସରେ ବସିବ। ପୋର୍ଟାଲରେ ସମସ୍ତ ଅଭିଯୋଗ ପଞ୍ଜିକୃତ ହେବ। ବିଦ୍ୟାଳୟ, ମହାବିଦ୍ୟାଳୟରେ ଅଭିଯୋଗ ବାକ୍ସ ରହିବ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ଆବାସିକ ବିଦ୍ୟାଳୟକୁ ମଧ୍ୟ ଅଧିକାରୀମାନେ ବାରମ୍ବାର ପରିଦର୍ଶନ କରିବାକୁ ଯିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କନକଲତା ନାୟକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।

**ବିନିକା:** ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟର ଘଟଣା ପରେ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରୁ ଉଠିଛି। ସ୍କୁଲ, କଲେଜ ଛାତ୍ରୀ ଓ ଶିକ୍ଷାଦାନ କରୁଥିବା ମହିଳାମାନଙ୍କ ସୁରକ୍ଷା ନେଇ କଡାକଡି ନିୟମ ପାଳନ କରିଛନ୍ତି। ଏହି ଅବସରରେ ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜରେ ମଧ୍ୟ କମିଟି ଗଠନ ହୋଇଛି। ଅଧ୍ୟକ୍ଷ ଡ ଧୀରେନ୍ଦ୍ର ନାୟକଙ୍କ ସଭପତିତ୍ୱରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



## ଶ୍ରୀଅରବିନ୍ଦ ପାଠଚକ୍ର କର୍ମୀ ସମ୍ମିଳନୀ

ବୌଦ୍ଧ, ୧୯ ।୭ (ସମିସ): ବୌଦ୍ଧ ଜିଲ୍ଲା ସଦର ବ୍ଲକ ମୃଷୁଣ୍ଡୀ ପଞ୍ଚାୟତ ଟୁଟୁସିଙ୍ଗା (ଗମ୍ଭାରିପଦର) ମୀରାଶ୍ରୀ ବିହାରରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଜିଲ୍ଲାସ୍ତରୀୟ ଶ୍ରୀ ଅରବିନ୍ଦ ପାଠଚକ୍ର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମୁଖ୍ୟ ସଂଗଠକ ପ୍ରସାଦ ତ୍ରିପାଠୀ ଓ ସଂଗତି ମଣ୍ଡଳ ଜୋନାଲ ସଂଯୋଜକ ପ୍ରଫୁଲ୍ଲ ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ଦିଲ୍ଲୀପ କର୍ଣ୍ଣ, କବିରାଜ ସାହୁ, ବିଦ୍ୟାଧର ମହାକୁଡ଼, ତ୍ରିଲୋଚନ ଭୋକ୍ତା, ପ୍ରଦୀପ ସାହୁ, ଗୌରୀପ୍ରସାଦ ସାହୁ, ପ୍ରତ୍ୟୁଷ ସାହୁ, ମୁରଲୀଧର ସାହୁ, ରାମପ୍ରସାଦ କର୍ଣ୍ଣ, ପତିତ ବେହେରା, ଯାଜ୍ଞସେନୀ ମହାରଣା, ମକରଧ୍ୱଜ ଭୋଇନା, କପିଳାସ ପ୍ରସାଦ ଦାଶ, ସବିତା ହୋତା, ବିଷ୍ଣୁପ୍ରିୟା ସେନାପତି, ଆଶାମଣୀ ସାହୁ, କରୁଣାକର ଘଣ୍ଟୁଆଳ, ରାଜକୁମାରୀ ବେହେରା, ରସରାଜ ନାୟକ, କପିଳେନ୍ଦ୍ର ମିଶ୍ର, ବୀରେନ୍ଦ୍ର ଭୂଷଣ ମେଣ୍ଡିଲି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏଥିରେ ଜିଲ୍ଲାର ୧୧ଟି ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ପରିଚାଳନା କମିଟି, ଅବିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶ୍ରୀମା ଶ୍ରୀ ଅରବିନ୍ଦଙ୍କ ମାତୃ ସନ୍ତାନ ଯୋଗ ଦେଇଥିଲେ।

## ବୀରମହାରାଜପୁରରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବୀରମହାରାଜପୁର, ୧୯ ।୭ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସଦର ମହକୁମାରେ ଶନିବାର ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କଳାକାହ୍ନୁ ମିଶ୍ର ମେମୋରିଆଲ ଫାଉଣ୍ଡେସନ ଓ ସ୍ୱେଚ୍ଛାସେବୀ ସଂଗଠନ 'ପ୍ରୟାସ'ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରକୁ ବରିଷ୍ଠ ନାଗରିକ ସଂଗଠନର ସଭାପତି ଡକ୍ଟର ପ୍ରଫୁଲ୍ଲ ରଥ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱର କିମ୍ସ୍‌ର ବରିଷ୍ଠ ସର୍ଜନ ସତ୍ୟପ୍ରକାଶ ରାୟଚୌଧୁରୀ ଯୋଗ ଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ନିର୍ଦ୍ଦେଶକ ରାଧେଶ୍ୟାମ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଆନ୍ତଃ ଜିଲ୍ଲା ସାହାଣି କପ୍ ଫୁଟ୍‌ବଲ୍

# ଚତୁର୍ଥ ଦିନରେ କଳାହାଣ୍ଡି, ବରଗଡ଼ ବିଜୟୀ



ବୌଦ୍ଧ, ୧୯ ।୭ (ସମିସ)

ବୌଦ୍ଧ ଜୋନ୍‌ସ୍ତରୀୟ ୬୪ତମ ଆନ୍ତଃ ଜିଲ୍ଲା ସାହାଣି କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଚତୁର୍ଥ ଦିନରେ ଗ୍ରୁପ 'ଏ'ର ପ୍ରଥମ ମ୍ୟାଚ କଳାହାଣ୍ଡି ଓ ନୟାଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଦଳ ୧-୦ ଗୋଲ୍‌ରେ ବିଜୟୀ ହୋଇଛି। ଖେଳ ସଂଘର୍ଷପୂର୍ଣ୍ଣ ରହିଥିବାବେଳେ ଖେଳର ପ୍ରଥମାର୍ଦ୍ଧରେ କେହି କାହାକୁ ଗୋଲ୍ ଦେଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ଖେଳର ୬୧ ମିନିଟରେ କଳାହାଣ୍ଡିର ଚନ୍ଦ୍ରଧ୍ୱଜ ଜାନୀ ଗୋଟିଏ ଗୋଲ୍ ଦେଇ ଦଳକୁ ବିଜୟୀ କରିଥିଲେ। ପ୍ରଥମ ମ୍ୟାଚରେ ମୁଖ୍ୟ ରେଫରୀ ଭାବେ ରୋଶନ ଖାନ ମ୍ୟାଚ ପରିଚାଳନା କରିଥିବା ବେଳେ ଲାଇନରେ ସଞ୍ଜନ କୁଦେଇ ଓ ଅମିତ ନାଏକ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଭାବେ ସୋମନାଥ ମୁର୍ମୁ ଦାୟିତ୍ୱ ତୁଲାଇଥିଲେ। କଳାହାଣ୍ଡି ଦଳର ବିଶାଳ ମାଝୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ବରଗଡ଼ ଓ ଦେବଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବରଗଡ଼ ୩-୦ ଗୋଲ୍‌ରେ ବିଜୟୀ ହୋଇଛି। ପ୍ରଥମାର୍ଦ୍ଧରେ ଖେଳ ଆରମ୍ଭର ୧୭ ମିନିଟରେ ବରଗଡ଼ ଦଳର ଆନନ୍ଦ ଓରାମ ଗୋଟିଏ ଓ ୪୫ ମିନିଟରେ ଅଙ୍କିତ ବେହେରା ଗୋଟିଏ ଗୋଲ୍ ଦେଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ୭୮ ମିନିଟରେ ସଞ୍ଜିବ ଦଣ୍ଡସନା ଗୋଟିଏ ଗୋଲ୍ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଅତିଥି ଭାବେ ଜିଲ୍ଲା ପ୍ରେସ୍ କ୍ଲବ୍ ସଭାପତି ପ୍ରଦୋଷ ମିଶ୍ର, ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଦେବାଶିଷ ପୁରୋହିତ, ଜିଲ୍ଲା କ୍ରୀଡା ଅଧିକାରୀ ସୁଦାମ ଚରଣ ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂ, ବୌଦ୍ଧ ଜିଲ୍ଲା ଆଥ୍‌ଲେଟିକ ଆସୋସିଏସନ କାର୍ଯ୍ୟକାରୀ ସଭାପତି ଦିବ୍ୟରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ। ଦ୍ୱିତୀୟ ମ୍ୟାଚକୁ ମୁଖ୍ୟ ରେଫରୀ ଭାବେ ଲିଙ୍ଗରାଜ ପଧାନ ପରିଚାଳନା କରିଥିବାବେଳେ ଲାଇନରେ ଜିତେନ୍ଦ୍ରୀୟ ଥନାପତି ଓ ଦେବାଶିଷ ବାଗ ସହାୟତା କରିଥିଲେ। ସେହିପରି ଚତୁର୍ଥ ରେଫରୀ ଭାବେ ସଲିଳ ବାଗ ଦାୟିତ୍ୱ ତୁଲାଇଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବରଗଡ଼ ଗୋଲ୍‌କିପର ସିଦ୍ଧାନ୍ତ ପଧାନଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାଚ କମିଶନର ଭାବେ ଦୁର୍ଗାମାଧବ ନାୟକ ଉଭୟ ଖେଳ ପରିଚାଳନା କରିଥିଲେ। ରବିବାର ପ୍ରଥମ ମ୍ୟାଚ ନୂଆପଡ଼ା ଓ ବଲାଙ୍ଗୀର ମଧ୍ୟରେ ଏବଂ ଦ୍ୱିତୀୟ ମ୍ୟାଚ ବୌଦ୍ଧ ଓ କନ୍ଧମାଳ ମଧ୍ୟରେ ଅନୁଷ୍ଠିତ ହେବ।

## ୧୦ ବର୍ଷ ହେଲା ମରାମତି ହୋଇନି ପୁରୁଷୋତ୍ତମପୁର ରାସ୍ତା

ଶଗଡ଼ା, ୧୯ ।୭ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶୁଣ୍ଠି ପଦର ଗ୍ରାମପଞ୍ଚାୟତ ହାଇସ୍କୁଲ ଛକଠାରୁ ପୁରୁଷୋତ୍ତମପୁର ଗ୍ରାମ ପର୍ଯ୍ୟନ୍ତ ଯାଇଥିବା ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ସାମାନ୍ୟ ବର୍ଷା ହେଲେ ଏହି ରାସ୍ତା କାଦୁଅ ସାଙ୍ଗକୁ ଖାଲଖମାରେ ଭର୍ତ୍ତି ହେଇ ଯାଉଛି। ଏଣୁ ଅନେକ ଲୋକ ଯାତାୟାତ ସମୟରେ ପଡ଼ିଯିବା ସହ ଆହତ ମଧ୍ୟ ହୋଇଥିବା ଅଞ୍ଚଳବାସୀ କହିଛନ୍ତି। ଗ୍ରାମର ଶହ ଶହ ଲୋକଙ୍କ ସହ ଛାତ୍ରଛାତ୍ରୀ ଏହି କାଦୁଅ ଭର୍ତ୍ତି ରାସ୍ତାରେ ଯାତାୟାତ କରିଥାନ୍ତି। ରାସ୍ତାରେ ଯିବା ସମୟରେ ଅନେକ ଗାଡ଼ି ଭାଙ୍ଗିବା ସହ ଅନେକ ଜିନିଷପତ୍ର ମଧ୍ୟ ନଷ୍ଟ ହେଉଛି। ବର୍ଷା ଦିନରେ ଏହି ରାସ୍ତାରେ ଯିବା ପାଇଁ ଅଞ୍ଚଳବାସୀଙ୍କୁ ଚିନ୍ତାର କାରଣ ପାଲଟେ। ବର୍ଷା ଦିନ ହେଲେ ଏହି ରାସ୍ତାରେ ଚାରିଚକିଆ ଯାନ ତ ଦୂରର କଥା ଚାଲି ଚାଲି ଯିବା ମଧ୍ୟ ବହୁତ କଷ୍ଟକର ହୋଇ ପଡୁଛି। ୧୦ବର୍ଷରୁ ଅଧିକ ହେଲା ଏହି ରାସ୍ତା ମରାମତି ହୋଇନି। ଅତି ଜରୁରୀ ନ ହେଲେ ଲୋକେ ଏହି ରାସ୍ତାରେ ଯାତାୟାତ ପାଇଁ ଆଗ୍ରହ ପ୍ରକାଶ କରୁ ନାହାନ୍ତି।



## ଟ୍ରକ୍‌କୁ ପିଟିଲା ଯାତ୍ରୀବାହୀ ବସ୍; ୩୦ ଯାତ୍ରୀ ଆହତ



ବସ୍ତା ବ୍ଲକ/ରାଜଘାଟ, ୧୯।୭ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ୬୦ ନମ୍ବର ଜାତୀୟ ରାଜପଥର ଗୁଡ଼ିଖାଲ ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ୩୦ରୁ ଅଧିକ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଭୁବନେଶ୍ୱରରୁ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ଦାସ ଆଣ୍ଡ ଦାସ ନାମକ ଏକ ବସ୍‌ଟି ରାତି ପ୍ରାୟ ୧ଟାରେ ରାସ୍ତାକଡ଼ରେ ଥୁଆ ହୋଇଥିବା ଏକ କୋଇଲା ବୋଝେଇ ଟ୍ରକ୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ରାଜପଥ ପାଟ୍ରୋଲିଂ କର୍ମଚାରୀ, ରାଜପଥ ପୁଲିସ ପହଞ୍ଚି ଆହତ ଯାତ୍ରୀଙ୍କୁ ଉଦ୍ଧାର କରି ବସ୍ତା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ବସ୍‌ରେ ୬୦ରୁ ଅଧିକ ଯାତ୍ରୀ ଥିବା ବେଳେ ସମସ୍ତେ ଆହତ ହୋଇଥିଲେ। ହସ୍ପିଟାଲରେ ସମସ୍ତଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ ବାଲେଶ୍ୱର ମେଡିକାଲ କଲେଜକୁ ସ୍ଥାନାନ୍ତର କରି ଦିଆଯାଇଥିଲା। ଉଦ୍ଧାର କାର୍ଯ୍ୟରେ ୪ଟି ୧୦୮ ଆମ୍ବୁଲାନ୍ସ, ଗୋଟିଏ ରାଜପଥ ଆମ୍ବୁଲାନ୍ସ ସହ ତିନୋଟି ପ୍ରାଇଭେଟ୍ ଆମ୍ବୁଲାନ୍ସ ଯୋଗେ ପୁଲିସ କର୍ମଚାରୀଙ୍କ ସହଯୋଗରେ ସମସ୍ତ ଯାତ୍ରୀଙ୍କୁ ମେଡିକାଲ ପଠାଯାଇଥିଲା। ଦୁର୍ଘଟଣା ଘଟିଥିବା ଦୁଇଟି ଗାଡ଼ିକୁ ପୁଲିସ ଅଟକ ରଖି ତଦନ୍ତ ଜାରି ରଖିଛି।

### ବଲଙ୍ଗାରେ ନାବାଳିକାଙ୍କୁ ଜିଅନ୍ତା ଜାଳିଦେବା ଉଦ୍ୟମ

# ରାଜ୍ୟରେ ମହିଳା ଓ ଛାତ୍ରୀ ଅସୁରକ୍ଷିତ: ବିଜେଡି

ଭୁବନେଶ୍ୱର, ୧୯।୭(ସମିସ): ବାଲେଶ୍ୱର ଛାତ୍ରୀ ଆତ୍ମଦାହ ଘଟଣାର କିଛି ଦିନ ଭିତରେ ଆଜି ପିପିଲି ନିକଟବର୍ତ୍ତୀ ବଲଙ୍ଗାଠାରେ ଜଣେ ନାବାଳିକାକୁ ତିନିଜଣ ଦୁର୍ବୃତ୍ତ କିରୋସିନି ଢାଳି ଜିଅନ୍ତା ଜାଳି ଦେବାକୁ ଉଦ୍ୟମ କରିଛନ୍ତି। ଏହା ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ଓ ମହିଳା ଅସୁରକ୍ଷିତ

■ ପୀଡ଼ିତାଙ୍କୁ ତୁରନ୍ତ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଉ
■ ସପ୍ତାହ ନପୂରୁଣୁ ଛାତ୍ରୀଙ୍କ ବିରୋଧରେ ଦ୍ୱିତୀୟ ହିଂସା

ସ୍ଥିତିକୁ ଦର୍ଶାଉଛି ବୋଲି ବିଜୁ ଜନତା ଦଳ କହିଛି।

ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଟୁକୁନି ସାହୁ ଓ ଭୁବନେଶ୍ୱର ମେୟର ସୁଲୋଚନା ଦାସ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଶ୍ରୀମତୀ ସାହୁ କହିଲେ, ରାଜଧାନୀଠାରୁ ମାତ୍ର ୫୦ କିମି ଦୂର ଓ ବଳଙ୍ଗା ଥାନାଠାରୁ ମାତ୍ର ୧ କିମି ଦୂରରେ ସ୍ପଷ୍ଟ ଦିବାଲୋକରେ ଜଣେ ନାବାଳିକାକୁ ରାସ୍ତାରୁ ଉଠାଇ ନେଇ ତିନିଜଣ ଦୃର୍ବୃତ୍ତ କିରୋସିନି ଢାଳି ନିଆଁ ଲଗାଇ ମାରିଦେବାକୁ ଉଦ୍ୟମ କରିଛନ୍ତି। ଗତ ଶନିବାର ବାଲେଶ୍ୱର ଏଫଏମ କଲେଜରେ ଛାତ୍ରୀ ଆତ୍ମହୁତି ଘଟଣା ମନରୁ ଲିଭିନଥିବା ବେଳେ ଆଜି ବଳାଙ୍ଗାରେ ଜଣେ ନାବାଳିକାଙ୍କୁ ଜିଅନ୍ତା ଜାଳି ହତ୍ୟା ଉଦ୍ୟମ କରାଯାଇଛି। ରାଜ୍ୟରେ ଆଇନଶୃଙ୍ଖଳା ଭୁଶୁଡ଼ି ପଡ଼ିଥିବାର ଏହା ହେଉଛି ସଦ୍ୟତମ ନମୁନା। ରାଜ୍ୟରେ ମହିଳାମାନଙ୍କୁ ସୁରକ୍ଷା ପ୍ରଦାନରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଡବଲ ଇଂଜିନ ସରକାର ଡବଲ ବିକାଶ ସହିତ ମା' ମାନଙ୍କୁ ସୁରକ୍ଷା ଓ ସମ୍ମାନ ପ୍ରଦାନ କରିବେ ବୋଲି କହିଥିଲେ। କିନ୍ତୁ ଆଜି ଝିଅଟିଏ ଘରୁ ବାହାରିଲେ, ସୁରକ୍ଷିତ ଫେରିବ କି ନାହିଁ ସେ ଓ ତା' ପରିବାର ଭିତରେ ସଂଶୟ ସୃଷ୍ଟି ହେଉଛି।

ଶ୍ରୀମତୀ ଦାସ କହିଥିଲେ, ପୁଣି ଥରେ ସେଇ ଛାତି ଥରା ଦୃଶ୍ୟ। ବର୍ତ୍ତମାନ ପୀଡ଼ିତା ନାବାଳିକା



ଛାତ୍ରୀ ଜଣଙ୍କ ଗୁରୁତର ଅବସ୍ଥାରେ ଏମ୍ସରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଦେହ ପ୍ରାୟ ୭୦ରୁ ୭୫ ପ୍ରତିଶତ ପୋଡି ଯାଇଛି ବୋଲି ଏମ୍ସ ତରଫରୁ ସୂଚନା ଦିଆଯାଇଛି। ତାଙ୍କୁ ତୁରନ୍ତ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇ ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯାଉ। ଏହି ଅପରାଧରେ ସମ୍ପୃକ୍ତ ଅପରାଧୀମାନଙ୍କୁ ତୁରନ୍ତ ଗିରଫ କରି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ। ପୂର୍ବରୁ ଗୋପାଳପୁର ବେଳାଭୂମି ଗଣଦୁଷ୍କର୍ମ ଘଟଣା, ବହୁ ଚର୍ଚ୍ଚିତ ଏଫ୍‌ଏମ କଲେଜ ଆତ୍ମାହୁତି ଘଟଣା ପରେ ଆଜିର ଏହି ବର୍ବରୋଚିତ କାଣ୍ଡ ସମଗ୍ର ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ଗତ ବର୍ଷକ ଭିତରେ ବିଜେପି ଶାସନରେ ନାରୀ ଓ ଛାତ୍ରୀ ନିର୍ଯାତନା ଅହେତୁକ ବୃଦ୍ଧି ପାଇଛି। ଗୋଟିଏ ପରେ ଗୋଟିଏ ଦୁଷ୍କର୍ମ, ହତ୍ୟା ଭଳି ଘଟଣା ଲୋକଲୋଚନକୁ ଆସୁଥିବା ବେଳେ ସରକାରଙ୍କର ଦୃଢ କାର୍ଯ୍ୟାନୁଷ୍ଠାନ ଅଭାବରୁ ଅପରାଧୀମାନଙ୍କର ମନୋବଳ ବୃଦ୍ଧି ପାଉଛି। ଏ ସରକାରରେ ଅପରାଧୀମାନେ ଖୁଲମଖୁଲା ସାହାସ କରି ନାରୀ ଓ ଛାତ୍ରୀମାନଙ୍କ ବିରୋଧରେ ଅପରାଧିକ କାର୍ଯ୍ୟ ଘଟାଇ ଚାଲିଛନ୍ତି। ସରକାରଙ୍କ ନିଦ୍ରାଭଙ୍ଗ ହେଉ ଏବଂ ତୁରନ୍ତ ବିହିତ ପଦକ୍ଷେପ ନିଅନ୍ତୁ ବୋଲି ଦାବି କରିଛନ୍ତି।

# ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟରେ ଛାତ୍ରୀଙ୍କ ସୁରକ୍ଷା ଚିନ୍ତା

### ମୁଖ୍ୟମନ୍ତ୍ରୀଙ୍କ ଘୋଷଣା: ଆରମ୍ଭ ହେବ ଶକ୍ତିଶ୍ରୀ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୯।୭(ସମିସ): ରାଜ୍ୟରେ ମହିଳା ଏବଂ ଶିଶୁ ବିରୋଧୀ ହିଂସା କ୍ରମାଗତ ଭାବେ ବୃଦ୍ଧି ପାଉଥିବା ବେଳେ ଦୈନିକ ମହିଳାଙ୍କୁ ନେଇ ଅପରାଧ ସରକାରଙ୍କ ମୁଣ୍ଡବିନ୍ଧାର କାରଣ ସାଜିଛି। ମହିଳା ବିରୋଧୀ ହିଂସାକୁ ନେଇ ସରକାର ଚାରିଆଡୁ ଷଣ୍ଢୁଆସୀ ଆକ୍ରମଣର ଶିକାର ହେଉଥିବା ବେଳେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଶକ୍ତିଶ୍ରୀ କାର୍ଯ୍ୟକ୍ରମ' ସମ୍ପର୍କରେ ଘୋଷଣା କରିଛନ୍ତି। ରାଜ୍ୟବ୍ୟାପୀ କଲେଜ ଓ ବିଶ୍ୱବିଦ୍ୟାଳୟ ପରି ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡିକରେ ଛାତ୍ରୀମାନଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ଏହି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଥିବା ୧୬ଟି ବିଶ୍ୱବିଦ୍ୟାଳୟ ଏବଂ ୭୩୦ଟି ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ମାନଙ୍କରେ ଏହି ଯୋଜନା କାର୍ଯ୍ୟକାରୀ ହେବ ବୋଲି ମୁଖମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶକ୍ତିଶ୍ରୀ କାର୍ଯ୍ୟକ୍ରମର ୮ ଗୋଟି ପ୍ରମୁଖ ଦିଗ ରହିଛି। ତନ୍ମଧ୍ୟରୁ ପ୍ରତ୍ୟେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଏକ ସ୍ଥାୟୀ ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ର ସ୍ଥାପନ କରାଯିବ ଯାହା ଛାତ୍ରୀମାନଙ୍କ ଦ୍ୱାରା ପରିଚାଳିତ ହେବ। ଏହି କେନ୍ଦ୍ରରେ ଜଣେ ଛାତ୍ରୀ 'ଶକ୍ତିଶ୍ରୀ ସାଥୀ' ଓ ଜଣେ ଅଧ୍ୟାପିକା 'ଶକ୍ତିଶ୍ରୀ ସଂଯୋଜିକା' ଭାବରେ ଉକ୍ତ କେନ୍ଦ୍ରର ପରିଚାଳନା କରିବେ। ଏହା ସହିତ ଜିଲ୍ଲାପାଳଙ୍କ ଦ୍ୱାରା ମନୋନୀତ ହୋଇଥିବା ୫ ଜଣ ବିଶିଷ୍ଟ କାର୍ଯ୍ୟରତ ମହିଳା "ଶକ୍ତି ଅପା' ଭାବରେ କାର୍ଯ୍ୟ କରିବେ। ଏହି ଶକ୍ତି ଅପାମାନେ ପ୍ରତି ୩ ମାସରେ ଥରେ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିବେ ଏବଂ ଛାତ୍ରୀମାନଙ୍କ ପାଇଁ ମେଣ୍ଟର ଭଳି କାର୍ଯ୍ୟ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶକ୍ତିଶ୍ରୀ ମୋବାଇଲ ଆପ୍ ନାମରେ ଏକ ନୂତନ ମୋବାଇଲ ଆପ୍ କାର୍ଯ୍ୟକାରୀ ହେବ। କ୍ୟାମ୍ପସରେ ଛାତ୍ରୀମାନଙ୍କର ସୁରକ୍ଷାକୁ

■ ପ୍ରତ୍ୟେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ସ୍ଥାପନ ହେବ ସ୍ଥାୟୀ ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ର
■ କାର୍ଯ୍ୟକାରୀ ହେବ ଶକ୍ତିଶ୍ରୀ ମୋବାଇଲ ଆପ୍
■ ମହିଳା ସଶକ୍ତୀକରଣ ପାଇଁ ଆରମ୍ଭ ହେବ 'ସେଫ୍' କ୍ୟାମ୍ପେନ

ସୁନିଶ୍ଚିତ କରିବାରେ ଏହା ସହାୟକ ହେବ। ସେହିପରି ଯଦି କୌଣସି ଛାତ୍ରୀ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି, ତେବେ ସେ ନିଜର ପରିଚୟକୁ ଗୋପନୀୟ ରଖି ନିଜର ଅଭିଯୋଗକୁ ଉକ୍ତ ଆପ୍‌ରେ ପଞ୍ଜିକୃତ କରିପାରିବେ। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର କୋଡ୍ ଅଫ୍ କଣ୍ଡକ୍ଟ ଲାଗୁ ହେବ। ଏହା ମାଧ୍ୟମରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଏକ ବାର୍ଷିକ ଅନଲାଇନ୍ ଟ୍ରେନିଂ ମଡ୍ୟୁଲକୁ ସମ୍ପୂର୍ଣ୍ଣ କରିବେ, ଯାହାଦ୍ୱାରା ସେମାନଙ୍କ ମଧ୍ୟରେ ମହିଳା ସୁରକ୍ଷା, ଲିଙ୍ଗଗତ ସମ୍ବେଦନଶୀଳତା ସମ୍ବନ୍ଧରେ ସଚେତନତା ବୃଦ୍ଧି ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅପରପକ୍ଷେ ଲିଙ୍ଗଗତ ସମାନତା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ଏବଂ ମହିଳା ସଶକ୍ତୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ସେଫ୍ ନାମକ ଏକ କ୍ୟାମ୍ପେନ୍‌ର ଆୟୋଜନ କରାଯିବ। ଏହି କ୍ୟାମ୍ପେନ୍ ମାଧ୍ୟମରେ ବାର୍ଷିକ ଦୁଇ ଥର ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର, ମହିଳାଙ୍କ ସୁରକ୍ଷା ଓ ଅଧିକାର ସମ୍ବନ୍ଧୀୟ ସଚେତନତା କର୍ମଶାଳା ଆଦିର ଆୟୋଜନ କରାଯିବ। କ୍ୟାମ୍ପସ ସୁରକ୍ଷାକୁ ନେଇ ପ୍ରତ୍ୟେକ କଲେଜ, ନିଜର ଏକ ବାର୍ଷିକ ରିପୋର୍ଟ ପ୍ରତିବର୍ଷ ଡିସେମ୍ବର ମାସ ୩୧ ତାରିଖ ସୁଦ୍ଧା ପ୍ରଦାନ କରିବେ। ଅପରପକ୍ଷେ ରାଜ୍ୟର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ସିସିଟିଭି କ୍ୟାମେରା ଲଗାଯିବା ସହ କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡନ (ନିବାରଣ, ନିଷେଧ ଓ ପ୍ରତିକାର ) ଅଧିନିୟମ, ୨୦୧୩ ଏବଂ ଏହି ସମ୍ବନ୍ଧରେ ୟୁଜିସି ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶାବଳୀ ସମ୍ବନ୍ଧରେ ଅନଲାଇନ କୋର୍ସ ପ୍ରଦାନ କରାଯିବ। ରାଜ୍ୟର ସମସ୍ତ ଶକ୍ତିଶ୍ରୀ ସାଥୀ, ଶକ୍ତିଶ୍ରୀ ସଂଯୋଜିକା ଓ ଶକ୍ତି ଅପାମାନଙ୍କ ପାଇଁ ବାର୍ଷିକ ଏକ-ଦିବସୀୟ କର୍ମଶାଳା "ଶକ୍ତି ସ୍ୱରୂପିଣୀ"ର ଆୟୋଜନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

### ଅସଦାଚରଣ ପରେ ତଦନ୍ତ ନାଁରେ ନିର୍ଯାତନା

# ମିଳୁନି ନ୍ୟାୟ; ମାନସିକ ଚିନ୍ତାରେ ଆର୍‌ଆଇ

ପୁରୀ/ପିପିଲି,୧୯।୭(ସମିସ): ଅସଦାଚରଣର ଶିକାର ହେଲେ। ନ୍ୟାୟପାଇଁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କଲେ। ଅଭିଯୋଗର ତଦନ୍ତ ଲାଗି ଗଠନ ହେଲା ଡିଷ୍ଟ୍ରିକ୍ଟ ଲୋକାଲ କମ୍ପ୍ଲେନ କମିଟି (ଡିଏଲ୍‌ସିସି)। ଭାବିଥିଲେ ଉପଯୁକ୍ତ ନ୍ୟାୟ ମିଳିବ। କିନ୍ତୁ ନ୍ୟାୟ ପରିବର୍ତ୍ତେ କମିଟିଠାରୁ ପାଇଲେ ମାନସିକ ନିର୍ଯାତନା। ଅଭିଯୋଗ ପ୍ରତ୍ୟାହାର କରିବାକୁ ପଡିଲା ଚାପ। ଶେଷରେ ଅସହାୟ ହୋଇପଡିଲେ ଅଭିଯୋଗକାରୀ ରାଜସ୍ୱ ନୀରିକ୍ଷକ (ଆର୍‌ଆଇ)। ଘଟଣାକୁ ଦୁଇମାସ ବିତିବ। ହେଲେ ମାନସିକ ଚିନ୍ତାରୁ ମୁକୁଳି ପାରୁ ନ ଥିବାରୁ ଏବେ ସେ କର୍ମକ୍ଷେତ୍ରରୁ ଛୁଟି ନେଇ ଘରେ ରହିଛନ୍ତି। ଏଠାରେ ପ୍ରଶ୍ନଉଠୁଛି କେବେ ଜଣେ ମହିଳା କର୍ମଚାରୀଙ୍କୁ ଉଚିତ୍ ନ୍ୟାୟ ଦେବେ ରାଜ୍ୟ ସରକାର?

ଅଭିଯୋଗ ଅନୁଯାୟୀ, ଗତ ମେ' ୨୪ ତାରିଖରେ ପିପିଲି ତହସିଲ ଅନ୍ତର୍ଗତ ତେଇଶିପୁରର ପୂର୍ବତନ ମହିଳାଙ୍କ ଆର୍‌ଆଇଙ୍କ ସହ ଘଟିଥିଲା ଏହି ଘଟଣା। ତହସିଲଦାରଙ୍କ ପ୍ରକୋଷ୍ଠରେ ସବୁ ସର୍କଲର ଆର୍‌ଆଇଙ୍କୁ ନେଇ ବୈଠକ ହୋଇଥିଲା। ବୈଠକ ସରିଲା ବେଳକୁ ଝଡ଼ବର୍ଷା ହେଉଥିଲା। ଅନ୍ୟମାନେ ଚାଲିଯାଇଥିଲେ। ସମ୍ପୃକ୍ତ ଆର୍‌ଆଇ ଗୋଟିଏ ରୁମ୍‌ରେ ବସି ବର୍ଷା ଛାଡିବାକୁ ଅପେକ୍ଷା କରିଥିଲେ। ଏକୁଟିଆର ସୁଯୋଗ ନେଇ ପିପିଲିର ପ୍ରାକ୍ତନ ଅତିରିକ୍ତ ତହସିଲଦାର ପ୍ରବୋଧ ମହାନ୍ତି ତାଙ୍କ ସହିତ ଅସଦାଚରଣ କରିଥିଲେ। ଏ ସଂକ୍ରାନ୍ତରେ ସେ ତହସିଲଦାରଙ୍କ ସମେତ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ସିସିଟିଭି ଫୁଟେଜ ଯାଞ୍ଚ ପରେ ଅଭିଯୋଗର ସତ୍ୟତା ଜଣାପଡିଥିଲା। ଅତିରିକ୍ତ ତହସିଲଦାର ତହସିଲଦାରଙ୍କ ପରାମର୍ଶକ୍ରମେ କ୍ଷମା ମାଗିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କ ଚରିତ୍ରକୁ ନେଇ ନାନା ପ୍ରକାର କଥା ବାହାରେ ପ୍ରକାଶ କରିଥିଲେ ଅତିରିକ୍ତ ତହସିଲଦାର। ଥାନାରେ ଅଭିଯୋଗ ନ କରିବା ପାଇଁ ତହସିଲଦାର କହିଥିଲେ। ମାତ୍ର ସେ ପିପିଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରିଥିଲା। ତାଙ୍କ କଥା ନ ମାନି ଥାନାରେ ଅଭିଯୋଗ କରିବାରୁ ସେବେଠାରୁ ତହସିଲଦାର ତାଙ୍କ ଉପରେ ରାଗ ରଖି ନାନା ପ୍ରକାର ମାନସିକ ନିର୍ଯାତନା ଦେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି ସମ୍ପୃକ୍ତ ମହିଳା ଆର୍‌ଆଇ।

ଥାନାରେ ଅଭିଯୋଗ ପରେ ଅତିରିକ୍ତ ତହସିଲଦାରଙ୍କୁ କେବଳ ବଦଳି କରିଦିଆଯାଇ ଘଟଣାକୁ ଚପାଇବା ଦେବାକୁ ବିଭିନ୍ନ ମହଲରୁ ତାଙ୍କ ଉପରେ ଚାପ ପଡୁଛି। ଏପରି କି ଘଟଣାର ଅନୁସନ୍ଧାନ କରୁଥିବା ଟିମ୍‌ର ଅଧ୍ୟକ୍ଷ ମଧ୍ୟ ତାଙ୍କୁ ନାନା ପ୍ରକାର କଥା କହି ମାନସିକ ନିର୍ଯାତନା ଦେଉଥିବା ପୀଡିତା ଆର୍‌ଆଇ କହିଛନ୍ତି। ଏ ସଂକ୍ରାନ୍ତରେ ସେ ପୁରୀ ଜିଲ୍ଲାପାଳଙ୍କୁ ନିକଟରେ ଭେଟିଥିଲେ। ହେଲେ କୌଣସି ସୁଫଳ ମିଳି ନାହିଁ। ଏପରି କି ଘଟଣାକୁ ନେଇ ଜିଲ୍ଲା ଓ ରାଜ୍ୟ ରାଜସ୍ୱ କ୍ଷେତ୍ରାଧିକାରୀ ସଂଘ ଜିଲ୍ଲାପାଳଙ୍କୁ ଚିଠି ଲେଖି ସମ୍ପୃକ୍ତା ଆର୍‌ଆଇଙ୍କୁ ନ୍ୟାୟ ପ୍ରଦାନ ପାଇଁ ଅନୁରୋଧ କରିଛନ୍ତି। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି ଆର୍‌ଆଇ। ବର୍ତ୍ତମାନ ତାଙ୍କର ଯେଉଁଠାକୁ ବଦଳି ହୋଇଛି ସେଠାରେ ମଧ୍ୟ ତାଙ୍କୁ ନାନା ପ୍ରକାର କଥା ଶୁଣିବାକୁ ମିଳୁଛି। ସେ ମାନସିକ ଚାପରେ ଥିବାରୁ ଏବେ ଛୁଟି ନେଇ ଘରେ ରହିଛନ୍ତି ବୋଲି କହିଛନ୍ତି।

ଏଠାରେ ପ୍ରଶ୍ନଉଠୁଛି ଜଣେ ମହିଳା ଆର୍‌ଆଇଙ୍କୁ ଯଦି କର୍ମକ୍ଷେତ୍ରରେ ଅସଦାଚରଣ କରାଯାଉଛି ଏବଂ ସେ ନ୍ୟାୟ ଭିକ୍ଷା କରୁଛନ୍ତି ତାଙ୍କୁ କ'ଣ ପାଇଁ ଉପଯୁକ୍ତ ନ୍ୟାୟ ମିଳୁନାହିଁ। ମାନସିକ ଚାପରେ ସେ ଯଦି କିଛି ଭିନ୍ନ ନିଷ୍ପତ୍ତି ନିଅନ୍ତି ତା' ହେଲେ ଏଥିପାଇଁ କିଏ ଦାୟୀ ରହିବେ? ଅନ୍ୟପକ୍ଷରେ ଏ ନେଇ ପିପିଲି ତହସିଲଦାରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ସୌମ୍ୟାଶ୍ରୀଙ୍କ ପରିବାରକୁ ମିଳିଲା ୨୦ ଲକ୍ଷର ସହାୟତା ରାଶି



ଭୋଗରାଇ,୧୯।୭(ସମିସ): ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆତ୍ମାହୁତି ଦେଇଥିବା ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରିଥିଲେ। ଆଜି ଅପରାହ୍ନରେ ଭୋଗରାଇ ବ୍ଲକ ପଳାସିଆ ଗ୍ରାମସ୍ଥିତ ସୌମ୍ୟାଶ୍ରୀଙ୍କ ବାସଭବନରେ ତାଙ୍କ ବାପା ବଳରାମ ବିଶିଙ୍କୁ ବାଲେଶ୍ୱର ଉପଜିଲ୍ଲାପାଳ ମଧୁସ୍ମିତା ସାମନ୍ତରାୟ ଏହି ସହାୟତା ରାଶି ପ୍ରଦାନ କରିଛନ୍ତି। ଉପଜିଲ୍ଲାପାଳ ଶ୍ରୀମତୀ ସାମନ୍ତରାୟ ୨୦ ଲକ୍ଷ ଟଙ୍କାର ବ୍ୟାଙ୍କ ଚେକ୍ ବଳରାମଙ୍କୁ ପ୍ରଦାନ କରିଛନ୍ତି। ଏଥିସହ ରେଡକ୍ରସ ପକ୍ଷରୁ ୨୫ ହଜାର ଟଙ୍କା ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ ପ୍ରଦାନ କରିଥିଲେ। ଚେକ୍ ପ୍ରଦାନ ସମୟରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ବଡ଼ସାହି ବିଧାୟକ ସନାତନ ବିଜୁଳି, ବିଜେପି ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ଜଳେଶ୍ୱର ବିଜେପି ନେତା ବ୍ରଜମୋହନ ପ୍ରଧାନ, ବାଲିଆପାଳ ବିଜେପି ନେତା ରବିନ୍ଦ୍ର ଅଣ୍ଡିଆ, ଭୋଗରାଇ ବିଜେପି ନେତା ଆଶିଷ ପାତ୍ର, ବରିଷ୍ଠ ବିଜେପି ନେତା ଅଂଶୁମାନ ମହାନ୍ତି, ରାଜେଶ ଖଟୁଆ, ସରପଞ୍ଚ ଦିଲ୍ଲୀପ ଦତ୍ତ, ରାଧାକାନ୍ତ ପ୍ରଧାନ ଉପସ୍ଥିତ ଥିଲେ।

# ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ଏନ୍‌ଡିଡିବି ଓ ଓମ୍‌ଫେଡ୍ ମଧ୍ୟରେ ଚୁକ୍ତିନାମା

### ପ୍ଲାଣ୍ଟ କର୍ମଚାରୀମାନଙ୍କ ପାଇଁ ୬୨ଟି କ୍ୱାର୍ଟର୍ସ, ମିଲ୍କ ପାଉଡର ପ୍ୟାକିଙ୍ଗ ମେସିନ ଉଦ୍‌ଘାଟିତ

ଭୁବନେଶ୍ୱର, ୧୯।୭(ସମିସ): ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧିପାଇଁ କଟକ ସ୍ଥିତ ଓମ୍‌ଫେଡ୍ ପ୍ଲାଣ୍ଟ ପରିସରରେ ନ୍ୟାସନାଲ ଡେରୀ ଡେଭଲପମେଣ୍ଟ ବୋର୍ଡ(ଏନ୍‌ଡିଡିବି) ଏବଂ ଓମ୍‌ଫେଡ୍ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଓମ୍‌ଫେଡ୍ ସହିତ ଏହି ଚୁକ୍ତିନାମା ଜରିଆରେ ଏନ୍‌ଡିଡିବି ଓଡ଼ିଶାର ଦୁଗ୍ଧ ଚାଷୀମାନଙ୍କୁ ଅଧିକ ଦୁଗ୍ଧ ଅମଳକ୍ଷମ ଗୀର୍, ସହିୱାଲ୍ ଓ କ୍ରସ୍ ବ୍ରିଡ୍ ପ୍ରଜାତିର ପ୍ରାୟ ୩ରୁ ୪ ହଜାର ଗାଈ ଯୋଗାଇଦେବ। ଏଥିସହିତ ଆଗାମୀ ଦିନରେ ଏନ୍‌ଡିଡିବି ସହାୟତାରେ ରାଜ୍ୟରେ ଗୋବର ଗ୍ୟାସ ପ୍ଲାଣ୍ଟ ମଧ୍ୟ ସ୍ଥାପନ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୭.୫୦ କୋଟି ଟଙ୍କା ବିନିଯୋଗରେ ୨ ହଜାରରୁ ୧୫ ହଜାର ଲିଟର ବିଶିଷ୍ଟ ୨୨ଟି ମିଲ୍କ ଟ୍ୟାଙ୍କର ରାଜ୍ୟର ବିଭିନ୍ନ ଦୁଗ୍ଧ ସଂଘ ମାନଙ୍କୁ ପ୍ରଦାନ କରିବା ସହିତ ୩ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ତିନୋଟି ଗୁଣ୍ଡ ଦୁଗ୍ଧ ପ୍ୟାକିଙ୍ଗ ମେସିନର ଉଦ୍‌ଘାଟନ କରିଥିଲେ।



ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏସମସ୍ତ ସୁବିଧା ଦ୍ୱାରା ରାଜ୍ୟର ଚାଷୀମାନଙ୍କଠାରୁ ଯଥେଷ୍ଟ ଅଧିକ ପରିମାଣର ଦୁଗ୍ଧ ସଂଗ୍ରହ କରାଯାଇପାରିବ। ଏବେ ରାଜ୍ୟର ଦୁଗ୍ଧ ଉତ୍ପାଦନ ୭୨ଲକ୍ଷ ଲିଟର ରହିଛି। କିନ୍ତୁ ୨୦୩୬ ସୁଦ୍ଧା ଏହି ପରିମାଣ ୧୬୫ ଲକ୍ଷ ଲିଟର ଏବଂ ୨୦୪୭ ସୁଦ୍ଧା ଏହାକୁ ୨୭୪ ଲକ୍ଷ ଲିଟରରେ ପହଞ୍ଚାଇବା ଆମର ଲକ୍ଷ୍ୟ। ସେ ଆହୁରି କହିଥିଲେ ଦୀର୍ଘ ୪୫ ବର୍ଷ ଧରି ଦୁଗ୍ଧ ଉତ୍ପାଦନ, ସଂଗ୍ରହ ଏବଂ ବିକ୍ରୟ ସହିତ ରାଜ୍ୟର ଦୁଗ୍ଧଚାଷୀ ମାନଙ୍କ ଆର୍ଥିକ ବିକାଶରେ ଓମ୍‌ଫେଡ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରଖିଆସୁଛି। ଆଗାମୀ ଦିନରେ ରାଜ୍ୟ ସରକାର ଦୁଗ୍ଧ ଉତ୍ପାଦନ ବୃଦ୍ଧି ନେଇ କାମଧେନୁ ଯୋଜନା ମାଧ୍ୟମରେ ଚାଷୀଙ୍କୁ ଅଧିକ ଅମଳକ୍ଷମ ପ୍ରଜାତିର ୧୦ ହଜାର ଗାଈ ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖିଛନ୍ତି।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଓମ୍‌ଫେଡ୍ ଡେରୀ ପ୍ଲାଣ୍ଟର କର୍ମଚାରୀ ମାନଙ୍କ ପାଇଁ ୬୨ଟି କ୍ୱାର୍ଟରର ଉଦ୍‌ଘାଟନ କରିବା ସହିତ ସେଠାରେ ନୂତନ ଦୁଗ୍ଧ ଟ୍ୟାଙ୍କର ଏବଂ ମିଲ୍କ ପାଉଡର ପ୍ୟାକିଙ୍ଗ ମେସିନଗୁଡ଼ିକର ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ମତ୍ସ୍ୟ ଓ ପ୍ରାଣୀ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, କଟକ ସାଂସଦ ଭର୍ତ୍ତୃହରି ମହତାବ ଓମ୍‌ଫେଡ୍

**ଦୁଗ୍ଧ ଚାଷୀ ସଙ୍ଘ ମାନଙ୍କୁ ପ୍ରଦାନ କରାଗଲା ୨୨ ନୂତନ ଦୁଗ୍ଧ ପରିବହନ ଟ୍ୟାଙ୍କର**

ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଏନ୍‌ଡିଡିବି ଡେରୀ ସର୍ଭିସେସ୍‌ର ପରିଚାଳନା ନିର୍ଦ୍ଦେଶକ ଦେବାନନ୍ଦ, ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟଅମୃତ କୁଲାଙ୍ଗେ, ଓମ୍‌ଫେଡ୍‌ର ପରିଚାଳନା ସମିତି ସଦସ୍ୟଗଣ ଓ ବିଭିନ୍ନ ଦୁଗ୍ଧ ସଂଘର ଅଧ୍ୟକ୍ଷମାନେ ଉପସ୍ଥିତ ଥିଲେ।

### ସଂଗିନ ସ୍ଥିତିରେ ନାରୀ ସୁରକ୍ଷା

# ଅପରାଧୀ ଉପରମୁହାଁ; ସରକାର ଉପାୟଶୂନ୍ୟ

■ ମହିଳା ସୁରକ୍ଷାକୁ ନେଇ ଜାତୀୟସ୍ତରରେ ଅପବାଦ ମୁଣ୍ଡାଉଛି ଓଡ଼ିଶା
■ ଶାସନତନ୍ତ୍ରରେ ଶୃଙ୍ଖଳାର ଅଭାବ, ଉତ୍ତରଦାୟିତ୍ୱ ନେବାକୁ କେହି ନାହିଁ

ଭୁବନେଶ୍ୱର,୧୯।୭(ସମିସ): ରାଜ୍ୟରେ ମହିଳା ସୁରକ୍ଷା ସ୍ଥିତି ଏକପ୍ରକାର ସଂଗିନ ହୋଇପଡ଼ିଲାଣି। ପ୍ରତିଦିନ ରାଜ୍ୟର କେଉଁଠି ନା କେଉଁଠି ଦୁଷ୍କର୍ମ, ହିଂସା, ଉତ୍ପୀଡ଼ନର ଶିକାର ହେଉଛନ୍ତି ମହିଳା। ଯାହାକୁ ନେଇ ରାଜ୍ୟ ସରକାର ଦୁର୍ନାମ ମୁଣ୍ଡାଉ ଥିବା ବେଳେ ଏହାକୁ କିନ୍ତୁ ନିୟନ୍ତ୍ରଣକୁ ଆଣି ପାରୁନାହାନ୍ତି। ରାଜ୍ୟରେ ଦୈନିକ ୧୫ ମହିଳା ଦୁଷ୍କର୍ମର ଶିକାର ହେଉଥିବା ବେଳେ ମହିଳାମାନେ ଘରୁ ବାହାରକୁ ଗୋଡ଼ କାଢ଼ିବାକୁ ଭୟ କଲେଣି। ପ୍ରଥମେ ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ହୋଇଥିଲା। ଗତ ୮ଦିନ ମଧ୍ୟରେ ଏଫଏମ କଲେଜରେ ଛାତ୍ରୀ ଆତ୍ମଦାହ ଏବଂ ଶନିବାର ବଳଙ୍ଗାରେ ଜଣେ ଛାତ୍ରୀଙ୍କୁ ଦୁର୍ବୃତ୍ତ କିରାସିନି ଢାଳି ନିଆଁ ଲଗାଇଦେବା ରାଜ୍ୟରେ ଗୁରୁତର ଆଇନ ଶୃଙ୍ଖଳା ସ୍ଥିତି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ସରକାର କେଉଁଠି ବୋଲି ଲୋକେ ପ୍ରଶ୍ନ କରୁଥିବା ବେଳେ ରାଜ୍ୟ ସରକାର ଏକପ୍ରକାର ଉପାୟଶୂନ୍ୟ ହୋଇପଡ଼ିଛନ୍ତି। ରାଜ୍ୟରେ ବର୍ତ୍ତମାନ ଅପରାଧୀଙ୍କ ଶାସନ ଚାଲିଛି ବୋଲି ବିରୋଧୀ ସରକାରଙ୍କୁ ତାଚ୍ଛଲ୍ୟ କରୁଥିବା ବେଳେ ମହିଳା ସୁରକ୍ଷାକୁ ନେଇ ଜାତୀୟସ୍ତରରେ ଅପବାଦ ମୁଣ୍ଡାଉଛି ଓଡ଼ିଶା।

ଗୋପାଳପୁର, ବାଲେଶ୍ୱର ଏବଂ ପୁରୀ ବଳଙ୍ଗା ଘଟଣାକୁ ନେଇ ଓଡ଼ିଶା ଏବେ ଜାତୀୟ ସ୍ତରରେ ଦୁର୍ନାମ ମୁଣ୍ଡାଉଛି। କେବଳ ଜାତୀୟ ସ୍ତରରେ ନୁହେଁ, ଗତ ଜୁନରେ ଆମେରିକା ପରି ଦେଶ ମଧ୍ୟ ନିଜ ଦେଶର ନାଗରିକ ଓଡ଼ିଶା ଆସିବା ପୂର୍ବରୁ ଆବଶ୍ୟକ ଅନୁମତି ନେବାକୁ ପରାମର୍ଶ ଦେଇଥିଲା। ଯାହା ମହିଳା ସୁରକ୍ଷାକୁ ନେଇ ରାଜ୍ୟର ଗୁରୁତର ସ୍ଥିତିକୁ ଦର୍ଶାଉଛି। ଏକଦା ସୁଦୃଢ଼ ଆଇନ ଶୃଙ୍ଖଳା ସ୍ଥିତି ପାଇଁ ଜାତୀୟସ୍ତରରେ ସୁନାମ ଅର୍ଜିଥିବା ଓଡ଼ିଶା ଏବେ ପ୍ରତିଦିନ ନାରୀ ବିରୋଧୀ ହିଂସା ପାଇଁ ଜାତୀୟ ଗଣମାଧ୍ୟମର ଶିରୋନାମା ପାଲଟୁଛି। ଦିଲ୍ଲୀରେ କଂଗ୍ରେସ ପକ୍ଷରୁ ପ୍ରାୟ ପ୍ରତିଟି ଘଟଣାରେ ସାମ୍ବାଦିକ ସମ୍ମିଳନୀ କରାଯାଉଥିବା ବେଳେ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ପରି ନେତା ଓଡ଼ିଶା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରୁଛନ୍ତି। ଏପଟେ ରାଜ୍ୟରେ ପ୍ରମୁଖ ବିରୋଧୀ ବିଜେଡି ମଧ୍ୟ ପ୍ରତିଟି ଘଟଣାରେ ମୁଖର ହୋଇ ସରକାରଙ୍କୁ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଚାପ ସୃଷ୍ଟି କରୁଛି। ଏହାସତ୍ତ୍ୱେ ସରକାର କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ ନକରିବାକୁ ନେଇ ସାଧାରଣରେ ଆଶ୍ଚର୍ଯ୍ୟ ପ୍ରକାଶ ପାଇଲାଣି।

ବୁଦ୍ଧିଜୀବୀ ମହଲର ଯୁକ୍ତି ଅନୁଯାୟୀ ସରକାରରେ କୌଣସି ଉତ୍ତରଦାୟିତ୍ୱ ନରହିବା କାରଣରୁ ପରିସ୍ଥିତି ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଶାସନତନ୍ତ୍ରରେ ଶୃଙ୍ଖଳା ନଥିବା ବେଳେ ସରକାର ନିଜସ୍ୱ ସ୍ତରରେ କୌଣସି ନିଷ୍ପତ୍ତି ନେବାକୁ ସକ୍ଷମ ନୁହନ୍ତି। ପୁନଶ୍ଚ କୌଣସି ଗୁରୁତର ଘଟଣାରେ କେହି ଉତ୍ତରଦାୟିତ୍ୱ ମୁଣ୍ଡାଉ ନଥିବାରୁ ଶାସନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଲଗାମହୀନ ହୋଇ ପଡ଼ିଲାଣି। ଯାହାଫଳରେ ଅପରାଧୀଙ୍କ ମନୋବଳ ରାଜ୍ୟରେ ବର୍ତ୍ତମାନ ଉପରମୁହାଁ ହେବାରେ ଲାଗିଛି। ପୁଲିସ ପ୍ରଶାସନ ଉପରୁ ଅପରାଧୀଙ୍କ ଭୟ ଛାଡ଼ିଗଲାଣି।

ବିଶେଷକରି ଗତ ବର୍ଷେ ୧ ମାସ ମଧ୍ୟରେ ଯେତେ ଅଘଟଣ ଘଟିଛି, ସରକାର କାହା ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ତାହାର ଫଳ ଏବେ ସରକାର ନିଜେ ଭୋଗୁଛନ୍ତି ବୋଲି ବିଶେଷଜ୍ଞ ମହଲ ମତ ରଖିଛନ୍ତି। ଏପଟେ ରାଜ୍ୟରେ ମହିଳା ସୁରକ୍ଷା ଦିନକୁ ଦିନ ସଙ୍ଗିନ ହେଉଥିବା ବେଳେ ଏହା ରାଜ୍ୟର ସାମଗ୍ରିକ ବିକାଶ ପ୍ରକ୍ରିୟାକୁ ମଧ୍ୟ ଗୁରୁତର ଭାବେ ପ୍ରଭାବିତ କରିବ। ଆଇନ ଶୃଙ୍ଖଳା ସ୍ଥିତି କାରଣରୁ ଓଡ଼ିଶାକୁ ଗତ କିଛି ବର୍ଷରେ ନିବେଶକଙ୍କ ସୁଅ ଛୁଟୁଥିଲା। ଯାହାର ସୁଫଳ ନିକଟରେ ଅନୁଷ୍ଠିତ ମେକ ଇନ୍ ଓଡ଼ିଶା କନକ୍ଲେଭରେ ମଧ୍ୟ ମୋହନ ସରକାରଙ୍କୁ ମିଳିଥିଲା। ମାତ୍ର ରାଜ୍ୟର ଆଇନ ଶୃଙ୍ଖଳା ଯଦି ପ୍ରତ୍ୟହ ଏପରି ନିମ୍ନଗାମୀ ହୁଏ, ତାହେଲେ ଓଡ଼ିଶାରେ ନିବେଶ, କାରବାର କରିବା ପୂର୍ବରୁ ନିବେଶକ ଏକାଧିକ ବାର ଚିନ୍ତା କରିବେ। ଯାହାର ନକରାତ୍ମକ ଫଳ ଓଡ଼ିଶାକୁ ହିଁ ଭୋଗିବାକୁ ପଡ଼ିବ। ତେଣୁ ସରକାର ତୁରନ୍ତ ଏପରି ଘଟଣାରେ କଡ଼ା ଏବଂ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସାଧାରଣରେ ଦାବି ହେଉଛି।




# ସେବାରେ ସମର୍ପଣ ପୁଷ୍ପାଞ୍ଜଳି

**ପେସାରେ ସେ ଜଣେ ଆଶା କର୍ମୀ। ତାଙ୍କ ନିଶା କିନ୍ତୁ ସମାଜସେବା। ବଣଜଙ୍ଗଲ ଘେରା ଦୁର୍ଗମ ଅଞ୍ଚଳରେ ଘର ଘର ବୁଲି ଲୋକଙ୍କୁ ସେ ସ୍ୱାସ୍ଥ୍ୟ ସଚେତନ କରିଥାନ୍ତି। ବର୍ଷାଦିନେ ପରିବେଶକୁ ନିର୍ମଳ ରଖି ମଶା, ମାଛି, ବିଷାକ୍ତ କୀଟପତଙ୍ଗ ପ୍ରାଦୁର୍ଭାବକୁ କିପରି ପ୍ରତିହତ କରାଯିବ ସେଥିପ୍ରତି ଧ୍ୟାନ ଦେଇଥାନ୍ତି। ଏଥିସହ ଗର୍ଭବତୀ ମହିଳା, ଶିଶୁ ଓ ବୃଦ୍ଧାଙ୍କୁ ବର୍ଷାଦିନେ ସଂକ୍ରମଣ ହେଉଥିବା ରୋଗ ଓ ଏହାର ପ୍ରତିକାର ବ୍ୟବସ୍ଥାକୁ ନେଇ ଲୋକଙ୍କୁ ସଚେତନ କରିଥାନ୍ତି। ସେହି ପରପୋକାରୀ ମହିଳା ଜଣକ ହେଉଛନ୍ତି, ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ସିନ୍ଦୂରଶୀଲ ଗ୍ରାମର ପୁଷ୍ପାଞ୍ଜଳି ମେହେର।**

୪୬ ବର୍ଷିୟା, ଏହି ମହିଳା ଆଶା କର୍ମୀ ଭାବେ କାର୍ଯ୍ୟ କରି ଉପାନ୍ତ ଅଞ୍ଚଳରେ ଲୋକଙ୍କୁ ସେବା ପ୍ରଦାନ କରନ୍ତି।

ପାହାଡ଼ ପର୍ବତ ଘେରା ଦୁର୍ଗମଅଞ୍ଚଳରେ ଘରକୁ ଘର ବୁଲି ସେ ଲୋକଙ୍କୁ ସଚେତନ କରନ୍ତି। ବର୍ଷାଋତୁରେ ଜଙ୍ଗଲ ପରିବେଷ୍ଟିତ ଅଞ୍ଚଳରେ ମଶା, ମାଛି, କୀଟ ପତଙ୍ଗର ପ୍ରାଦୁର୍ଭାବ ବଢ଼ିଥାଏ। ଏହାକୁ ପ୍ରତିହତ କରିବା ସହ ଲୋକଙ୍କୁ ପରିବେଶ ନିର୍ମଳ ରଖିବା ପାଇଁ ସେ ଦ୍ୱାର ଦ୍ୱାର ବୁଲି ଅବଗତ କରିଥାନ୍ତି। ଏପରିକି ଥଣ୍ଡା, କାଶ ଜ୍ୱର, ଡାଇରିଆ, ଡେଙ୍ଗୁ ଭଳି ମାରାତ୍ମକ ରୋଗରୁ ଦୂରେଇ ରଖିବା ପାଇଁ ପ୍ରାଥମିକ ସ୍ତରରେ କେଉଁ ପଦକ୍ଷେପ ନିଆଯିବ ତା' ଉପରେ ସଚେତନ କରିଥାନ୍ତି। ବିଶେଷ କରି ବର୍ଷାଦିନେ ଗର୍ଭବତୀ ମହିଳା, ଶିଶୁ ବୟସ୍କ ବ୍ୟକ୍ତିଙ୍କୁ ରୋଗ ସଂକ୍ରମଣ ଓ ଏହାର ପ୍ରତିକାର ଉପରେ ଧ୍ୟାନ ଦେଇଥାନ୍ତି। ଲୋକେ ଅସୁସ୍ଥ ହେଲେ ଡାକ୍ତରଙ୍କ ପାଖକୁ ନେଇ ରକ୍ତ ପରୀକ୍ଷା କରିବା ସହ ରୋଗ ନିରାକରଣରେ ସହାୟତା କରିଥାନ୍ତି। ନାଳନର୍ଦ୍ଦମା ସଫା କରିବା, ଘର କିମ୍ବା ବିଦ୍ୟାଳୟ ନିକଟରେ ପାଣି ଜମା ହେବାକୁ ନ ଦେବା, ଘର ଚତୁଃପାର୍ଶ୍ୱକୁ କୀଟନାଶକ (ଡିଡିଟି) ସିଞ୍ଚନ କରି ପରିବେଶ ସୁସ୍ଥ ରଖିବା ଦିଗରେ ସେ କାର୍ଯ୍ୟ କରିଥାନ୍ତି। ଏଥିସହ ମଶାରୀ ଟାଙ୍ଗି ଶୋଇବା, ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟଯତ୍ନ, ପୁଷ୍ଟିକର ଆହର ସହ ବିଭିନ୍ନ ସ୍ୱାସ୍ଥ୍ୟଯତ୍ନର ସୁରକ୍ଷା ନିଜେ କରି, ଅନ୍ୟକୁ ଶିଖାଇବାକୁ ଲୋକଙ୍କୁ ପରାମର୍ଶ ଦେଇଥାନ୍ତି। ସେବାରୁ ଆତ୍ମସନ୍ତୋଷ ମିଳେ ସେ ବୋଲି ସେ କହିଛନ୍ତି।

ରିପୋର୍ଟ- ଶୁଭ୍ରାଂଶୁ କୁମାର ନାଏକ
ସିନାପଲି, ନୂଆପଡ଼ା

# ଘରେ ତିଆରି ପରଫ୍ୟୁମ୍



**ମହିଳାମାନେ ନିଜକୁ ସତେଜ ରଖିବା ପାଇଁ ପରଫ୍ୟୁମ୍ ଓ ଡିଓଡ୍ରାଣ୍ଟ ବ୍ୟବହାର କରିଥାନ୍ତି। ଏହା ଦୁର୍ଗନ୍ଧ ଦୂର କରି ମୁଡ୍‌କୁ ଫ୍ରେସ୍ କରିଥାଏ; କିନ୍ତୁ ବଜାରରେ ମିଳୁଥିବା ପରଫ୍ୟୁମ୍‌ର ମୂଲ୍ୟ ବୃଦ୍ଧି ହେତୁ ଏହା କିଣିବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ। ସେହିପରି ଟଙ୍କା ଦେଇ କିଣିବା ସତ୍ତ୍ୱେ, ଏହାର ସୁଗନ୍ଧ ବେଶୀ ସମୟ ରହି ନ ଥାଏ। ତେଣୁ ଘରେ କମ ଖର୍ଚ୍ଚରେ କିପରି ପରଫ୍ୟୁମ୍ ତିଆରି କରିପାରିବେ। ଜାଣିବା ସେ ବିଷୟରେ...**

- ଗୋଟିଏ ସ୍ପ୍ରେ ବୋତଲ ନେଇ ଭଲରେ ଧୋଇ ଖରାରେ ଶୁଖାଇ ଦିଅନ୍ତୁ।
- ଗୋଟିଏ ପାତ୍ରରେ ଅଧା କପ୍ ଗୋଲାପ ଜଳ, ଅଧା କପ୍ ଡିଷ୍ଟିଲ୍‌ଡ ୱାଟର ନିଅନ୍ତୁ। ଗୋଲାପ ଜଳ ତ୍ୱଚାକୁ ଥଣ୍ଡା ରଖୁଥିବାବେଳେ, ଡିଷ୍ଟିଲ୍‌ଡ ୱାଟର ପରଫ୍ୟୁମ୍‌କୁ ହାଲୁକା ଏବଂ ତ୍ୱଚା ଅନୁକୂଳ କରିଥାଏ।
- ଏହାପରେ ଏଥିରେ ୧୫-୨୦ ବୁନ୍ଦା ଏସେନ୍‌ସିଆଲ୍ ଅଏଲ୍ ପକାଇ ଗୋଟିଏ ସଫା ଚାମଚରେ ମିଶାଇ ଦିଅନ୍ତୁ। ଏହାପରେ ଅଳ୍ପ ଅଳ୍ପ କରି ଏହାକୁ ସ୍ପ୍ରେ ବୋତଲରେ ସାଇତି ରଖନ୍ତୁ।
- ବାହାରକୁ ଯିବା ସମୟରେ ସ୍ପ୍ରେ ବୋତଲକୁ ହାଲୁକା ହଲାଇ ବେକ, ହାତ, ଓ ଡ୍ରେସ୍‌ରେ ପକାନ୍ତୁ। ଏହାର ସୁଗନ୍ଧ ଖୁବ୍ ହାଲୁକା ହୋଇଥାଏ। ତେଣୁ ଏକାଧିକଥର ବ୍ୟବହାର କରିପାରିବେ।

# ଫେଶନରେ ସ୍ଲିଭ୍‌ଲେସ୍ କୁର୍ତ୍ତୀ

**ସାଧାରଣତଃ ବର୍ଷାଦିନେ ଗୁଳୁଗୁଳି ଅନୁଭୂତ ହୋଇଥାଏ। ତେଣୁ ଏ ଦିନେ ମହିଳାମାନେ ହାଲୁକା, ଆରାମଦାୟକ ପୋଷାକ ପିନ୍ଧିବାକୁ ଚାହାଁନ୍ତି। ଯାହା ଷ୍ଟାଇଲିଶ୍ ସହ ଏକ କ୍ଲାସି ଲୁକ୍ ଦେଇଥାଏ। ତେବେ ବର୍ଷାଦିନିଆ ଫେଶନ୍‌ରେ ଏବେ ସ୍ଲିଭ୍‌ଲେସ୍ କୁର୍ତ୍ତୀର ଚାହିଦା ଅଧିକ ରହିଛି। ଜାଣିବା ସେ ବିଷୟରେ...**

**ଏମ୍ବ୍ରୋଡୋରୀ –** କୌଣସି ପାର୍ଟି, ଫଙ୍କ୍‌ସନ୍, ଉତ୍ସବକୁ ଯାଉଥିଲେ, ଏ ପ୍ରକାର ଏମ୍ବ୍ରୋଡୋରୀ ଡିଜାଇନ୍ କୁର୍ତ୍ତୀ ପିନ୍ଧିପାରିବେ। ଏହା ସୁନ୍ଦର ସହ ଖୁବ୍ ଷ୍ଟାଇଲିଶ୍ ଦେଖାଯାଏ। ଏହାର ବିଭିନ୍ନ ଡିଜାଇନ ଓ ରଙ୍ଗ ଉପଲବ୍ଧ ରହିଛି। ଏହି କୁର୍ତ୍ତୀ ସହ ଝୁମ୍‌କା ସୁନ୍ଦର ମାନିଥାଏ।

**ପ୍ରିଣ୍ଟେଡ୍ –** ସାଧାରଣତଃ ଅଫିସ୍ ଆଉଟ୍‌ଫିଟ୍‌ରେ ଏକ ଷ୍ଟାଇଲିଶ୍ ଲୁକ୍ ପାଇବାକୁ ଚାହୁଁଥିଲେ, ପ୍ରିଣ୍ଟେଡ୍ ସ୍ଲିଭ୍‌ଲେସ୍ କୁର୍ତ୍ତୀ ପିନ୍ଧିପାରିବେ। ଏଥିରୁ ଏକ ଭିନ୍ନ ଲୁକ୍ ମିଳିଥାଏ। ଏହା ଅନ୍‌ଲାଇନ୍‌ରେ ବିଭିନ୍ନ ଡିଜାଇନରେ ଉପଲବ୍ଧ।



**ସିଲ୍କ –** ଭିଡ଼ରୁ ଭିନ୍ନ ଦିଶିବାକୁ ଚାହୁଁଥିଲେ, ଏପରି କୁର୍ତ୍ତୀ ପିନ୍ଧିପାରିବେ। ଏ ପ୍ରକାର କୁର୍ତ୍ତୀ ଏବେ ଟ୍ରେଣ୍ଡରେ ରହିଛି। ଏହାକୁ ବିଭିନ୍ନ ପୂଜା, ଉତ୍ସବରେ ପିନ୍ଧିପାରିବେ। ଏହା ହାଲୁକା ହୋଇଥିବାରୁ ପିନ୍ଧିବାକୁ ଆରମଦାୟକ ଲାଗିଥାଏ।

# ତାୱା ସିଙ୍ଗଡ଼ା

ମୋ ହାଣ୍ଡିଶାଳରୁ...



### ଆବଶ୍ୟକ ସାମଗ୍ରୀ

ମଇଦା – ୨୦୦ ଗ୍ରାମ୍, ଦହି – ଅଧା କପ୍, ବେକିଂ ସୋଡ଼ା – ଏକ ଚାମଚ, ଦେଶି ଘିଅ – ଏକ ଚାମଚ, ସିଝା ଆଳୁ – ଦୁଇଗୋଟି, ଗ୍ରୀନ୍‌ମଟର – ଏକ କପ୍, କଟା ଅଦା - ଏକ ଚାମଚ, ଜୀରା – ଏକଚାମଚ, ଧନିଆ – ଏକ ଚାମଚ, ପାନମହୁରୀ – ଅଧା ଚାମଚ, ସୋରିଷ – ଅଧା ଚାମଚ, ହଳଦୀଗୁଣ୍ଡ – ଅଧା ଚାମଚ, ଲଙ୍କା ଗୁଣ୍ଡ – ଅଧା ଚାମଚ, କସୁରୀ ମେଥି – ଅଧା ଚାମଚ, ଧନିଆ ପାଉଡର – ଅଧା ଚାମଚ, ଲୁଣ ସ୍ୱାଦ ଅନୁସାରେ , ତେଲ – ଆବଶ୍ୟକତା ଅନୁସାରେ।

### ପ୍ରସ୍ତୁତି ପ୍ରଣାଳି

ଗୋଟିଏ ପାତ୍ରରେ ଅଧା କପ୍ ଦହି ନେଇ ସେଥିରେ ଅଧା ଚାମଚ ଚିନି, ଲୁଣ ଓ ବେକିଂସୋଡ଼ା ଦେଇ ଗୋଳାନ୍ତୁ। ଏହାପରେ ମଇଦା ପକାଇ, ଅଳ୍ପ ପାଣି ଦେଇ ଚକଟି ସୂତା କପଡ଼ାରେ କିଛି ସମୟ ଘୋଡ଼ାଇ ରଖନ୍ତୁ। ପରେ ଏକ ପାତ୍ରରେ ସିଝା ଆଳୁକୁ ଛଡ଼ାଇ ଚକଟନ୍ତୁ। ଏହାପରେ ଗ୍ୟାସ୍ ଲଗାଇ ପ୍ୟାନ୍ ବସାଇ ତେଲ ଦିଅନ୍ତୁ। ତେଲ ଗରମ ହୋଇଗଲେ ସେଥିରେ ଜିରା, ପାନମହୁରୀ, ଗୋଟାଧନିଆ, ସୋରିଷ, କଟା ଅଦା, ଗ୍ରୀନ୍ ମଟର, ଲଙ୍କାଗୁଣ୍ଡ, ଧନିଆଗୁଣ୍ଡ ଦେଇ ଭାଜନ୍ତୁ। ଏହାକୁ ସିଝା ଆଳୁରେ ଦେଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ଚକଟି ରଖିଥିବା ମଇଦାକୁ ଛୋଟ ଗୁଳା କରି ବେଲନ୍ତୁ। ପୂର୍ବରୁ ପ୍ରସ୍ତୁତ କରି ରଖିଥିବା ଆଳୁ ଷ୍ଟଫିଂ ପୂର ଦେଇ ମଇଦାକୁ ତ୍ରିଭୂଜାକାର ଦିଅନ୍ତୁ। କଡ଼େଇରେ ତାୱା ବସାଇ ଅଳ୍ପ ତେଲ ଦେଇ ସିଙ୍ଗଡ଼ାସବୁକୁ ଦେଇ ସେକନ୍ତୁ। ଦୁଇପାଖ ନାଲି ହୋଇଗଲେ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ତାୱା ସିଙ୍ଗଡ଼ା'।

# ଏପରି କରନ୍ତୁ ହ୍ୟାଣ୍ଡବ୍ୟାଗ୍ ସଫା

**ପୋଷାକ ପରି ହ୍ୟାଣ୍ଡବ୍ୟାଗ୍‌ର ମଧ୍ୟ ଲୋକପ୍ରିୟତା ରହିଛି। ମହିଳାମାନେ ଭଳିକି ଭଳି, ଦାମୀ ବ୍ୟାଗ୍ ଧରିବାକୁ ପସନ୍ଦ କରିଥାନ୍ତି। ଏଥିରେ ସେମାନେ ଦରକାରୀ କାଗଜପତ୍ର, ସହ ଆବଶ୍ୟକୀୟ ସାମଗ୍ରୀ ରଖିଥାନ୍ତି। ହେଲେ ଅଧିକ ବ୍ୟବହାର କରିବା ଦ୍ୱାରା ବ୍ୟାଗ୍ ଅପରିଷ୍କାର ହୋଇଯାଏ। ଏହା କିପରି ସଫା କରିବେ ଜାଣି ରଖନ୍ତୁ।**

### ଅଦରକାରୀ କାଗଜ ସଫା

ଅନେକ ସମୟରେ ବ୍ୟାଗ୍‌ରେ ଅଦରକାରୀ କାଗଜ ପତ୍ର ରହି, ବ୍ୟାଗ୍‌କୁ ଅପରିଷ୍କାର କରିଥାଏ। ତେଣୁ ମଝିରେ ମଝିରେ ବ୍ୟାଗ୍‌ରୁ ଅଦରକାରୀ ଜିନିଷ କାଢ଼ି ସଫା କରିବା ଜରୁରୀ। ଏହାଦ୍ୱାରା ବ୍ୟାଗ୍ ସଫା ହେବା ସହ ଜିନିଷ ରଖିବାକୁ ଜାଗା ମଧ୍ୟ ବଢ଼ିଥାଏ।



### ୧୫ ଦିନରେ ଥରେ ସଫା

ଦୈନନ୍ଦିନ ଅଫିସ୍ ନେଇ ଯାଉଥିବା ବ୍ୟାଗ୍‌କୁ ୧୫ ଦିନରେ ଥରେ ସଫା କରିବା ଆବଶ୍ୟକ। ଏଥିପାଇଁ ଗୋଟିଏ ପାତ୍ରରେ ନଖ ଉଷୁମ ଗରମପାଣି ନିଅନ୍ତୁ। ସେଥିରେ ଅଳ୍ପ ସାମ୍ପୁ ମିଶାଇ ଗୋଳାଇ ଦିଅନ୍ତୁ। ଏଥିରେ ଏକ କପଡ଼ା ବୁଡ଼ାଇ ତାକୁ ଭଲରେ ଚିପୁଡ଼ି ଦିଅନ୍ତୁ। ଏହି କପଡ଼ାରେ ବ୍ୟାଗ୍‌ର ବାହାରପାର୍ଶ୍ୱକୁ ଭଲ ଭାବେ ପୋଛି ସଫା କରନ୍ତୁ। ହାଣ୍ଡବ୍ୟାଗ୍ ଯେପରି ଅଧିକ ଓଦା ନ ହୁଏ, ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ।

### ଖରାରୁ ଦୂରେଇ ରଖନ୍ତୁ

ହ୍ୟାଣ୍ଡବ୍ୟାଗ୍ କିମ୍ବା ପର୍ସକୁ ପାଣିରେ ଧୁଅନ୍ତୁ ନାହିଁ। ଏଥିସହ ଖରାରେ ଶୁଖାନ୍ତୁ ନାହିଁ। ଏହାଦ୍ୱାରା ବ୍ୟାଗ୍‌ର ରଙ୍ଗ ଛାଡ଼ି ଯାଏ। ସେହିପରି ଏହାକୁ ଓଦା ସ୍ଥାନରୁ ଦୂରେଇ ରଖିବା ଜରୁରୀ।


### ଦୁର୍ଗନ୍ଧ ଦୂର

ପର୍ସରୁ ଦୁର୍ଗନ୍ଧ ଆସୁଥିଲେ, ଏଥିପାଇଁ ବେକିଂ ସୋଡ଼ା ବ୍ୟବହାର କରିପାରିବେ। ଗୋଟେ ପ୍ୟାକେଟ୍ ବେକିଂ ସୋଡ଼ାକୁ ବ୍ୟାଗ୍‌ରେ ୨୪ ଘଣ୍ଟା ରଖି ଦିଅନ୍ତୁ। ଏହାଦ୍ୱାରା ବ୍ୟାଗର ଦୁର୍ଗନ୍ଧ ଆପେ ଆପେ ଦୂର ହୋଇଥାଏ। ତେବେ ଏହି ଉପାୟ ଆପଣାଇ ଦାମୀ ବ୍ୟାଗ୍‌କୁ ସଫା କରିପାରିବେ।

# ସେଓ ଚୋପାରେ ଫେସ୍‌ପ୍ୟାକ୍



**ସେଓ ଉଭୟ ଶରୀର ଓ ତ୍ୱଚା ପାଇଁ ଖୁବ୍ ଉପକାରୀ ହୋଇଥାଏ। ହେଲେ ଅନେକ ଏହାର ଚୋପାକୁ ଅଦରକାରୀ ଭାବି ଫିଙ୍ଗି ଦିଅନ୍ତି; କିନ୍ତୁ ଚାହିଁଲେ ସେଓ ଚୋପାକୁ ଉପଯୋଗ କରି ଫେସ୍‌ପ୍ୟାକ୍ ପ୍ରସ୍ତୁତ କରିପାରିବେ। ଏହା ତ୍ୱଚା ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ଦୂର କରିଥାଏ।**



- ସେଓ ଚୋପାକୁ ଖରାରେ ଶୁଖାଇ ଗୁଣ୍ଡ କରନ୍ତୁ। ଗୋଟିଏ ପାତ୍ରରେ ସେଓ ଚୋପା ଗୁଣ୍ଡ ନେଇ ସେଥିରେ କ୍ଷୀର ମିଶାନ୍ତୁ।
- ଏହାକୁ ମୁହଁ ଓ ବେକରେ ଭଲଭାବେ ଲଗାନ୍ତୁ। ୨୫ ମିନିଟ୍ ପରେ ମୁହଁକୁ ଧୋଇ ଦିଅନ୍ତୁ। ସପ୍ତାହକୁ ଥରେ ଏହି ଫେସ୍‌ପ୍ୟାକ୍ ବ୍ୟବହାର କରିପାରିବେ।
- ସେହିପରି ସେଓ ଚୋପାରେ କିଛି ଦହି ମିଶାଇ ଏକ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖନ୍ତୁ।
- ମୁହଁ ଶୁଖିଯିବା ପରେ ଧୋଇ ଦିଅନ୍ତୁ। ସପ୍ତାହକୁ ଦୁଇଥର ଏହି ପ୍ୟାକ୍ ଲଗାଇବା ଦ୍ୱାରା ମୁହଁ ଉଜ୍ଜ୍ୱଳ ଦିଶିବ।
- ସେଓ ପାଉଡ଼ରେ ଓଟ୍ସ ଓ ଦହି ମିଶାଇ ଲଗାନ୍ତୁ। ଏହା ଦ୍ୱାରା ମୁହଁ କୋମଳ ହୋଇଥାଏ।

# ଚିଆ ସିଡ୍‌ସ, ଚାଉଳ ପାଣିରେ ନିର୍ମିତ ଜେଲ୍

**କେଶଝଡ଼ା ବର୍ତ୍ତମାନ ସମୟରେ ଏକ ମୁଖ୍ୟ ସମସ୍ୟା। ଏହା ଉଭୟ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟାବସ୍ଥା ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଅନେକ ମହିଳା କେଶଝଡ଼ାକୁ ରୋକିବା ପାଇଁ ବିଭିନ୍ନ ତେଲ, ସାମ୍ପୁ ଆଦି ଲଗାଇଥାନ୍ତି। ହେଲେ ଏହା ସେତେ ପ୍ରଭାବୀ ହୋଇ ନଥାଏ। ତେଣୁ କେଶଝଡ଼ା ସମସ୍ୟାକୁ ପ୍ରାକୃତିକ ଉପାୟରେ ରୋକିବା ପାଇଁ ଚିଆ ସିଡ୍‌ସ ଓ ଚାଉଳଧୁଆ ପାଣିରୁ ଜେଲ୍ ପ୍ରସ୍ତୁତ କରି ଲଗାଇପାରିବେ। ଏହା କେଶଝଡ଼ା ରୋକିବା ସହ ଚନ୍ଦାପଣ ଦୂର କରିଥାଏ।**

### ପ୍ରସ୍ତୁତି

ପ୍ରଥମେ ଚାଉଳକୁ ଦୁଇତିନି ଥର ଧୋଇ ମଇଳା ପାଣି କାଢ଼ି ଦିଅନ୍ତୁ। ଏହାପରେ ଭଲ ପାଣି ଦେଇ ୨୦ ମିନିଟ୍ ବତୁରାନ୍ତୁ। କିଛି ସମୟ ପରେ ଚାଉଳକୁ ଛାଣି ପାଣି ଅଲଗା କରନ୍ତୁ। ସେଥିରେ ଚିଆ ସିଡ୍‌ସ ମିଶାଇ, ଭିଟାମିନ୍-ଇ କ୍ୟାପ୍‌ସୁଲ୍, ଏସେନ୍‌ସିଆଲ୍ ତେଲ ମିଶାଇ ୨୦-୨୫ ମିନିଟ୍ ରଖନ୍ତୁ। ଏହାକୁ ଚାମଚରେ ଘାଣ୍ଟି ଏକ ଜେଲ୍ ପ୍ରସ୍ତୁତ କରନ୍ତୁ।

### ଲଗାଇବା ବିଧି

- ଏହି ଜେଲକୁ କେଶମୂଳରୁ ନେଇ, ଅଗ ଯାଏ, ସମ୍ପୂର୍ଣ୍ଣ କେଶରେ ଭଲ କରି ଲଗାନ୍ତୁ। ଏହାକୁ କିଛି ମିନିଟ୍ ହାଲୁକା ହାତରେ ମସାଜ୍ କରନ୍ତୁ।
- ଏହାକୁ ଲଗାଇବା ପରେ କେଶରେ ଏକ ଟାୱେଲ ଘୋଡ଼ାଇ ୩୦ ମିନିଟ୍ ବା ଏକ ଘଣ୍ଟା ରଖି ଦିଅନ୍ତୁ।
- ଏହାକୁ ଥଣ୍ଡାପାଣିରେ ଧୋଇ ଦିଅନ୍ତୁ। ପରେ କେଶରେ ସାମ୍ପୁ ଓ କଣ୍ଡିସନର୍ ଲଗାଇ ପୁଣି ଥରେ ଧୋଇ ଦିଅନ୍ତୁ।
- ଏହାକୁ ଲଗାଇବା ଦ୍ୱାରା କେଶ ଧୀରେ ଧୀରେ ବଢ଼ିଥାଏ। ଏହାକୁ ନିୟମିତ ବ୍ୟବହାର କରିବା ଦ୍ୱାରା ଚନ୍ଦାପଣ ଦୂର ହୋଇ ନୂଆ କେଶ ଉଠିଥାଏ।



## ଏସିଆ କପ୍ ହକି କ୍ୟାମ୍ପ୍‌ରେ ଓଡ଼ିଶାରୁ ୫ ସାମିଲ

ନୂଆଦିଲ୍ଲୀ,୧୯।୭ (ଏଜେନ୍ସି): ଚୀନ୍‌ରେ ଚଳିତବର୍ଷ ସେପ୍ଟେମ୍ବର ୫ରୁ ଆରମ୍ଭ ହେବାକୁ ଯାଉଛି ବରିଷ୍ଠ ମହିଳା ଏସିଆ କପ୍ ହକି। ଏହି ପ୍ରତିଯୋଗିତା ଲାଗି ଭାରତୀୟ ଦଳର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ବେଙ୍ଗାଲୁରୁର ସାଇ ସେଣ୍ଟରରେ ଜୁଲାଇ ୨୧ରୁ ୨୯ ଯାଏ ହେବାକୁ ଥିବା ପ୍ରଥମ କୋଚିଂ କ୍ୟାମ୍ପ ଲାଗି ଏକ ୪୦ ଜଣିଆ କୋର୍ ଗ୍ରୁପ୍ ଚୟନ କରାଯାଇଛି। ଏସିଆ କପ୍‌କୁ ଗୁରୁତ୍ୱ ଦେବାର ଅର୍ଥ ହେଉଛି ଟାଇଟଲ ବିଜୟୀ ଦଳ ସିଧାସଳଖ ୨୦୨୬ ମହିଳା ବିଶ୍ୱକପ୍ ହକିକୁ ଯୋଗ୍ୟତା ଅର୍ଜନ କରିଛି। ଏହି ୪୦ ଜଣିଆ କୋର୍ ଗ୍ରୁପ୍‌ରେ ଓଡ଼ିଶାରୁ ୫ ଖେଳାଳି ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଗୋଲରକ୍ଷକ ମାଧୁରୀ କିଣ୍ଡୋ, ଡିଫେଣ୍ଡର ଜ୍ୟୋତି ଛତ୍ରୀ, ସୁଜାତା କୁଜୁର, ମିଡ୍‌ଫିଲ୍ଡର ଆଜମିନା କୁଜୁର, ସୁନେଲିତା ଟପ୍ପୋ ପ୍ରମୁଖ ସ୍ଥାନ ପାଇଛନ୍ତି। ବେଙ୍ଗାଲୁରୁରେ କ୍ୟାମ୍ପ ପରେ ଟିମ୍ ସିଧାସଳଖ ହାଙ୍ଗଝୋଉ ଯାତ୍ରା କରିବେ। ଏହି କ୍ୟାମ୍ପରେ ହେଡ୍ କୋଚ୍ ହରେନ୍ଦ୍ର ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହେବ।

## ବେଙ୍ଗଲ ରଣଜୀ ସମ୍ଭାବ୍ୟ ଦଳରେ ସାମି



କୋଲକାତା,୧୯।୭ (ଏଜେନ୍ସି): ଭାରତୀୟ ଦଳର ଫାଷ୍ଟ ବୋଲର ମହମ୍ମଦ୍ ସାମିଙ୍କୁ ଆସନ୍ତା ରଣଜୀ ସିଜନ ଲାଗି ବେଙ୍ଗଲ ସମ୍ଭାବ୍ୟ ଦଳରେ ସାମିଲ କରାଯାଇଛି। ଆଇପିଏଲ୍‌ରେ ନିରାଶାଜନକ ଖେଳିବା ପରେ ତାଙ୍କ ଫିଟ୍‌ନେସ ନେଇ ଆଶଙ୍କା ପ୍ରକାଶ ପାଇଥିଲା। ଏବେ ସେ ସିଜନର ପ୍ରଥମ ମ୍ୟାଚ୍‌ରେ ପୂର୍ବାଞ୍ଚଳ ପକ୍ଷରୁ ଦୁଲୀପ ଟ୍ରଫି ଖେଳି ପ୍ରତିଯୋଗିତାମୂଳକ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରାଯାଉଛି। ଭାରତୀୟ ଦଳ ସହ ଇଂଲଣ୍ଡ ଗସ୍ତରେ ଯାଇଥିବା ଆକାଶ ଦୀପ ଓ ଅଭିମନ୍ୟୁ ଈଶ୍ୱରନ, ଭାରତୀୟ କ୍ରିକେଟ ଦଳର ଅନ୍ୟତମ ଫାଷ୍ଟ ବୋଲର ମୁକେଶ କୁମାର, ଆଇପିଏଲ୍ ଷ୍ଟାର ଅଭିଷେକ ପୋରେଲ ଓ ଶାହାବାଜ ଅହମ୍ମଦ୍, ସିନିୟର ବ୍ୟାଟର ଅନୁଷ୍ଟୁପ ମଜୁମଦାରଙ୍କ ମଧ୍ୟ ୫୦ ଜଣିଆ ସମ୍ଭାବ୍ୟ ଦଳରେ ସ୍ଥାନ ମିଳିଛି। ଅନୁଷ୍ଟୁପ କ୍ରମାଗ ଦ୍ୱିତୀୟ ବର୍ଷ ଲାଗି ଦଳର ନେତୃତ୍ୱ ନେବାର ସମ୍ଭାବନା ରହିଛି।

## ନିର୍ଦ୍ଧାରିତ ସମୟରେ ହେବ ଚେନ୍ନାଇ ଓପନ ଟେନିସ

ଚେନ୍ନାଇ,୧୯।୭ (ଏଜେନ୍ସି): ବିଶ୍ୱର ଅନ୍ୟତମ ଟାଣୁଆ ଟୁର୍ଣ୍ଣାମେଣ୍ଟ ଚେନ୍ନାଇ ଓପନ ଟେନିସ ନିର୍ଦ୍ଧାରିତ ସମୟରେ ଚେନ୍ନାଇରେ ଆରମ୍ଭ ହେବ ବୋଲି କିଂବଦନ୍ତୀ ଖେଳାଳି ତଥା ତାମିଲନାଡୁ ଟେନିସ ସଂଘ ସଭାପତି ବିଜୟ ଅମୃତରାଜ ପ୍ରକାଶ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ମେକ୍ସିକୋରେ ଆୟୋଜିତ ହୋଇଥିଲା। କିନ୍ତୁ ତାମିଲନାଡୁ ସରକାରଙ୍କ ସହଯୋଗ ପରେ ଏହାକୁ ଚେନ୍ନାଇ ସ୍ଥାନାନ୍ତର କରାଯାଉଛି ବୋଲି ସେ କହିଛନ୍ତି। ଅନ୍ତର୍ଜାତୀୟ ଇଭେଣ୍ଟ ଆୟୋଜନ କରୁଥିବା ସଂସ୍ଥା ଅକ୍ଟାଗନ ଆସନ୍ତା ୩ ବର୍ଷ ଲାଗି ଚେନ୍ନାଇରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ଚୁକ୍ତିବଦ୍ଧ ହୋଇଛି। କିନ୍ତୁ ଏଠାରେ ଷ୍ଟାଡିୟମ୍ ନବୀକରଣ, ନୂଆ କୋର୍ଟ ସ୍ଥାପନ ଆଦି କାର୍ଯ୍ୟକ୍ରମ ଚାଲୁଥିବାରୁ ଏହା ନିର୍ଦ୍ଧାରିତ ସମୟରେ ଆୟୋଜନ ନେଇ ଆଶଙ୍କା ପ୍ରକାଶ ପାଇଛି। କିନ୍ତୁ ଏହି ସବୁ କାମ ଲାଗି ତାମିଲନାଡୁ ସରକାର ୧୨ କୋଟି ଟଙ୍କା ବ୍ୟୟ କରିବେ ବୋଲି କ୍ରୀଡ଼ାମନ୍ତ୍ରୀ ଉଦୟନିଧି ଷ୍ଟାଲିନ୍ ଘୋଷଣା କରିଛନ୍ତି। ସମସ୍ତ ପ୍ରତିବନ୍ଧକ ସତ୍ତ୍ୱେ ଏହି ଟୁର୍ଣ୍ଣାମେଣ୍ଟ ନିର୍ଦ୍ଧାରିତ ସମୟ ଅକ୍ଟୋବର ୨୭ରୁ ଆରମ୍ଭ ହୋଇ ନଭେମ୍ବର ୨ରେ ଶେଷ ହେବ ବୋଲି ଅମୃତରାଜ କହିଛନ୍ତି।

### ଓଲ୍ଡ ଟ୍ରାଫୋର୍ଡରେ ଗୋଟିଏ ମ୍ୟାଚ୍ ଜିତିନି ଭାରତ; ଚୂଡାନ୍ତ ଏକାଦଶ ଚୟନକୁ ନେଇ ଦ୍ୱନ୍ଦ୍ୱ

# ଗିଲ୍‌ଙ୍କ ପାଇଁ ଅଗ୍ନି ପରୀକ୍ଷା ଚତୁର୍ଥ ଟେଷ୍ଟ

ଓଲ୍ଡ ଟ୍ରାଫୋର୍ଡ,୧୯।୭ (ଏଜେନ୍ସି)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ୩ଟି ମ୍ୟାଚ୍ ଶେଷ ହୋଇଛି। ଏହା ମଧ୍ୟରୁ ଇଂଲଣ୍ଡ ୨ଟି ଓ ଭାରତ ଗୋଟିକରେ ବିଜୟୀ ହୋଇଛି। ସିରିଜ୍‌ରେ ୧-୨ରେ ପଛୁଆ ଥାଇ ଭାରତ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଚତୁର୍ଥ ଟେଷ୍ଟ ଖେଳିବାକୁ ଯାଉଛି। ଏହି ସିରିଜ୍‌ରେ ଭାରତର ନେତୃତ୍ୱ ନେଉଛନ୍ତି ୨୫ ବର୍ଷୀୟ ଯୁବ ଅଧିନାୟକ ଶୁବମନ ଗିଲ୍। ପ୍ରଥମ ୩ଟି ଟେଷ୍ଟର ଗୁରୁତ୍ୱପୂର୍ଣ୍ଣ ସମୟରେ ଥଣ୍ଡା ମିଜାଜ ନେଇ ପରିସ୍ଥିତିର ଉଚିତ ମୁକାବିଲା କରିଛନ୍ତି ଏହି ଅଧିନାୟକ। ପିଚ୍‌ରେ ନିଜର ଆକ୍ରମଣାତ୍ମକ ବ୍ୟାଟିଂ ଓ ପଡ଼ିଆରେ ରଣନୀତି ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ବରିଷ୍ଠ ଖେଳାଳିଙ୍କୁ ପ୍ରଭାବିତ କରିଛନ୍ତି ଗିଲ୍। କିନ୍ତୁ ଟେଷ୍ଟ ସିରିଜ୍ ପଛୁଆ ଥିବା ବେଳେ ଚତୁର୍ଥ ମୁକାବିଲାରେ ସେ କିପରି ରଣନୀତି ସହ ଦଳର ନେତୃତ୍ୱ ନେବେ ତାହାକୁ ନେଇ ଏବେ ସୃଷ୍ଟି ହୋଇଛି ଅନେକ ପ୍ରଶ୍ନ। ଅନ୍ୟପକ୍ଷରେ କହିବାକୁ ଗଲେ ଚତୁର୍ଥ ଟେଷ୍ଟ ହେବ ଅଧିନାୟକ ଗିଲ୍‌ଙ୍କ ଲାଗି ଅଗ୍ନି ପରୀକ୍ଷା। ଯଦିଓ ଗିଲ୍‌ଙ୍କ ଲାଗି ଏହା ଏକ କଷ୍ଟସାଧ କାମ ତଥାପି ଏହି ସମୟରେ ହିଁ ଜଣେ ସେନାପତିର ନେତୃତ୍ୱ ନେବାର ଅସଲ ପରୀକ୍ଷା ହୋଇଥାଏ। ଗିଲ୍ ଏଭଳି ଏକ ପରୀକ୍ଷାରେ ଅବତୀର୍ଣ୍ଣ ହୋଇଛନ୍ତି। ଏଥିରେ ସେ ସଫଳ ହେବେ କି ବିଫଳ ତାହା ସମୟ କହିବ।



ଅଷ୍ଟ୍ରେଲିଆର କିଂବଦନ୍ତୀ ଖେଳାଳି ତଥା ପୂର୍ବତନ ଅଧିନାୟକ ଗ୍ରେଗ୍ ଚାପେଲ ନିକଟରେ ଲେଖିଥିଲେ, ଗିଲ୍ ଏବେ ସମର୍ଥକଙ୍କ ଆଶା ପୂରଣ କରିବା ସହ ପ୍ରଦର୍ଶନରେ ସ୍ଥିରତା ବଜାୟ ରଖିବାର ସମୟ ଆସିଛି। ଏହା ହିଁ ସିରିଜ୍‌ର ଫଳାଫଳ ନିର୍ଣ୍ଣୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଚତୁର୍ଥ ଟେଷ୍ଟ ଗିଲ୍‌ଙ୍କୁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ଅପେକ୍ଷା କରିଛି। ଏହାକୁ ମୁକାବିଲା କରିବା କଷ୍ଟକର କଥା।

ଲଢୁଆ ଓ ଭଲ ଖେଳିବା ସତ୍ତ୍ୱେ ଦଳର ସମୀକରଣ ଓ ଫର୍ମକୁ ନେଇ ମଧ୍ୟ କିଛି ଅସୁବିଧା ରହିଛି। ତାହା ମଧ୍ୟରୁ ପ୍ରଥମଟି ହେଉଛି ଓଲ୍ଡ ଟ୍ରାଫୋର୍ଡରେ ଚୂଡାନ୍ତ ଏକାଦଶ ଚୟନ। ଏହି ଟେଷ୍ଟରେ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଖେଳିବେ ନା ତାଙ୍କୁ ବିଶ୍ରାମ ଦିଆଯିବ ତାହା ହେଉଛି ପ୍ରଥମ ନିଷ୍ପତ୍ତି। ସେହିପରି ନଂ-୩ରେ କରୁଣ ନାୟାରଙ୍କୁ ୪ଟି ଇନିଂସରେ ଖେଳିବାର ସୁଯୋଗ ଦିଆଯାଇଛି। ସେ ଭଲ ଆରମ୍ଭ କରିଥିଲେ ମଧ୍ୟ ବଡ଼ ସ୍କୋର କରିପାରି ନାହାନ୍ତି। ଏଭଳି ସ୍ଥିତିରେ ତାଙ୍କୁ ପୁଣିଥରେ ସୁଯୋଗ ଦିଆଯିବ ନା ଅନ୍ୟ କେହି ଖେଳିବେ ତାହା ହେଉଛି ଦ୍ୱିତୀୟ ବଡ଼ ନିଷ୍ପତ୍ତି। ଏବେ ସୁଦ୍ଧା ଭାରତୀୟ ସ୍ପିନର ସେମାନଙ୍କ ଯାଦୁ ଦେଖାଇ ନାହାନ୍ତି। ଏଭଳି ସମୟରେ ରିଷ୍ଟ ସ୍ପିନର କୁଲଦୀପ ଯାଦବଙ୍କୁ ସୁଯୋଗ ଦିଆଯିବ ନା ନାହିଁ, ତାହା ହେଉଛି ତୃତୀୟ ନିଷ୍ପତ୍ତି। ଏହି ସବୁ ନିଷ୍ପତ୍ତି ନେବାରେ ଗିଲ କେତେ ପରିପକ୍ୱତା ପ୍ରଦର୍ଶନ କରୁଛନ୍ତି ତାହା ଉପରେ ତାଙ୍କ ଅଧିନାୟକତ୍ୱର ଓ ଏହି ସିରିଜ୍‌ର ଭବିଷ୍ୟତ ନିର୍ଭର କରୁଛି।

ଚଳିତ ସିରିଜର ତୃତୀୟ ମୁକାବିଲାରେ ଗିଲ୍‌ଙ୍କ ବ୍ୟାଟିଂ ଫେଲ ମାରିଥିଲା। କିନ୍ତୁ ସେ ଏହି ସିରିଜ୍‌ରେ ଏଯାଏ ୬ଟି ଇନିଂସରୁ ୬୦୭ ରନ୍ କରିସାରିଛନ୍ତି। ଏଣୁ ସେ ଜଣେ ବ୍ୟାଟର ଭାବେ ସଫଳତା ପାଇଛନ୍ତି। ଏ ସମ୍ପର୍କରେ ଇଂଲଣ୍ଡର ପୂର୍ବତନ ଅଧିନାୟକ ଆଣ୍ଡ୍ର୍ୟୁ ଷ୍ଟ୍ରସ୍ କହନ୍ତି, ଅଧିନାୟକ ହେବାର ପ୍ରାଥମିକ ପର୍ଯ୍ୟାୟରେ ବ୍ୟାଟିଂ ଓ ନେତୃତ୍ୱ ନେବାରେ ଜଣେ ଖେଳାଳିଙ୍କୁ ଉପଯୁକ୍ତ ସମନ୍ୱୟ ରଖିବାରେ ବିଶେଷ କଷ୍ଟ ସ୍ୱୀକାର କରି ନ ଥାନ୍ତି। ଗିଲ୍‌ଙ୍କ କ୍ଷେତ୍ରରେ ତାହା ଘଟିଛି। ସେ ଜଣେ ପ୍ରତିଭାସମ୍ପନ୍ନ ଖେଳାଳି। ନେତୃତ୍ୱ ନେବାର ଅଧିକ ଦାୟିତ୍ୱ ତାଙ୍କୁ ବ୍ୟାଟିଂରେ ସଫଳତା ଆଣିବାକୁ ଉତ୍ସାହିତ କରିଛି। କିନ୍ତୁ ଅଧିକ ଦିନ ହେଲେ ଏଥିରେ ସନ୍ତୁଳନ ରଖିବା କଷ୍ଟକର ହୋଇଥାଏ। ମୋ ମତରେ ଗିଲ୍ ଏବେ ଠିକ୍ ରାସ୍ତାରେ ଚାଲିଛନ୍ତି। ସେ ଏହି ରାସ୍ତାରେ ଚାଲିଲେ କିଛି ଅସୁବିଧା ହେବ ନାହିଁ ବୋଲି ଷ୍ଟ୍ରସ୍ ଆଶା ପ୍ରକାଶ କରିଛନ୍ତି।

ଏପରି ଏକ ହାଇଭୋଲ୍ଟେଜ୍ ସିରିଜ୍‌ରେ ଚାପର ମୁକାବିଲା କରିବା କଷ୍ଟକର ହୋଇଥାଏ। ଏହାକୁ ମୁକାବିଲା କରିବାକୁ ଗିଲ୍ କିଛି କୌଶଳ ଶିଖିବା ଉଚିତ୍। ନିଜ ଉପରେ ବିଶ୍ୱାସ ରଖିବା, ପଡ଼ିଆରେ ଆବଶ୍ୟକତା ଅନୁଯାୟୀ ଯୋଜନା କରିବା ଓ ଯୋଜନାରେ ପରିବର୍ତ୍ତନ କରିବା ଜଣେ ଅଧିନାୟକଙ୍କ ଲାଗି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାମ। ମୋର ବିଶ୍ୱାସ ଅଧିନାୟକ ଭାବେ ଗିଲ୍ ଏଯାଏ ସବୁଠିକ୍ କରିଆସିଛନ୍ତି। ଏହାକୁ ବଜାୟ ରଖିପାରିଲେ ସେ ଜଣେ ବିଚକ୍ଷଣ ଅଧିନାୟକ ହୋଇପାରିବେ ବୋଲି ଇଂଲଣ୍ଡର ପୂର୍ବତନ ଅଧିନାୟକ ଡେଭିଡ ଗାୱାର କହିଛନ୍ତି। ନେତୃତ୍ୱ ନେବାର ଏହା ପ୍ରକୃଷ୍ଟ ସମୟ ଓ ବୟସ ବୋଲି ମଧ୍ୟ ଗାୱାର ମତଦେଇଛନ୍ତି।

## ସିରିଜ୍ ବରାବର କଲା ଇଂଲଣ୍ଡ

**ଦ୍ୱିତୀୟ ମହିଳା ଦିନିକିଆ**

ଲଣ୍ଡନ,୧୯।୭ (ଏଜେନ୍ସି): ଦୁଇ ବାମହାତୀ ସ୍ପିନର ସୋଫି ଇକ୍ଲେଷ୍ଟୋନ୍ (୩/୨୭) ଓ ଲିନ୍‌ସେ ସ୍ମିଥ୍ (୨/୨୮)ଙ୍କ ସୁନ୍ଦର ବୋଲିଂ ଓ ୱିକେଟ ରକ୍ଷକ ଆମି ଜୋନ୍ସଙ୍କ ଅପରାଜିତ ୪୬ ରନ୍ ସହାୟତାରେ ଏଠାରେ ଶନିବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ମହିଳା ଦିନିକିଆରେ ଇଂଲଣ୍ଡ ୮ ୱିକେଟରେ ଭାରତକୁ ପରାସ୍ତ କରିଛି। ଏହା ଫଳରେ ଦୁଇ ଦେଶ ମଧ୍ୟରେ ଚାଲିଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ୧-୧ ବରାବର ସ୍ଥିତିରେ ରହିଛି। ସାଉଥାମ୍ପଟନରେ ଜୁଲାଇ ୧୬ରେ ଅନୁଷ୍ଠିତ ପ୍ରଥମ ଦିନିକିଆକୁ ଭାରତ ୪ ୱିକେଟରେ ଜିତିଥିଲାବେଳେ ସିରିଜ୍‌ର ତୃତୀୟ ତଥା ନିର୍ଣ୍ଣାୟକ ମୁକାବିଲା ଜୁଲାଇ ୨୨ ତାରିଖ ମଙ୍ଗଳବାର ଚେଷ୍ଟର-ଲୀ-ଷ୍ଟ୍ରିଟ୍‌ରେ ଖେଳାଯିବ। ଐତିହାସିକ ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ଶନିବାର ମ୍ୟାଚ୍ ଆରମ୍ଭରୁ ବର୍ଷା ହେବାରୁ ୨ଘଣ୍ଟାରୁ ଅଧିକ ସମୟ ଖେଳ ବାଧାପ୍ରାପ୍ତ ହୋଇଥିଲା। ଫଳରେ ମ୍ୟାଚ୍‌କୁ ୫୦ ଓଭରରୁ ୨୯ ଓଭରକୁ କମାଇଦିଆଯାଇଥିଲା। ଏଥିରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୮ ୱିକେଟରେ ୧୪୩ ରନ୍ କରିଥିଲା। ଜବାବରେ ଇଂଲଣ୍ଡ ୧୮.୪ ଓଭରରେ ୧ ୱିକେଟ ହରାଇ ୧୦୨ ରନ୍ କରିଥିଲାବେଳେ ବର୍ଷା ଯୋଗୁଁ ପୁନର୍ବାର ଖେଳ ବନ୍ଦ ରହିଥିଲା। ଏହା ପରେ ଡିଏଲଏସ୍ ମେଥଡ ଅନୁଯାୟୀ ଇଂଲଣ୍ଡ ଆଗରେ ୨୪ ଓଭରରେ ୧୧୫ ରନ୍ ପୁନଃଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହାକୁ ଇଂଲଣ୍ଡ ୩ ଓଭର ଓ ୮ ୱିକେଟ ଖେଳ ବାକିଥାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଜୋନ୍ସଙ୍କ ବ୍ୟତୀତ ଟାମି ବିଉମାଉଣ୍ଟ ୨୧ ଓ ନାଟ ସିଭର-ବ୍ରଣ୍ଟ ୨୧ ରନ୍ କରିଥିଲେ। ଭାରତର ସ୍ନେହ ରାଣା ଓ କ୍ରାନ୍ତି ଗୌଡ଼ଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା। ପୂର୍ବରୁ ବ୍ୟାଟିଂ କରିଥିବା ଭାରତ ଇନିଂସରେ ସ୍ମୃତି ମନ୍ଧାନା ୪୨ ଓ ଦୀପ୍ତି ଶର୍ମା ଅପରାଜିତ ୩୦ ରନ୍ କରିଥିଲେ। ହର୍ଲିନ ଦେଓଲ ୧୬ ଓ ଅରୁନ୍ଧତି ରେଡ୍ଡି ୧୪ ରନ୍ କରି ଦୁଇ ଅଙ୍କ ଛୁଇଁବାରେ ସମର୍ଥ ହୋଇଛନ୍ତି।

### • ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

## ବ୍ୟାଡ୍‌ମିଣ୍ଟନ, ଟିଟି କ୍ୱାର୍ଟରରେ ଭାରତ

ଭୁବନେଶ୍ୱର, ୧୯।୭ (ସମିସ): ଭାରତୀୟ ବ୍ୟାଡ୍‌ମିଣ୍ଟନ ଓ ଟେବୁଲ ଟେନିସ ଟିମ୍ ଜର୍ମାନୀର ରୁର-ରାଇନ୍‌ରେ ଚାଲିଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଆସନ୍ତକାଲି ମାଲେସିଆ ସହ ଉଭୟ ଦଳର ମୁକାବିଲା ହେବ। ଏଥିରେ ବିଜୟୀ ହେଲେ ଭାରତକୁ ପଦକ ମିଳିବା ନିଶ୍ଚିତ। ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳରେ କିଟ୍‌ର ଅବିନାଶ ମହାନ୍ତି ଡବଲ୍ସରେ ଖେଳିଥିଲେ। ଉଭୟ ଦଳକୁ ମଧ୍ୟ କିଟ୍‌ରେ ପ୍ରଶିକ୍ଷଣ ଦିଆଯାଇଥିଲା। କ୍ୱାର୍ଟର ଫାଇନାଲରେ ଦଳ ବିଜୟୀ ହେଲେ କିଟ୍ ଲାଗି ଏକ ବଡ଼ ଉପଲବ୍ଧି ହେବ। ଗତ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତ ୨୭ଟି ପଦକ ବିଜୟୀ ହୋଇଥିଲା। ଏଥର ଏହାକୁ ଭାରତ ଅତିକ୍ରମ କରିବା ଲକ୍ଷ୍ୟରେ ରହିଛି। ସୋମବାରଠାରୁ ଆଥ୍‌ଲେଟିକ୍ସ ଓ ଆର୍ଚରୀ ଇଭେଣ୍ଟ ଆରମ୍ଭ ହେବ। ଓଡ଼ିଶାରରେ ପ୍ରଶିକ୍ଷଣ ନେଉଥିବା ଅନିମେଶ କୁଜୁରଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ସେ ୧୦୦, ୨୦୦ ଓ ୪ ଗୁଣା ୪୦୦ ମିଟର ରିଲେ ଇଭେଣ୍ଟରେ ଭାଗନେବେ।

## କାଉଣ୍ଟି କ୍ରିକେଟରୁ ଓହରିଲେ ଋତୁରାଜ

ନାଗପୁର,୧୯।୭ (ଏଜେନ୍ସି): ଇଂଲଣ୍ଡରେ କାଉଣ୍ଟି କ୍ରିକେଟ ଖେଳିବାକୁ ବିଶ୍ୱର ପ୍ରାୟ ସମସ୍ତ ଖେଳାଳି ଆଗ୍ରହୀ ଥା'ନ୍ତି। କିନ୍ତୁ ଏଥିରେ କେତେକ ଖେଳାଳି ସୁଯୋଗ ପାଇ ମଧ୍ୟ ଭିନ୍ନ ଭିନ୍ନ କାରଣରୁ ଖେଳିପାରି ନ ଥାନ୍ତି। ଭାରତର ଅନ୍ୟତମ ପ୍ରତିଷ୍ଠିତ ଖେଳାଳି ତଥା ଆଇପିଏଲ୍ ଟିମ୍ ଚେନ୍ନାଇ ସୁପର କିଙ୍ଗ୍‌ସର ଅଧିନାୟକ ଋତୁରାଜ ଗାଏକୱାଡ୍ ସୁଯୋଗ ପାଇ ମଧ୍ୟ ଖେଳି ପାରି ନାହାନ୍ତି। ବ୍ୟକ୍ତିଗତ କାରଣ ଦର୍ଶାଇ ସେ ଏହି ହାଇ ପ୍ରୋଫାଇଲ ପ୍ରତିଯୋଗିତାରୁ ଓହରିଯାଇଛନ୍ତି। ଚଳିତ ସିଜନରେ ଡିଫେଣ୍ଡିଂ ଚାମ୍ପିଅନ ସରେ ପକ୍ଷରୁ ସେ ଆସନ୍ତା ୨୨ରେ ପ୍ରଥମ ମ୍ୟାଚ ସହ ୫ଟି ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ଥିଲା।

## ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ଆଜି

ଭୁବନେଶ୍ୱର,୧୯।୭ (ସମିସ): ଓଡ଼ିଶାର ପ୍ରମୁଖ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଏସ୍‌ଆର୍ ଚେସ ସେଣ୍ଟର ଓ ଡି ୱେଙ୍ଗରବିର୍ୱେର ମିଳିତ ସହଯୋଗରେ ଆସନ୍ତାକାଲି ବା ରବିବାର ଜୁଲାଇ ୨୦ ତାରିଖ ଅନ୍ତର୍ଜାତୀୟ ଚେସ୍ ଦିବସ ପାଳନ ଅବସରରେ ଏସ୍‌ଆର ରାଜ୍ୟସ୍ତରୀୟ ଓପନ ସ୍କୁଲ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। କଟକ ତ୍ରିଶୁଳିଆସ୍ଥିତ ସେରେମୋନିୟମ ମଣ୍ଡପ ପରିସରରେ ଏହି ଦିନିକିଆ ଟୁର୍ଣ୍ଣାମେଣ୍ଟ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ମୋଟ ୨୦,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ଚାମ୍ପିଅନ ଖେଳାଳି ୫,୦୦୦ ଟଙ୍କା ସହ ଟ୍ରଫି ପାଇବେ। ମୋଟ ୧୫ ଜଣ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯିବ ବୋଲି ଆୟୋଜକ ଏସ୍‌ଆର ଚେସ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ଓ ସଭାପତି ଶୁଭାଶିଷ ପଟ୍ଟନାୟକ ଜଣାଇଛନ୍ତି।

### ୧୬ ବର୍ଷରୁ କମ୍ ଏସୀୟ ଭଲିବଲ

## ଭାରତର କାଂସ୍ୟ ବିଜୟ ସହ ବିଶ୍ୱକପ୍ ଲାଗି ଯୋଗ୍ୟତା



ନାଖୋନ୍ ପାଥମ,୧୯।୭ (ଏଜେନ୍ସି): ଜୁନିଅର ଭଲିବଲରେ ଭାରତକୁ ମିଳିଛି ଏକ ବଡ଼ଫ ସଫଳତା। ଥାଇଲାଣ୍ଡର ନାଖୋନ ପାଥମଠାରେ ଶେଷ ହୋଇଥିବା ୧୬ ବର୍ଷରୁ କମ୍ ଏସୀୟ ଭଲିବଲ ଚାମ୍ପିଅନସିପ୍‌ରେ ଶକ୍ତିଶାଳୀ ଜାପାନକୁ ହରାଇ ଭାରତ କାଂସ୍ୟ ପଦକ ବିଜୟୀ ହୋଇଛି। ଏହା ଫଳରେ ଉଭୟ ଦଳ ସହ ଦୁଇ ଫାଇନାଲିଷ୍ଟ ଇରାନ ଓ ପାକିସ୍ତାନ ମଧ୍ୟ ୧୭ ବର୍ଷରୁ କମ୍ ଏଫ୍‌ଆଇଭିବି ବିଶ୍ୱକପ୍ ଭଲିବଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତା କତାରରେ ଅଗଷ୍ଟ ୧୯ରୁ ୨୯ ଯାଏ ଖେଳାଯିବ। ଗତକାଲି ସେମିଫାଇନାଲରେ ପାକିସ୍ତାନ ନିକଟରୁ ଶୋଚନୀୟ ପରାଜୟ ବରଣ କରିବା ପରେ ଆଜି ବା ଶନିବାର ଜାପାନକୁ ହରାଇବା ଭାରତୀୟଙ୍କ ଲାଗି ନିଶ୍ଚିତଭାବେ ଏକ ଉଲ୍ଲେଖନୀୟ ସଫଳତା। ବିଶେଷକରି ଜାପାନ ନିକଟରୁ ପ୍ରଥମେ ହାରିଥିବା ଭାରତ କାଂସ୍ୟ ପଦକ ମୁକାବିଲାକୁ ୨୫-୨୧, ୧୨-୨୫, ୨୫-୨୩, ୧୮-୨୫, ୧୫-୧୦ରେ ଜିତିଥିଲା। ଭାରତ ପକ୍ଷରୁ ଅବଦୁଲା ୧୬, ଅପ୍ରତିମ ୧୬, ରଫିକ୍ ୧୨ ପଏଣ୍ଟ ସ୍କୋର କରିଥିଲେ।

**ସାହାଣୀ କପ୍-୨୦୨୫**

## ସୁନ୍ଦରଗଡ଼, ବାଲେଶ୍ୱର, ମୟୂରଭଞ୍ଜର ବିଜୟ

ଭୁବନେଶ୍ୱର,୧୯।୭(ସମିସ):

ଫୁଟବଲ ଆସୋସିଏସନ ଅଫ ଓଡ଼ିଶା (ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍ ରାଜ୍ୟର ୪ଟି ଜୋନ୍‌ରେ ଖେଳାଯାଉଛି। ଶନିବାର କେନ୍ଦୁଝର ଜୋନ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ସୁନ୍ଦରଗଡ଼ ଓ ବାଲେଶ୍ୱର ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚ୍‌ରେ ସୁନ୍ଦରଗଡ଼ ୨-୦ ଗୋଲରେ ସୁବର୍ଣ୍ଣପୁରକୁ ପରାସ୍ତ କରିଥିଲା। ଦଳ ପକ୍ଷରୁ ଜାମିର ଓରାମ ଓ ମହେଶ ପ୍ରଧାନ ଗୋଲ ସ୍କୋର କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ବାଲେଶ୍ୱର ରାଜୁ ସିଂଙ୍କ ଡବଲ ଗୋଲ ବଳରେ ଢେଙ୍କାନାଳକୁ ୪-୦ ଗୋଲରେ ପରାସ୍ତ କରିଛି। ବିଜୟ ଦଳ ପକ୍ଷରୁ ଜଗନ୍ନାଥ ସୋରେନ୍ ଓ ମଧୁ ସୋରେନ ଅନ୍ୟ ଦୁଇଟି ଗୋଲ ଦେଇଥିଲେ। ସେହିପରି ବୌଦ୍ଧ ଜୋନ୍‌ରେ ବରଗଡ଼ ଓ କଳାହାଣ୍ଡି ବିଜୟୀ ହୋଇଛନ୍ତି। ଦ୍ୱିତୀୟ ମ୍ୟାଚ୍‌ରେ ବରଗଡ଼ ୩-୦ ଗୋଲରେ ଦେବଗଡ଼କୁ ପରାସ୍ତ କରିଛି। ଆନନ୍ଦ ଓରାମ, ଅଙ୍କିତ ବେହେରା ଓ ସଞ୍ଜୀବ ଦଣ୍ଡସେନା ବିଜୟୀ ବରଗଡ଼ ପକ୍ଷରୁ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ।

### ମୟୂରଭଞ୍ଜର ବୃହତ୍ ବିଜୟ



ବ୍ରହ୍ମପୁର ଜୋନ୍‌ରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ରାୟଗଡ଼ାକୁ ୯-୦ ଗୋଲରେ ହରାଇ ମୟୂରଭଞ୍ଜ ଜିଲ୍ଲା ବୃହତ୍ ବିଜୟ ହାସଲ କରିଛି। ବିଜୟୀ ଦଳ ପକ୍ଷରୁ ବୀରସିଂହ ନାଏକ ହ୍ୟାଟ୍ରିକ୍ ଓ ରାଇସେଡ଼ ଟୁଡୁ ଡବଲ ଗୋଲ ସ୍କୋର କରିଥିଲେ। ୧୧ ନମ୍ବର ଜର୍ସି ପରିହିତ ବୀରସିଂହ ଖେଳର ୧୫, ୧୭ ଓ ୨୬ତମ ମିନିଟ୍‌ରେ ୩ଟିଯାକ ଗୋଲ ସ୍କୋର କରିଥିଲେ। ସେହିପରି ଖେଳର ୩୦ତମ ଓ ୯୦ତମ ମିନିଟ୍‌ରେ ରାଇସେନ ୨ଟି ଗୋଲ ଦେଇଥିଲେ।

ଠାକୁର ମୁର୍ମୁ ୨ଟି, ମାନଚିତ୍ର ମାର୍ଣ୍ଡି ଓ ସଲାହି ଟୁଡୁ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଏହି ଜୋନ୍‌ରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ କୋରାପୁଟ ଜିଲ୍ଲା ୨-୦ ଗୋଲରେ ମାଲକାନଗିରିକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ କିସାନ ମାଝୀ ଓ ଜିତୁ ମୁଦୁଲି ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ।

### ପ୍ରକାଶଙ୍କ ହ୍ୟାଟ୍ରିକ୍ ସହ ୬ ଗୋଲ

କେନ୍ଦ୍ରାପଡ଼ା ଜୋନ୍‌ରେ ପାରାଦୀପ ପୋର୍ଟ ଟ୍ରଷ୍ଟ ମଧ୍ୟ ବୃହତ୍ ବିଜୟ ହାସଲ କରିଛି। ଏଠାରେ ଖେଳାଯାଇଥିବା ମ୍ୟାଚରେ ପାରାଦୀପ ପୋର୍ଟ ୯-୨ ଗୋଲରେ ପୁରୀ ଜିଲ୍ଲାକୁ ପରାସ୍ତ କରିଛି। ବିଜୟୀ ପାରାଦୀପ ପକ୍ଷରୁ ୭ ନମ୍ବର ଜର୍ସି ପିନ୍ଧିଥିବା ପ୍ରକାଶ ନାୟକ ଡବଲ ହ୍ୟାଟ୍ରିକ୍ ଅର୍ଜନ କରିଛନ୍ତି। ସେ ଏକାକୀ ଖେଳର ୩୦, ୩୬, ୬୦, ୭୩, ୮୫ ଓ ୯୦ ମିନିଟ୍‌ରେ ଗୋଲ ଦେଇଥିଲେ। ସେହିପରି ସୁନାରାମ କେରାଇ, ସୂର୍ଯ୍ୟକାନ୍ତ ଦାସ ଓ ରିତିକ କନୋଜିଆ ଗୋଟିଏ ଲେଖାଏଁ ଗୋଲ ଦେବାରେ ସମର୍ଥ ହୋଇଛନ୍ତି। ପୁରୀ ପକ୍ଷରୁ କାହ୍ନୁ ମଲ୍ଲିକ ଓ ସ୍ମୃତିରଞ୍ଜନ ବେହେରା ଗୋଟିଏ ଲେଖାଏଁ ଗୋଲ ଶୁଝାଇଥିଲେ। ଏହି ଜୋନ୍‌ରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ କଟକ ୩-୦ ଗୋଲରେ ଖୋର୍ଦ୍ଧାକୁ ପରାସ୍ତ କରିଛି। ବିଜୟୀ କଟକ ଦଳ ପକ୍ଷରୁ ପି ଟୁଡୁ, ବାପୁନି ବିଦ୍ଧାଣି ଓ ଦୀନବନ୍ଧୁ ଦାସ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା କଟକ ୨-୦ ଗୋଲରେ ଆଗୁଆ ରହିଥିଲା।

## ପୁଲିସ୍ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୯।୭ (ସମିସ): ଆମେରିକାରେ ଅନୁଷ୍ଠିତ ବିଶ୍ୱ ପୁଲିସ୍ ଓ ଅଗ୍ନିଶମ କ୍ରୀଡ଼ାରେ ପଦକ ବିଜେତା କ୍ରୀଡ଼ାବିତ୍‌ଙ୍କୁ ଆଜି ପୁଲିସ୍ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ସମ୍ବର୍ଦ୍ଧିତ କରିଛନ୍ତି। ଏହି କ୍ରୀଡ଼ାରେ ଓଡ଼ିଶାରୁ ୫ଜଣ ପୁରୁଷ ଓ ୨ଜଣ ମହିଳା ପୁଲିସ୍ କର୍ମଚାରୀ ଅଂଶଗ୍ରହଣ କରି ଭାରତ ଲାଗି ୨୦ଟି ପଦକ ଜିତିଥିଲେ। ତାହା ମଧ୍ୟରେ ୧୩ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୪ଟି କାଂସ୍ୟ ପଦକ ରହିଥିଲା। ଏହି ସଫଳତା ଆଣି ଓଡ଼ିଶା ତଥା ଭାରତକୁ ଗୌରବ ମଣ୍ଡିତ କରିଥିବା ପୁଲିସ୍ କ୍ରୀଡ଼ାବିତ୍‌ମାନଙ୍କୁ ଆଜି କ୍ୟାମ୍ପ କାର୍ଯ୍ୟାଳୟରେ ଡିଜିପି ଖୁରାନିଆ ସମ୍ବର୍ଦ୍ଧିତ କରିଥିଲେ। ଏହି କ୍ରୀଡ଼ାରେ ଅଶୋକ ଦଣ୍ଡସେନା ଏକାକୀ ୭ ସ୍ୱର୍ଣ୍ଣ ଓ ରିଲେ ରେସ୍‌ରେ ଗୋଟିଏ ରୌପ୍ୟ ପଦକ ଜିତିଥିଲେ। ମହିଳା କ୍ରୀଡ଼ାବିତ୍ ସୁସ୍ମିତା ଟିଗ୍ଗା ୨ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୧ଟି କାଂସ୍ୟ ପଦକ, ସବିତା ଟପ୍ପୋ ୧ ସ୍ୱର୍ଣ୍ଣ ଓ ୨ଟି କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡି ଭଗବାନ ରେଡ୍ଡି, ସୁମନ ଶେଖର ଦାସ, ରୀତେଶ ରାୟ ମଧ୍ୟ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ଅଭିଷେକ ପଟ୍ଟନାୟକଙ୍କୁ ଗୋଟିଏ କାଂସ୍ୟ ମିଳିଥିଲା। ଆଜି ଅନୁଷ୍ଠିତ



ସମ୍ବର୍ଦ୍ଧନା ଉତ୍ସବରେ ଡିଜିପିଙ୍କ ବ୍ୟତୀତ ବରିଷ୍ଠ ପୁଲିସ୍ ଅଧିକାରୀ ଅରୁଣ ବୋଥ୍ରା, ରାଜେଶ କୁମାର, ଏସ୍ ଦେବଦତ୍ତ ସିଂ, ପ୍ରତୀକ ମହାନ୍ତି, ନରସିଂହ ଭୋଳ, ଜୟନାରାୟଣ ପଙ୍କଜ, ବିବେକାନନ୍ଦ ଶର୍ମା ଓ ପୁଲିସ୍ କ୍ରୀଡ଼ା ଅଧିକାରୀ ନୀଳମାଧବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS